**ମିଥୁନ** ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବାର ସାହସ ଜୁଟେଇ ପାରିବେ ନାହିଁ। । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ଆଜି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ସ୍ଥିତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆମଦାନୀ, ଲୌହ ଓ ତୈଳ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣଙ୍କ ସେବାଲାଭ କରି ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ କିନ୍ତୁ ବନ୍ଧୁଙ୍କ ବିବାଦରେ ମଧ୍ୟସ୍ଥତା କଲେ ପସ୍ତେଇବେ।

**କନ୍ୟା** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିବା ଯୋଗୁ ମୂଲ୍ୟହୀନ କଥାରେ ଝଗଡ଼ାରେ ଲିପ୍ତ ରହିପାରନ୍ତି।

**ତୁଳା** କୌଣସି କଥାରେ ଅଭାବ ନ ଥିଲେ ମଧ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ବିବାଦୀୟ କିମ୍ବା ଦୁଃଖଦ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା** ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

**ଧନୁ** ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି। ଲୋଭନୀୟ ପ୍ରତିଶ୍ରୁତି ଦେଇ କାମହାସଲ ସକାଶେ ବନ୍ଧୁଙ୍କ ମନରେ ବିଶ୍ୱାସକୁ ଦୃଢ଼ୀଭୂତ କରିପାରନ୍ତି।

**ମକର** ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବା ଫଳରେ ପ୍ରତ୍ୟେକ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ସୃଷ୍ଟିହେବ। ଅଫିସ୍‌ରେ ମଧ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଏଣେ ନିଜର ଲୋକମାନଙ୍କ ବେଖାତିର ମନୋଭାବ ଓ ମନଇଚ୍ଛା କାମ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଆଲୋଚନା ସମୟରେ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ବିଶେଷ ହଇରାଣ ହରକତ ହେବାକୁ ପଡ଼ିପାରେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ ନକଲେ ମିତ୍ରମାନେ ମଧ ଶତ୍ରୁ ପାଲଟି ଯାଇପାରନ୍ତି।

ଆଜି ଅକ୍ଟୋବର ୨୫ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ, ଶନିବାର, ଛଟ୍‌ବ୍ରତ ଆରମ୍ଭ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୯ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# କଂଗ୍ରେସକୁ ସିପିଆଇ(ଏମ୍)ର ସମର୍ଥନ ଘୋଷଣା

**ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)** ଆଗାମୀ ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସକୁ ସିପିଆଇ(ଏମ୍) ସମର୍ଥନ ଦେବ ରାଜ୍ୟ କମିଟି ସମ୍ପାଦକ ସୁରେଶ ପାଣିଗ୍ରାହୀ ଘୋଷଣା କରିଛନ୍ତି। ସେ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି, ନୂଆପଡା ଉପନିର୍ବାଚନରେ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ନୁହେଁ, ଏହା ସମ୍ବିଧାନ, ଧର୍ମନିରପେକ୍ଷତା ଓ ରାଜ୍ୟର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ଜନତା,ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି, ଶ୍ରମିକ, କୃଷକ, ଯୁବକ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସମସ୍ତ ସଚେତନ ନାଗରିକଙ୍କୁ ଏକଜୁଟ୍ ହୋଇ ସାମ୍ପ୍ରଦାୟିକ-ହିନ୍ଦୁବାଦୀ ରାଜନୀତିକୁ ବିଚ୍ଛିନ୍ନ ଏବଂ ପରାସ୍ତ କରିବା ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବ। ସେ କହିଛନ୍ତି, ଓଡ଼ଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାଂପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡନ, ଆଦିବାସୀ ବିସ୍ଥାପନ ଏବଂ ମହିଳା ନିର୍ଯାତନା ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଏହାକୁ ପରାସ୍ତ କରି ସାମ୍ପ୍ରଦାୟିକ ସଦ୍‌ଭାବ ଓ ଗଣତାନ୍ତ୍ରିକ ଅଧିକାରକୁ ରକ୍ଷା କରିବା ଜରୁରୀ ବୋଲି ପାର୍ଟି ବିଚାର କରୁଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକରେ ତପ, ଦୁଇରେ ପାଠ**
**ତିନିରେ ହାଟ, ଚାରିରେ ନାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ହାଟ ସଉଦା କରିବା ଲାଭପ୍ରଦ ହୋଇଥାଏ। ସେହିପରି ଚାରିଜଣ ମିଶି ନାଟ କଲେ ନାଟ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅ ସୁନା-ଦାନା**
**ପାଞ୍ଚ ପୁଅ ଗାଣ୍ଠି ଟଣା ।**

ଗୋଟିଏ ପୁଅ ବାପା-ମା'ଙ୍କ ଚିନ୍ତା ଦୂର କରିଥାଏ। ମାତ୍ର ଅଧିକ ପୁତ୍ର ସନ୍ତାନ ଥିଲେ ଘରର ଧନ ସମ୍ପତ୍ତି ଉପରେ ଲୋଭ ପରବଶ ହୋଇ ପରସ୍ପର ମଧ୍ୟରେ ଟଣାଓଟରା ହୋଇଥାନ୍ତି। ଅଧିକ ସନ୍ତାନ ଘରେ ଅଶାନ୍ତି ସୃଷ୍ଟି କରାଇବା ନେଇ ବହୁ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗୃହ ବିଭାଗ ସୃଷ୍ଟି କଲା ୧୭୧୩ ପଦ

**ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)** ରାଜ୍ୟରେ ଆଇନଶୃଙ୍ଖଳାକୁ ଅଧିକ କଡାକଡ଼ି ଭାବେ ପାଳନ କରିବା ଲାଗି ଗୃହବିଭାଗ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ୧୭୧୩ ପଦ ସୃଷ୍ଟି ହୋଇଛି। ସେଥି ମଧ୍ୟରେ ୩୫ଟି ସବ୍‌ଇନ୍ସପେକ୍ଟର ପଦ ରହିଥିବାବେଳେ ୧୮୦ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଏବଂ ୭୨୦ କନଷ୍ଟେବଳ ପଦ ରହିଛି। ଏହାବାଦ୍ ଗ୍ରୁପ୍-ଡି'ର ୭୭୮ ପଦ ସୃଷ୍ଟି ହୋଇଛି। ଶୁକ୍ରବାର ଏସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସତ୍ୟବ୍ରତ ସାହୁ ମହାଲେଖାକାରଙ୍କୁ ଅବଗତ କରାଇଛନ୍ତି। ଏସିଏସ୍‌ଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ଜରୁରୀ ପରିସ୍ଥିତି ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ଅନୁସନ୍ଧାନ କରିବା ଏବଂ ବିଭିନ୍ନ ସ୍ତରରେ ସମନ୍ୱୟ ରକ୍ଷାକୁ ଦୃଷ୍ଟିରେ ରଖି ୩୫ ଏସ୍‌ଆଇ ପଦ ସୃଷ୍ଟି ହୋଇଛି। ସେହିପରି ସୃଷ୍ଟି ହୋଇଥିବା ୧୮୦ ଏଏସ୍‌ଆଇମାନେ କ୍ଷେତ୍ରସ୍ଥଳରେ ସହାୟତା ଯୋଗାଇବା ସହିତ ସମନ୍ୱୟ ଦାୟିତ୍ୱ ମଧ ସମ୍ଭାଳିବେ। ଏସିଏସ୍ ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ଗ୍ରୁପ୍-ଡି' ବର୍ଗର ଖାଲି ପଡ଼ିଥିବା ୭୭୮ ପଦ ମଧ୍ୟରେ ୭୦୦ ମାଳି ନିଯୁକ୍ତ ହେବାକୁ ରହିଛି। ଏହାବାଦ୍ ୫୫ ସୁଇପରଙ୍କ ସହିତ ଅନ୍ୟାନ୍ୟ ପଦ ରହିଛି।

## ପ୍ରଥମ ପୃଷ୍ଠାରୁ...

### ବାତ୍ୟା: ଓଡ଼ିଶାରେ ...

ୱାର୍ନିଂ ଏବଂ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ବିଜୁଳି ଘଡଘଡି ସହିତ ଝଡ ପବନ ବହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

**ସତର୍କ କଲେ ଏସ୍‌ଆରସି**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟା ସମୟରେ ସତର୍କ ରହିବାକୁ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ଜିଲାପାଳଙ୍କୁ ଏସ୍‌ଆରସି ଚିଠି କରିଛନ୍ତି। ବିଶେଷକରି ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକୁ ଅଧିକ ସତର୍କ ରହିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କୁଆପଥର ମାଡ଼ ଓ ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛିବା ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ଏବଂ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଫେରିଆସିବାକୁ ସୂଚନା ଜାରି କରାଯାଇଛି।

**ବାତ୍ୟା ନାଁ 'ମୋନ୍ଥା'**

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାର ନାମ ଥାଇ ଭାଷାରେ 'ମୋନ୍ଥା' ରଖାଯିବ। ଥାଇଲାଣ୍ଡରେ ଅର୍ଥାତ୍ ଥାଇ ଭାଷାରେ 'ମୋନ୍ଥା'ର ଅର୍ଥ ସୁଗନ୍ଧିତ ଫୁଲ ବା ସୁନ୍ଦର ଫୁଲ। ବାତ୍ୟାଗୁଡିକୁ ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ନାମକରଣ କରାଯାଇଥାଏ। ଟ୍ରପିକାଲ ସ୍ଲାଇକ୍ଲୋନ ପାଇଁ ୧୩ଟି ଦେଶ ନାମକରଣ କରିଥାନ୍ତି। ଏହି ଦେଶଗୁଡ଼ିକ ହେଉଛନ୍ତି ଭାରତ, ବାଂଲାଦେଶ, ଇରାନ, ମାଳଦୀପ, ମ୍ୟାନ୍‌ମାର୍, ଓମାନ, ପାକିସ୍ତାନ, କତାର, ସାଉଦିଆରବ, ଶ୍ରୀଲଙ୍କା, ଥାଇଲାଣ୍ଡ, ୟୁଏଇ ଏବଂ ୟେମେନ। ପ୍ରତି ଦେଶ ବାତ୍ୟାର ନାମକରଣ ପାଇଁ ଏକ ନାମ ତାଲିକା ପ୍ରଦାନ କରିଥାନ୍ତି। ଏହାକୁ ବିଶ୍ୱ ପାଣିପାଗ ସଂସ୍ଥା ବ୍ୟବହାର କରିଥାଏ। ସାଇକ୍ଲୋନକୁ ଚିହ୍ନଟ, ଟ୍ରାକ ଓ ବିପର୍ଯ୍ୟୟ ସଚେତନତା ପାଇଁ ନାମଗୁଡିକୁ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ମହାବାତ୍ୟା ପରେ ବାତ୍ୟାଗୁଡିକର ନାମକରଣ କରାଯାଉଛି।

### ପୋଲିସ ଏସ୍‌ଆଇ ...

ସତାରା ବାହାରେ ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଏକ ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ମଧ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ଅଧକ୍ଷା ରୂପାଲୀ ଚକନ୍‌କର ମୃତ ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଘଟଣାକୁ ସଂଜ୍ଞାନକୁ ନେଇ ସତାରା ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ମହିଳା ଡାକ୍ତର ନିଜ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିବା ପୋଲିସ ଅଧିକାରୀମାନଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଆଡ୍‌ମ୍ୟାନ୍ ପୀୟୂଷ ...

ପୀୟୂଷଙ୍କର ଅବଦାନ ରହିଛି। ୨୦୧୪ ନିର୍ବାଚନ ସମୟରେ 'ଅବ୍ କୀ ବାର, ମୋଦି ସରକାର' ସ୍ଲୋଗାନ୍ ସମେତ ବିଭିନ୍ନ ଲୋକପ୍ରିୟ ବିଜ୍ଞାପନର ସେ ସ୍ରଷ୍ଟା। ୧୯୮୨ରେ ଓଗିଲ୍‌ଭି ଇଣ୍ଡିଆରେ ଯୋଗଦେଇ ସେ ଏହାର ଗ୍ଲୋବାଲ କ୍ରିଏଟିଭ୍ ଚିଫ୍ ହେବା ସହ ଭାରତୀୟ ବିଜ୍ଞାପନକୁ ସ୍ଥାନୀୟ ଭାଷା, ହାସ୍ୟରସ ଓ ଭାବାବେଗ ଆଧାରରେ ନୂତନ ରୂପ ଦେଇଥିଲେ। କାଡ୍‌ବରିର 'କୁଛ୍ ଖାସ୍ ହେଁ', ଏସିଆନ୍ ପେଣ୍ଟସ୍ ପାଇଁ 'ହର୍ ଖୁସି ମେ ରଙ୍ଗ୍ ଲାୟେ' ଏବଂ ଫେଭିକଲ୍ ବିଜ୍ଞାପନ ଦେଶର ସାଂସ୍କୃତିକ ଶବ୍ଦକୋଷର ଅଂଶବିଶେଷ ପାଲଟିଥିଲା। ୨୦୧୬ରେ ପୀୟୂଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାବେଳେ ୨୦୨୪ରେ ଲଣ୍ଡନ ଇଣ୍ଟରନ୍ୟାଶନାଲ ଆୱାର୍ଡର ଲିଜେଣ୍ଡ ଆୱାର୍ଡ ମିଳିଥିଲା। ପୀୟୂଷ ପ୍ରଥମ ଏସୀୟ ଯିଏକି ୨୦୦୪ରେ କାନ୍ସ ଲାଇନ୍ସ ଜୁରିରେ ଅଧକ୍ଷତା କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ-୨୦୨୫, ସ୍ଥନା: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା।
- ଜାତୀୟ ଆଲୋଚନାଚକ୍ର 'ଶ୍ରୀଜଗନ୍ନାଥ ଉପାସନାରେ ଦାରୁଦେବତା ଓ ଶାବର ସଂସ୍କୃତି', ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ, ଭାରତୀୟ, ଭାରତୀୟତା ଏବଂ ରାଷ୍ଟ୍ରୀୟତା ପୃଷ୍ଠଭୂମିରେ ଓଡ଼ିଆ ଅସ୍ମିତା ସଂକ୍ରାନ୍ତ ଜାତୀୟ ସମ୍ମାନ, ସ୍ଥାନ:ଏମ୍‌କେସିଜି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ବାହାର୍ଦ୍ଧା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଷଷ୍ଠ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ସରସ୍ୱତୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୫ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

- ଗୋ ବନ୍ଦାଣ ପର୍ବ ଉଦ୍‌ଯାପନୀ ଦିବସ,ସ୍ଥାନ:ମାଟିହୁଡ଼ି ଗ୍ରାମ ମଣ୍ଡପ, ଦଳା,ସମୟ:ଅପରାହ୍ନ ୩ଟା।
- ଆଦିବାସୀ ଯାତ୍ରା ପରିବେଷଣ, ସ୍ଥାନ: ନିଚୁଆପଦା, ମୋରଡ଼ା, ସମୟ: ରାତି ୯ଟା।

## ବ୍ରହ୍ମପୁର
- ଜିଲାସ୍ତରୀୟ ବେସ୍‌ବଲ ଓ ସଫ୍ଟବଲ ଚାମ୍ପିୟନଶିପ୍, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିଷି, ସମୟ: ସକାଳ ୮ଟା।
- ନବାଗତଙ୍କୁ ସ୍ୱାଗତ ଉତ୍ସବ, ସ୍ଥାନ: ଗୋପାଳପୁର କଲେଜ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ଗଞ୍ଜାମ
- ଅସ୍ଥିଶଲ୍ୟ ରୋଗ ନିରୁପଣ ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ୍ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ହୃଦରୋଗ ପୀଡ଼ିତାଙ୍କ ଜୀବନ ରକ୍ଷା କୌଶଳ ଶିବିର, ସ୍ଥାନ: ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍‌ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସନ୍ଧ୍ୟା ୭ ଟା।

## ଅନୁଗୋଳ
- ଲିପ୍ତିଙ୍ଗା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର
- ପରିବେଶ ସୁରକ୍ଷା ଅଭିଯାନ, ସ୍ଥାନ: ଏରଡ଼ା (୨), ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନଷ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମଣ୍ଡଳସ୍ତରୀୟ ସୁରଭ କାର୍ଯ୍ୟକ୍ରମ, ସ୍ଥାନ: ମଧୁସାଗର ବିଦ୍ୟାପୀଠ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗହୀରମଥା ମହୋତ୍ସବ, ସ୍ଥାନ: ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୩ୟ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ: ଖାଙ୍କି ମଠ ନୟାଗଡ଼, ସମୟ: ପ୍ରାତଃ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥା ମୃତର ୩ୟ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ, ସମୟ: ସକାଳ ୭ଟା।
- ନାଗ ଚତୁର୍ଥୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ସକାଳ ୭ଟା ୩୦।
- ଅଗ୍ନିଶମ ବାହିନୀକୁ ଜାଣିବା, ସ୍ଥାନ: ନୂଆଗାଁ ଅଗ୍ନିଶମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ତୃତୀୟ ଦିବସରେ ପ୍ରବଚନ, ସ୍ଥାନ: ଖାଙ୍କି ମଠ ନୟାଗଡ଼, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମ ବାର୍ଷିକ ଭାଗବତ କଥା ମୃତର ୩ୟ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡ଼ିପଡ଼ା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଗିରି ଗୋବର୍ଦ୍ଧନ ପୂଜାର ୪ର୍ଥ ଦିବସରେ ବାଦି ପାଲା ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ମା ଛିନ୍ନମସ୍ତାଙ୍କ ପୂଜାର୍ଚ୍ଚନା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର
- ଉତ୍ସାହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି
- ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଶିଶୁ ଗୃହ, ମାଲକାନଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ମାଲ୍ୟବନ୍ତ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବାର୍ଷିକ ବାଣିଜ୍ୟ ସମ୍ମିଳନୀ ମର୍ମାଞ୍ଜ୍କ ୧୦.୦ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ଆୟୋଜନରେ ବକ୍ତୃତାମାଳା, ସ୍ଥାନ: ଭାଲୁପାଲି ଛକ ନିକଟସ୍ଥ ରୟାଲ ରିଟ୍ରିଟ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳର ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଓଡ଼ିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍, ସ୍ଥାନ: ଦିଲ୍ଲୀପ ତିର୍କୀ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଛଟ୍ ପୂଜା ନହାୟ ଓ ଖାଏ ବିଧି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋଏଲ ନଦୀ ଘାଟ, ସମୟ: ସକାଳ ୮ଟା।
- ଛଟ୍ ପୂଜା ପାଇଁ ପୂଜା ସାମଗ୍ରୀ ବଣ୍ଟନ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ସକାଳ ୯ଟା।
- ଛଟ୍ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି ଆଦିତ୍ୟ ଘାଟ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେଲିଙ୍ଗା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଏଚ୍‌ସିଇ ଆଥଲାଟିକ୍ ମିଟ୍, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ସଚ୍ଚିଦାନନ୍ଦ ସ୍ମୃତି ବକ୍ତୃତାମାଳା ଓ ସାରସ୍ୱତ ସମାରୋହ, ସ୍ଥାନ: ସଚ୍ଚିଦାନନ୍ଦ ସ୍ମୃତି ସମିତି, ରାଉରକେଲା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ ତମ ଲକ୍ଷ୍ମୀ ପୂଜା, ସ୍ଥାନ: ବଣିକ ସଂଘ, ଗାଇସିଲେଟ, ସମୟ: ପୂର୍ବାହ୍ନ ୮ଟା।
- ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ତୃତୀୟ ଦିବସରେ ମହିଳା ଗ୍ରୁପ ଦ୍ୱାରା ରାମାୟଣ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମ ଜୁଗୁଲା ଡଙ୍ଗର ନିକଟ ପୂଜା ମଣ୍ଡପ,ସମୟ: ରାତ୍ର ୮ଟା।

## ବୌଦ୍ଧ
- ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ବୌଦ୍ଧ , ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ ମିଳନ, ସ୍ଥାନ: ତୁଳସୀ କଲ୍ୟାଣ ମଣ୍ଡପ ବାଉଁଶୁଣୀ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷି ଉତ୍ପାଦକ ସଂଘ ନିମନ୍ତେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହର ଘୋଡାଘାଟପଡାସ୍ଥିତ ସାର୍ବଜନୀନ କାଳୀପୂଜା ଅବସରରେ ସମ୍ବଲପୁରୀ ଅର୍କେଷ୍ଟ୍ରା, ସ୍ଥାନ: ଘୋଡାଘାଟପଡା ଛକ, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନି ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

# କଂଗ୍ରେସକୁ ସିପିଆଇ(ଏମ୍)ର ସମର୍ଥନ ଘୋଷଣା

**ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)**

ଆଗାମୀ ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସକୁ ସିପିଆଇ(ଏମ୍) ସମର୍ଥନ ଦେବ ରାଜ୍ୟ କମିଟି ସମ୍ପାଦକ ସୁରେଶ ପାଣିଗ୍ରାହୀ ଘୋଷଣା କରିଛନ୍ତି। ସେ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି, ନୂଆପଡା ଉପନିର୍ବାଚନରେ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ନୁହେଁ, ଏହା ସମ୍ବିଧାନ, ଧର୍ମନିରପେକ୍ଷତା ଓ ରାଜ୍ୟର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ଜନତା,ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି, ଶ୍ରମିକ, କୃଷକ, ଯୁବକ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସମସ୍ତ ସଚେତନ ନାଗରିକଙ୍କୁ ଏକଜୁଟ୍ ହୋଇ ସାମ୍ପ୍ରଦାୟିକ-ହିନ୍ଦୁବାଦୀ ରାଜନୀତିକୁ ବିଚ୍ଛିନ୍ନ ଏବଂ ପରାସ୍ତ କରିବା ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବ। ସେ କହିଛନ୍ତି, ଓଡ଼ଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାଂପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡନ, ଆଦିବାସୀ ବିସ୍ଥାପନ ଏବଂ ମହିଳା ନିର୍ଯାତନା ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଏହାକୁ ପରାସ୍ତ କରି ସାମ୍ପ୍ରଦାୟିକ ସଦ୍‌ଭାବ ଓ ଗଣତାନ୍ତ୍ରିକ ଅଧିକାରକୁ ରକ୍ଷା କରିବା ଜରୁରୀ ବୋଲି ପାର୍ଟି ବିଚାର କରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକରେ ତପ, ଦୁଇରେ ପାଠ**
**ତିନିରେ ହାଟ, ଚାରିରେ ନାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ହାଟ ସଉଦା କରିବା ଲାଭପ୍ରଦ ହୋଇଥାଏ। ସେହିପରି ଚାରିଜଣ ମିଶି ନାଟ କଲେ ନାଟ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅ ସୁନା-ଦାନା**
**ପାଞ୍ଚ ପୁଅ ଗାଣ୍ଠି ଟଣା ।**

ଗୋଟିଏ ପୁଅ ବାପା-ମା'ଙ୍କ ଚିନ୍ତା ଦୂର କରିଥାଏ। ମାତ୍ର ଅଧିକ ପୁତ୍ର ସନ୍ତାନ ଥିଲେ ଘରର ଧନ ସମ୍ପତ୍ତି ଉପରେ ଲୋଭ ପରବଶ ହୋଇ ପରସ୍ପର ମଧ୍ୟରେ ଟଣାଓଟରା ହୋଇଥାନ୍ତି। ଅଧିକ ସନ୍ତାନ ଘରେ ଅଶାନ୍ତି ସୃଷ୍ଟି କରାଇବା ନେଇ ବହୁ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବାତ୍ୟା: ଓଡ଼ିଶାରେ...

୨୯ ପର୍ଯ୍ୟନ୍ତ ଅତ୍ୟନ୍ତ ଅଶାନ୍ତରୁ ଉଚ୍ଚ ହେବାର ସମ୍ଭାବନା ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ଏହିସବୁ ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ବୌଦ୍ଧ ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ସୋମବାର ୨୭ତାରିଖରେ ରାଜ୍ୟର ସମସ୍ତ ଜିଲାକୁ ୟୋଲେ ୱାର୍ନିଂ ଏବଂ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ବିଜୁଳି ଘଡଘଡି ସହିତ ଝଡ ପବନ ବହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସତର୍କ କଲେ ଏସ୍‌ଆର୍‌ସି

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟା ସମୟରେ ସତର୍କ ରହିବାକୁ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ଜିଲାପାଳଙ୍କୁ ଏସ୍‌ଆର୍‌ସି ଚିଠି କରିଛନ୍ତି। ବିଶେଷକରି ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକୁ ଅଧିକ ସତର୍କ ରହିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କୁଆପଥର ମାଡ଼ ଓ ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛିବା ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ଏବଂ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଫେରିଆସିବାକୁ ସୂଚନା ଜାରି କରାଯାଇଛି।

### ବାତ୍ୟା ନାଁ 'ମୋନ୍ଥା'

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାର ନାମ ଥାଇ ଭାଷାରେ 'ମୋନ୍ଥା' ରଖାଯିବ। ଥାଇଲାଣ୍ଡରେ ଅର୍ଥାତ୍ ଥାଇ ଭାଷାରେ 'ମୋନ୍ଥା'ର ଅର୍ଥ ସୁଗନ୍ଧିତ ଫୁଲ ବା ସୁନ୍ଦର ଫୁଲ। ବାତ୍ୟାଗୁଡ଼ିକୁ ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ନାମକରଣ କରାଯାଇଥାଏ। ଟ୍ରପିକାଲ ସାଇକ୍ଲୋନ ପାଇଁ ୧୩ଟି ଦେଶ ନାମକରଣ କରିଥାନ୍ତି। ଏହି ଦେଶଗୁଡ଼ିକ ହେଉଛନ୍ତି ଭାରତ, ବାଂଲାଦେଶ, ଇରାନ, ମାଳଦୀପ, ମ୍ୟାନ୍‌ମାର୍, ଓମାନ, ପାକିସ୍ତାନ, କତାର, ସାଉଦିଆରବ, ଶ୍ରୀଲଙ୍କା, ଥାଇଲାଣ୍ଡ, ୟୁଏଇ ଏବଂ ୟେମେନ। ପ୍ରତି ଦେଶ ବାତ୍ୟାର ନାମକରଣ ପାଇଁ ଏକ ନାମ ତାଲିକା ପ୍ରଦାନ କରିଥାନ୍ତି। ଏହାକୁ ବିଶ୍ୱ ପାଣିପାଗ ସଂସ୍ଥା ବ୍ୟବହାର କରିଥାଏ। ସାଇକ୍ଲୋନକୁ ଚିହ୍ନଟ, ଟ୍ରାକ ଓ ବିପର୍ଯ୍ୟୟ ସଚେତନତା ପାଇଁ ନାମଗୁଡିକୁ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ମହାବାତ୍ୟା ପରେ ବାତ୍ୟାଗୁଡିକର ନାମକରଣ କରାଯାଉଛି।

### ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ, ...

ଖାଦ୍ୟ ମହଜୁଦ ଅଛି। ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯେଭଳି ଜାରି ରହିବ ସେନେଇ ଶକ୍ତି ବିଭାଗକୁ ବି ଆଲର୍ଟ କରାଯାଇଛି। ଯଦି ବାତ୍ୟା ଭୟଙ୍କର ରୂପ ନିଏ, ସେନେଇ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁକୁହାଯାଇଛି। ଲଘୁଚାପଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ପୋଲିସ ଏସ୍‌ଆଇ ୪ ...

ଉପରେ ପ୍ରବଳ ଚାପ ପଡୁଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉ ନ ଥିବା ରୋଗୀଙ୍କ ପାଇଁ ଫିଟ୍‌ନେସ୍ ସାର୍ଟିଫିକେଟ ଦେବାକୁ ମଧ୍ୟ ତାଙ୍କୁ ବାଧ୍ୟ କରାଯାଉଥିଲା। ସେପଟେ ଡାକ୍ତର ଏକ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିବା ବିଷୟ ଜଣାପଡ଼ିବା ପରେ ଶୁକ୍ରବାର ରାଜ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ମହିଳାଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍‌କୁ ଆଧାରକରି କଂଗ୍ରେସ ନେତା ବିଜୟ ନାମଦେବରାଓ ୱାଡେଟ୍ଟିୱାର ଶାସକ ମହାଯୁତି ସରକାରକୁ ଟାର୍ଗେଟ କରିଛନ୍ତି। ବିଜୟ 'X'ରେ ଲେଖିଛନ୍ତି, ରକ୍ଷକ ଯେବେ ଭକ୍ଷକ ସାଜନ୍ତି! ପୋଲିସର କର୍ତ୍ତବ୍ୟ ହେଉଛି ସୁରକ୍ଷା ଦେବା। କିନ୍ତୁ ସେମାନେ ଯଦି ନିଜେ ଜଣେ ମହିଳା ଡାକ୍ତରଙ୍କୁ ଶୋଷଣ କରୁଛନ୍ତି ନ୍ୟାୟ କେମିତି ମିଳିବ? ବଳାତ୍କାର ଶିକାର ଯୁବତୀ ପୂର୍ବରୁ ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନ ଥିଲା ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ମହାଯୁତି ସରକାର ପୋଲିସକୁ ବାରମ୍ବାର ସୁରକ୍ଷା ଦେଉଥିବାରୁ ପୋଲିସ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଥିବା ସେ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ମହାଯୁତି ସରକାରରେ ଥିବା ଭାଜପା ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି କହିଛି। ବିଧାନ ପରିଷଦର ଭାଜପା ସଦସ୍ୟା ଓ ରାଜ୍ୟ ମହିଳା ସଭାନେତ୍ରୀ ଚିତ୍ରା ୱାଘ କହିଛନ୍ତି, ଏହି ଘଟଣା ତାଙ୍କୁ ବ୍ୟଥିତ କରିଛି। ସେ ସତାରା ଏସ୍‌ପିଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏଫ୍‌ଆଇଆର୍ ରୁଜୁ ହୋଇଛି। ଜଣେ ଅଭିଯୁକ୍ତ ସତାରା ବାହାରେ ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଏକ ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ରୂପାଲୀ ଚକନ୍‌କର ମୃତ ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଘଟଣାକୁ ସଂଜ୍ଞାନକୁ ନେଇ ସତାରା ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ମହିଳା ଡାକ୍ତର ନିଜ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିବା ପୋଲିସ ଅଧିକାରୀମାନଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଆଡ୍‌ମ୍ୟାନ୍ ପୀୟୂଷ ...

ହେବ। ପୀୟୂଷଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସୃଜନଶୀଳତା ପାଇଁ ପୀୟୂଷଜୀ ସବୁବେଳେ ମନେ ରହିବେ। ବିଜ୍ଞାପନ ଓ ଯୋଗାଯୋଗ ଜଗତକୁ ତାଙ୍କୁ ସ୍ମାରକୀୟ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ଫେଭିକଲ୍, କାଡବରି ଏବଂ ଏସିଆନ୍ ପେଣ୍ଟ୍ସର ପ୍ରତିଷ୍ଠିତ ବିଜ୍ଞାପନ ପଛରେ ପୀୟୂଷଙ୍କର ଅବଦାନ ରହିଛି। ୨୦୧୪ ନିର୍ବାଚନ ସମୟରେ 'ଅବ୍ କୀ ବାର, ମୋଦି ସରକାର' ସ୍ଲୋଗାନ୍ ସମେତ ବିଭିନ୍ନ ଲୋକପ୍ରିୟ ବିଜ୍ଞାପନର ସେ ସ୍ରଷ୍ଟା। ୧୯୮୨ରେ ଓଗିଲ୍‌ଭି ଇଣ୍ଡିଆରେ ଯୋଗଦେଇ ସେ ଏହାର ଗ୍ଲୋବାଲ କ୍ରିଏଟିଭ୍ ଚିଫ୍ ହେବା ସହ ଭାରତୀୟ ବିଜ୍ଞାପନକୁ ସ୍ଥାନୀୟ ଭାଷା, ହାସ୍ୟରସ ଓ ଭାବାବେଗ ଆଧାରରେ ନୂତନ ରୂପ ଦେଇଥିଲେ। କାଡ୍‌ବରିର 'କୁଛ୍ ଖାସ୍ ହୈ', ଏସିଆନ୍ ପେଣ୍ଟ୍ସ ପାଇଁ 'ହର୍ ଖୁସି ମେ ରଙ୍ଗ୍ ଲାୟେ' ଏବଂ ଫେଭିକଲ୍ ବିଜ୍ଞାପନ ଦେଶର ସାଂସ୍କୃତିକ ଶବ୍ଦକୋଷର ଅଂଶବିଶେଷ ପାଲଟିଥିଲା। ୨୦୧୬ରେ ପୀୟୂଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାବେଳେ ୨୦୨୪ରେ ଲଣ୍ଡନ ଇଣ୍ଟରନ୍ୟାଶନାଲ ଆୱାର୍ଡର ଲିଜେଣ୍ଡ ଆୱାର୍ଡ ମିଳିଥିଲା। ପୀୟୂଷ ପ୍ରଥମ ଏସୀୟ ଯିଏକି ୨୦୦୪ରେ କାନ୍ସ ଲାଇନ୍ସ ଜୁରିରେ ଅଧ୍ୟକ୍ଷତା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ର ନୀଚ ରାଶିରେ ଥିବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟି ଜନିତ ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳକୁ ଯାଇପାରିବେ ନାହିଁ। ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ** – ରାହୁଙ୍କ ପ୍ରଭାବରୁ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ପାରିବାରିକ ଶାନ୍ତି ହରାଇବେ। ବାକି ପଡ଼ିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେବାକୁ ପଡ଼ିପାରେ। ଦେଣନେଣ କାରବାରରେ କୌଣସି ବନ୍ଧୁଙ୍କ ସହ ମତାନ୍ତର ତୀବ୍ର ହେବାର ସୂଚନା ରହିଛି।

**ମିଥୁନ** – ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବାର ସାହସ ଜୁଟେଇ ପାରିବେ ନାହିଁ। । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** – ଆଜି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ସ୍ଥିତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** – ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆମଦାନୀ, ଲୌହ ଓ ତୈଳ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣଙ୍କ ସେବାଲାଭ କରି ସହଯାତ୍ରିଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ କିନ୍ତୁ ବନ୍ଧୁଙ୍କ ବିବାଦରେ ମଧ୍ୟସ୍ଥତା କଲେ ପସ୍ତେଇବେ।

**କନ୍ୟା** – କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିବା ଯୋଗୁ ମୂଲ୍ୟହୀନ କଥାରେ ଝଗଡ଼ାରେ ଲିପ୍ତ ରହିପାରନ୍ତି।

**ତୁଳା** – କୌଣସି କଥାରେ ଅଭାବ ନ ଥିଲେ ମଧ୍ୟ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ବିବାଦୀୟ କିମ୍ବା ଦୁଃଖଦ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା** – ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

**ଧନୁ** – ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି। ଲୋଭନୀୟ ପ୍ରତିଶ୍ରୁତି ଦେଇ କାମହାସଲ ସକାଶେ ବନ୍ଧୁଙ୍କ ମନରେ ବିଶ୍ୱାସକୁ ଦୃଢ଼ୀଭୂତ କରିପାରନ୍ତି।

**ମକର** – ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବା ଫଳରେ ପ୍ରତ୍ୟେକ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ସୃଷ୍ଟିହେବ। ଅଫିସ୍‌ରେ ମଧ୍ୟ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଏଣେ ନିଜର ଲୋକମାନଙ୍କ ବେଖାତିର ମନୋଭାବ ଓ ମନଇଚ୍ଛା କାମ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି।

**କୁମ୍ଭ** – ଆଜିର ଆଲୋଚନା ସମୟରେ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ବିଶେଷ ହଇରାଣ ହରକତ ହେବାକୁ ପଡ଼ିପାରେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ ନକଲେ ମିତ୍ରମାନେ ମଧ୍ୟ ଶତ୍ରୁ ପାଲଟି ଯାଇପାରନ୍ତି।

ଆଜି ଅକ୍ଟୋବର ୨୫ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ, ଶନିବାର, ଛଟ୍‌ବ୍ରତ ଆରମ୍ଭ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୯ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ବ୍ରହ୍ମପୁରରୁ ଅନ୍ୟ ଜେଲକୁ ଯିବେ ପିଣ୍ଟୁ

**ପୀତବାସ ପଣ୍ଡା ହତ୍ୟା ମାମଲା**



ଶିବଶଙ୍କର ଦାଶ ଓରଫ ପିଣ୍ଟୁ

ବ୍ରହ୍ମପୁର,୨୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ସେମାନଙ୍କ ମଧ୍ୟରେ ଥିବା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପିଣ୍ଟୁ ଦାଶଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ନିମନ୍ତେ ବ୍ରହ୍ମପୁର ମଣ୍ଡଳ କାରାଗାର କର୍ତ୍ତୃପକ୍ଷ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନଙ୍କ କୋର୍ଟରେ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ ଏଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କୁ ଅନୁମତି ପ୍ରଦାନ କରିଥିବା ଏପିପି ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି। ଆସନ୍ତା ୨୭ତାରିଖରେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପଠାଯିବାକୁ ସ୍ଥିର ହୋଇଛି। ଅନ୍ୟପଟେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ନୁହେଁ, ଆଖପାଖର କୌଣସି ଜେଲରେ ରଖିବାକୁ ଅନୁମତି ଦିଆଯାଉ ବୋଲି ତାଙ୍କ ସ୍ତ୍ରୀ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଉକ୍ତ ପିଟିଶନର ଶୁଣାଣି ଶନିବାର ହେବ ବୋଲି ସୂଚନା ମିଳିଛି।

ପୀତବାସ ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ପିଣ୍ଟୁଙ୍କ ସମେତ ବିଜେଡି ନେତା ମଦନ ମୋହନ ଦଳେଇ ଓ କର୍ପୋରେଟର ମଳୟ ବିଶୋୟୀଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ଏପଟେ ଏହି କାରାଗାରରେ ଶାନ୍ତି ମିଶ୍ର ହତ୍ୟା ମାମଲାର ଅଭିଯୁକ୍ତମାନେ ମଧ୍ୟ ରହୁଛନ୍ତି। ଶାନ୍ତି ମିଶ୍ର ପିଣ୍ଟୁଙ୍କ ପ୍ରମୁଖ ସହଯୋଗୀ ଥିଲେ। ସେହିକ୍ରମରେ ଶାନ୍ତି ମିଶ୍ର ହତ୍ୟା ମାମଲାର ଅଭିଯୁକ୍ତଙ୍କ ସହ ପିଣ୍ଟୁଙ୍କ ପୂର୍ବରୁ ଶତ୍ରୁତା ରହିଛି। ଅନ୍ୟପକ୍ଷରେ ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ପୀତବାସଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ ବୋଲି ପୋଲିସ କହୁଛି। ଏଭଳି ସ୍ଥିତିରେ ପିଣ୍ଟୁ ବ୍ରହ୍ମପୁର ଜେଲରେ ରହିଲେ ସମସ୍ୟା ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ଜେଲରେ ଥିବା ବିକ୍ରମ, ମଦନ ଓ ମଳୟଙ୍କ କେସ ଲଢ଼ିବା ପାଇଁ ୫୩ ଜଣ ଆଇନଜୀବୀ ଓକିଲାତିନାମା ଦେଇଛନ୍ତି।

# ରାଜନଗର ଥାନା: ଭୂତ ସାକ୍ଷୀରେ ମିଛ ମାମଲା

- ୨୦୨୩ ନଭେମ୍ବର ୧୩ରେ କେସ ରୁଜୁ ହେଲା
- ୨୦୨୧ ଏପ୍ରିଲ ୧୮ରେ ମରିଥିବା ଲୋକ ଦେଲେ ସାକ୍ଷୀ
- ୨୦୨୪ ଅଗଷ୍ଟ ୯ରେ ମାମଲା ଫଲ୍‌ସ ଦର୍ଶାଯାଇଛି

ରାଜନଗର,୨୪।୧୦(ଭାସ୍କର ରାଉତରାୟ)

ରାଜନଗର ଥାନାରେ ଆଇନର ଶାସନ ଭୁଶୁଡ଼ି ପଡ଼ିଛି। ଗୋଟିଏ ଦୁଇ ବୋତଲ ମଦ ଜବତ ହେଲେ ଆମେ ୧୦ ଲିଟର ଜବତ ଦର୍ଶାଇ କୋର୍ଟ ଚାଲାଣ କରୁଥିବା ନେଇ ନିଜେ ଆଇଆଇସି ଖୋଲା ସଭାରେ କହି ଆଇନ ବ୍ୟବସ୍ଥାର ଧ୍ୱଜା ଉଡାଇଥିଲେ। ଏହି ଚର୍ଚ୍ଚା ଥମି ନ ଥିବାବେଳେ ଥାନାରେ କିପରି ସତ ମାମଲାକୁ ମିଛ କରିବାକୁ ଭୂତଙ୍କ ସହାୟତା ନିଆଯାଏ, ତାର ପ୍ରମାଣ ମିଳିଛି। ଥାନାର ଏପରି ମିଛ ତଦନ୍ତ ଓ ଭୂତ ସାକ୍ଷୀ ଘଟଣାକୁ ନେଇ ଅଭିଯୋଗକାରୀ ପୋଲିସ ନାଁରେ କୋର୍ଟରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ନଉକୋଣା ଜୟଗୁରୁ ଆଶ୍ରମର ସମ୍ପାଦକ କ୍ଷୀରୋଦ କୁମାର ମଲ୍ଲିକ ୨୦୨୩ନଭେମ୍ବର ୧୩ରେ ଆଶ୍ରମର ଭାଇମାନଙ୍କୁ ମର୍ଡର କରିବାକୁ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ଆଶ୍ରମରେ ଗୋଟିଏ ଗୋଷ୍ଠୀ ତାଲା ପକାଇବା ଓ ପୋଲିସ ପହଞ୍ଚି ଆଶ୍ରମରେ ତାଲା ଖୋଲିବା ପରେ ଏହି ଘଟଣା ଘଟିଥିଲା। ଥାନାରେ ଦଫା ୪୪୭ , ୧୮୮ , ୫୦୬ରେ ନଂ. ୬୩୨/୨୦୨୩ରେ ମାମଲା ରୁଜୁ ହୋଇଥିଲା। ମାତ୍ର ଥାନାର ସବ୍ ଇନ୍ସପେକ୍ଟର ନାରାୟଣ ସାହୁ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଘଟଣା ମିଛ ବୋଲି ଦର୍ଶାଇ ମାମଲାକୁ ବନ୍ଦ କରିବାକୁ କୋର୍ଟକୁ ୨୦୨୪ ଅଗଷ୍ଟ ୯ରେ ଜଣାଇଛନ୍ତି। ଥାନାର ସବ୍ ଇନ୍ସପେକ୍ଟର ସାହୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଘଟଣା ସପକ୍ଷରେ କୌଣସି ଏଭିଡେନ୍ସ ନ ଥିବାରୁ ମାମଲାକୁ ବନ୍ଦ କରିଦେବାକୁ ଦର୍ଶାଇଛନ୍ତି। ତଦନ୍ତକାରୀ ପୋଲିସ ଅଫିସର କୋର୍ଟକୁ ଦେଇଥିବା ରିପୋର୍ଟରେ ସେହି ଗାଁର ସୁନାକର ପଢ଼ିହାରୀ ୨୦୨୩ ନଭେମ୍ବର ୧୩ରେ ତାଙ୍କ ସମ୍ମୁଖରେ ହାଜର ହୋଇ କ୍ଷୀରୋଦ କୁମାର ମଲ୍ଲିକ ଓ ଗୌରାଙ୍ଗ ବରାଳଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁକ୍ତିତର୍କ ଲାଗିଥିଲେ। କେହି କାହାକୁ ଗାଳିଗୁଲଜ କରିବା ଓ ଧମକ ଚମକ ଦେବା ଆଦି କୌଣସି ଘଟଣା ଘଟି ନ ଥିବା ବୟାନ ଦେଇଥିବା ଦର୍ଶାଇଛନ୍ତି। ସବୁଠୁ ବଡ଼ କଥା ହେଲା ବିନ୍ଧାନାଉକୋଣା ଗାଁର ସୁନାକର ପଢିହାରୀଙ୍କ ୨୦୨୧ ଏପ୍ରିଲ ୧୮ରେ ମୃତ୍ୟୁ ହୋଇଥିଲା। ୨୦୨୧ ଏପ୍ରିଲରେ ମୃତ୍ୟୁବରଣ କରିଥିବା ସୁନାକର କିପରି ଥାନାରେ ୨୦୨୩ ନଭେମ୍ବର ୧୩ରେ ଅର୍ଥାତ ମୃତ୍ୟୁର ୩୧ ମାସ ପରେ ସାକ୍ଷୀ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପୋଲିସ ଠିକ୍ ତଦନ୍ତ ନ କରି କିପରି ଭୂତ ସାକ୍ଷୀରେ ଘଟଣା ସପକ୍ଷରେ କୌଣସି ପ୍ରମାଣ ନ ଥିବାରୁ ମାମଲା ବନ୍ଦ କରିବାକୁ କୋର୍ଟକୁ ଜଣାଇଥିଲେ, ଏହି ଘଟଣା ସବୁ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରୀ କ୍ଷୀରୋଦ କୁମାର ମଲ୍ଲିକ ରାଜନଗର କୋର୍ଟରେ ଆଉ ଏକ ମାମଲା ରୁଜୁ କରିଛନ୍ତି। ପୋଲିସ ମୃତ ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇ ମାମଲାକୁ ଫଲ୍‌ସ କରିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ଦେବଦତ୍ତ ସେଠୀଙ୍କୁ ପଚାରିବାରୁ ପୋଲିସ ମୃତ ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇବା ଧର୍ତ୍ତବ୍ୟ ଅପରାଧ। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୧୨୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ଜଳେଶ୍ୱର,୨୪।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଅଧୀନ ଅଞ୍ଚଳରେ ପୋଲିସ ବୁଧବାର ଓ ଗୁରୁବାର ଚଢାଉ କରି ୧୨୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି।

ବୁଧବାର ରାତି ୮ଟାରେ ଜଳେଶ୍ୱର ପୋଲିସ ସହର ଉପକଣ୍ଠସ୍ଥ ଏକ ବାଇକ୍ ଶୋ'ରୁମ୍ ନିକଟରୁ ୩୪ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯିବା ସହ ୨ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମହମ୍ମଦନଗରପାଟଣା ପଞ୍ଚାୟତ ସେଖସରାଇ ଗାଁର ଓ ଷ୍ଟେସନ ବଜାର ଅଞ୍ଚଳର। ସେମାନଙ୍କଠାରୁ ୩ଟି ମୋବାଇଲ ସହ ଏକ କାର୍(ନଂ. ଓଡ଼ି୦୧ଏପି-୮୭୯୨) ଜବତ ହୋଇଛି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୪୮୩/୨୫) ରୁଜୁ ହୋଇଛି। ସେହିପରି ଗୁରୁବାର ପୂର୍ବାହ୍ନ ୧୦ଟାରେ ଅଗ୍ରୱାଲା ବାଇପାସ୍ ନିକଟରୁ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ୯୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଗିରଫ ଯୁବକଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳରେ। ଏ ନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୪୮୪/୨୫) ରୁଜୁ କରି ପୋଲିସ ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରିଛି।

## ସ୍ୱାମୀ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଉଦଳା,୨୪।୧୦
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ପାତାସାହି ଗ୍ରାମରେ ଘରୋଇ କଳହକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗୁରୁବାରୀ ପୂର୍ତ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଭଞ୍ଜ ପୂର୍ତ୍ତିଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୯୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତି ୮ଟାରେ ଭଞ୍ଜ କାମରୁ ଘରକୁ ଫେରିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଗୁରୁବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ଭଞ୍ଜ ଏକ କାଠଫାଳିଆରେ ଗୁରୁବାରୀଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହେବାରୁ ଚିକିତ୍ସା ପାଇଁ ମେଡିକାଲ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ମହିଳା ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୨୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏଡିଜେ କୋର୍ଟରେ ମହିଳାଙ୍କୁ ହତ୍ୟା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ବନ୍ଧସାହି ଗ୍ରାମର ସାଧୁ ଦାସ(୨୭)ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୭ ଏପ୍ରିଲ ୨୦୧୯ରେ ଗୁରୁବାରୀ ଦାସ(୧୯)ଙ୍କୁ ତାଙ୍କ ସମ୍ପର୍କୀୟ ସାଧୁ ଦାସ ମାଂସ ତରକାରି ରୋଷେଇ କରିଦେବାକୁ ଡାକିଥିଲେ। ମାଂସ ତରକାରି ରାନ୍ଧି ଗୁରୁବାରୀ ନିଜ ଘରକୁ ଫେରିଯାଇଥିଲେ। ସାଧୁ ରାତି ୧୦ଟାରେ ଗୁରୁବାରୀଙ୍କ ଘରକୁ ଆସି ଗୁରୁବାରୀଙ୍କ ମାଆ ରୁଦେଇ ଦାସଙ୍କୁ ପୁଅ ଗୋଲ ଦାସ ତାଙ୍କ ଘରୁ ପଇସା ଆଣିଛି କି ବୋଲି ପଚାରିଥିଲେ। ଗୁରୁବାରୀ ଓ ତାଙ୍କ ମାଆ ରୁଦେଇ ମନା କରିବାରୁ ଅଭିଯୁକ୍ତ ସାଧୁ ଏକ କୁରାଢ଼ି ଆଣି ରୁଦେଇଙ୍କ ବେକକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଗୁରୁବାରୀ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ଘଟଗାଁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଶୁକ୍ରବାର ସମସ୍ତ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଡିଶନାଲ ପିପି ପ୍ରଫୁଲ୍ଲ ପାତ୍ର ସୂଚନା ଦେଇଛନ୍ତି।

# ପୋଲିସକୁ ମାଡ଼: ଏସ୍‌ଆଇ, କନଷ୍ଟେବଲ ଆହତ

ଛେଣ୍ଡିପଦା,୨୪।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ପୋଲିସକୁ ଶୁକ୍ରବାର ସ୍ଥାନୀୟ କୋଇଲା ଡିପୋ ନିକଟରେ ଏକ କମ୍ପାନୀର କେତେଜଣ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଓ କନଷ୍ଟେବଲ ରମାକାନ୍ତ ମାଝୀ ଆହତ ହୋଇଛନ୍ତି। ସେମାନଙ୍କ ଏକ ବାଇକ୍‌କୁ ଭାଙ୍ଗି ଦିଆଯାଇଛି। ତେବେ ମାଡ଼ ମାରିବାର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ଜରପଡ଼ା ଷ୍ଟେଶନରୁ ଟ୍ରେନ୍ ମାଧ୍ୟମରେ କୋଇଲା ପରିବହନକୁ ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗିରହିଛି। ସନ୍ଧ୍ୟାରେ ଏସ୍‌ଆଇ ଲଳିତ ମୋହନ ଓ କନଷ୍ଟେବଲ ରମାକାନ୍ତ ମୋଟର ସାଇକେଲରେ ଦୁର୍ଗାପୁର ଅଞ୍ଚଳରୁ ଫେରୁଥିବା ବେଳେ କୋଇଲା ଡିପୋକୁ ନେଇ ହୋଇଥିବା ବିବାଦ ସ୍ଥାନକୁ ଯାଇଥିଲେ। ଏହି ସମୟରେ ଏକ କମ୍ପାନୀର କେତେଜଣ କର୍ମଚାରୀ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ଥାନା ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହୀ ଥାନା ପୋଲିସ ଶୁକ୍ରବାର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାବୁପଡା ଗ୍ରାମର ବୈକୁଣ୍ଠ ତାଜନ(୪୪)। ଧରୁଆଡିହୀ ଥାନା ପୋଲିସ ମାମଲା ନଂ. ୨୧୩/୨୫ ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ବିବାହିତ ତାଜନ ତାଙ୍କ ପଡ଼ୋଶୀ ଯୁବତୀଙ୍କୁ ହତ୍ୟା ଭୟ ଦେଖାଇ ୩ରୁ ୪ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣକ ଗୁରୁବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତା ୭ ମାସର ଗର୍ଭବତୀ ଥିବା ଡାକ୍ତରୀ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ଜଣାପଡ଼ିଛି।

## ନାବାଳିକାଙ୍କୁ ଗଣବଳାତ୍କାର

ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ରାତିରେ ଘରେ ଏକାକୀ ଥିବାବେଳେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ଏବଂ ଅନ୍ୟ ଜଣେ ସମ୍ପର୍କୀୟ ଦାଦା ବୋଲି ଜଣାପଡ଼ିଛି।

**Business**

# ବିଦ୍ୟୁତୀକରଣ କ୍ଷମତା ବୃଦ୍ଧି କରୁଛି ପୂର୍ବତଟ ରେଳପଥ

**ହାଇସ୍ପିଡ୍, ମାଲ ପରିବହନକୁ ପ୍ରୋତ୍ସାହନ**

ଭୁବନେଶ୍ୱର,୨୪।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏହାର ନେଟ୍‌ୱର୍କର ପ୍ରମୁଖ ଅଂଶଗୁଡ଼ିକରେ ୨X୨୫ କେଭି ଓଭରହେଡ୍ ବିଦ୍ୟୁତୀକରଣ ସିଷ୍ଟମ ପ୍ରଚଳନ ସହ ଏହାର ଉନ୍ନତ ବିଦ୍ୟୁତୀକରଣ ଭିତ୍ତିଭୂମିର ବିସ୍ତାର ଆରମ୍ଭ କରିଛି। ଏହି ପଦକ୍ଷେପ ଭୋଲ୍ଟେଜ ନିୟନ୍ତ୍ରଣକୁ ଉନ୍ନତ କରିବା, ସେମି ହାଇସ୍ପିଡ୍ ଟ୍ରେନ୍‌ଗୁଡ଼ିକ ପାଇଁ ସୁଗମ କାର୍ଯ୍ୟ ସୁନିଶ୍ଚିତକରି ଅତ୍ୟଧିକ ଲୋଡ୍ ହୋଇଥିବା ମାଲ ପରିବହନ ଟ୍ରେନ୍‌ଗୁଡ଼ିକର ଗତିକୁ ସହଜ କରିବା ଏବଂ ସିଷ୍ଟମରେ ସ୍ଥିର ଭୋଲ୍ଟେଜ ସ୍ତର ବଜାୟ ରଖିବା ଲକ୍ଷ୍ୟ ରଖିଛି। ୩,୦୦୦ ନିୟୁତ ଟନ୍ ମାଲ ପରିବହନ କ୍ଷମତା ହାସଲକରିବା ଏବଂ ବନ୍ଦେ ଭାରତ ଏକ୍ସପ୍ରେସ୍ ଭଳି ହାଇସ୍ପିଡ୍ ଟ୍ରେନ୍ ପ୍ରଚଳନକୁ ପ୍ରୋତ୍ସାହନ କରିବା ପାଇଁ ବର୍ତ୍ତମାନର ୧ X୨୫ କେଭି ଓଏଚ୍‌ଇ ସିଷ୍ଟମକୁ ଅଧିକ ଦକ୍ଷ ୨ X ୨୫ କେଭି ସିଷ୍ଟମରେ ଅପ୍‌ଗ୍ରେଡ୍ କରାଯାଉଛି। ଏହି ଉନ୍ନତ ସିଷ୍ଟମ ଅଧୀନରେ ଲାଇନ ସହ ୫୦ କେଭିରେ ବିଦ୍ୟୁତ୍ ପରିବହନ କରାଯାଏ ଏବଂ ଟ୍ରେନ୍‌କୁ ଯୋଗାଣ ପାଇଁ ଏହାକୁ ୨୫ କେଭିକୁ ହ୍ରାସ କରାଯାଏ। ଏହି ସିଷ୍ଟମଟି ୫୦ କେଭି ଟ୍ରାନ୍ସଫର୍ମର ଏବଂ ମଧ୍ୟବର୍ତ୍ତୀ ଅଟୋଟ୍ରାନ୍ସଫର୍ମର ସହ ସଜ୍ଜିତ ଟ୍ରାକ୍ସନ ସବ୍‌ଷ୍ଟେଶନ ମାଧ୍ୟମରେ କାର୍ଯ୍ୟକରେ। ପୂର୍ବରୁ ଭଦ୍ରକ-ଖୋର୍ଦ୍ଧା ରୋଡ୍, ପଲାସା-ବିଜୟନଗରମ, କଟକ-ପାରାଦୀପ, କଟକ-ତାଳଚେର-ଅନୁଗୋଳ ଏବଂ ବିଜୟନଗରମ-ରାୟଗଡ଼ା ସମେତ ଅନେକ ସେକ୍ସନରେ ୧ X ୨୫ କେଭିରୁ ୨ X ୨୫ କେଭି ଓଏଚ୍‌ଇକୁ ଉନ୍ନତୀକରଣ ଆରମ୍ଭ କରିସାରିଛି। ଏହି ପ୍ରକଳ୍ପଗୁଡ଼ିକ ୨୦୨୭-୨୮ ସୁଦ୍ଧା ପର୍ଯ୍ୟାୟକ୍ରମେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଟ୍ରାକ୍ସନ କ୍ଷମତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ ୪୬୮.୩୮ କୋଟି ମୂଲ୍ୟରେ ଖୋର୍ଦ୍ଧାରୋଡ୍ ଡିଭିଜନ ଅଧୀନରେ ଖୋର୍ଦ୍ଧା ରୋଡ୍-ପଲାସା ଡବଲ ଲାଇନ ସେକ୍ସନର ଉନ୍ନତୀକରଣ କରିବ। ଏହି ସେକ୍ସନ ଭାରତୀୟ ରେଳପଥର ସ୍ୱର୍ଣ୍ଣ ଚତୁର୍ଭୁଜ ରୁଟ୍‌ର କୋଲକାତା-ଚେନ୍ନାଇ କରିଡରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନକରି ହାଇସ୍ପିଡ୍ କୋଚିଂ ଟ୍ରେନ ଏବଂ ଭାରୀ ମାଲପରିବହନ ଉଭୟକୁ ପରିଚାଳନା କରେ। ଏହା ଗୋପାଳପୁର ପୋର୍ଟସ ଲିମିଟେଡ୍ ଏବଂ ଇଣ୍ଡିଆନ ରେଆର୍ ଆର୍ଥସ୍ ଲିମିଟେଡ୍ ଭଳି ପ୍ରମୁଖ ଶିଳ୍ପ ସାଇଡିଂକୁ ମଧ୍ୟ ସଂଯୋଗକରେ। ଏହି ସେକ୍ସନରେ ୨ x ୨୫ କେଭି ଟ୍ରାକ୍ସନ ସିଷ୍ଟମ କାର୍ଯ୍ୟକାରୀ କରାଯାଇବା ଫଳରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇବ। ଦ୍ରୁତ ଏବଂ ଭାରୀ ଟ୍ରେନ ଚଳାଚଳକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି।

# ପତଞ୍ଜଳିର ଏମରଜେନ୍ସି ଓ କ୍ରିଟିକାଲ କେୟାର ହସ୍ପିଟାଲ



ଭୁବନେଶ୍ୱର,୨୪।୧୦

ପତଞ୍ଜଳି ଯୋଗପୀଠରେ ଅତ୍ୟାଧୁନିକ ପତଞ୍ଜଳି ଇମରଜେନ୍ସି ଓ କ୍ରିଟିକାଲ କେୟାର ହସ୍ପିଟାଲର ଅନୌପଚାରିକ ଉଦ୍‌ଘାଟନ ହୋଇଯାଇଛି। ଯୋଗଗୁରୁ ରାମଦେବ ଓ ଆଚାର୍ଯ୍ୟ ବାଳକ୍ରିଷ୍ଣାଙ୍କ ଉପସ୍ଥିତିରେ ଯଜ୍ଞ ଓ ବେଦମନ୍ତ୍ର ସହ ଏହା ଆରମ୍ଭ ହୋଇଛି। ଏହି ଅବସରରେ ରାମଦେବ କହିଛନ୍ତି, ଏହା ଚିକିତ୍ସା ବିଜ୍ଞାନର ନୂଆ ଅଧ୍ୟାୟ। ଦିଲ୍ଲୀ-ଏନ୍‌ସିଆର୍‌ରେ ଏମ୍ସ, ଆପୋଲୋ ଓ ମେଦାନ୍ତାଠାରୁ ବଡ଼ ହସ୍ପିଟାଲ ଶୀଘ୍ର ଆସିବ। ଏହା କର୍ପୋରେଟ ନୁହେଁ, ସେବାମୂଳକ ହସ୍ପିଟାଲ ହେବ। ଆୟୁର୍ବେଦ, ମଡର୍ନ ମେଡିସିନ ଓ ପ୍ରାକୃତିକ ଚିକିତ୍ସାର ଏକୀକୃତ ଚିକିତ୍ସା ପଦ୍ଧତି ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ କରାଯିବ। ଆଚାର୍ଯ୍ୟ ବାଳକ୍ରିଷ୍ଣା କହିଛନ୍ତି, ମଡର୍ନ ମେଡିସିନର ୨୦% ଓ ପାରମ୍ପରିକ ଚିକିତ୍ସାର ୮୦% ମିଶାଇ ଚିକିତ୍ସା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରାଯିବ। ହସ୍ପିଟାଲରେ ବ୍ରେନ୍, ହାର୍ଟ, ସ୍ପାଇନ ସର୍ଜରି ସହ ଏମ୍‌ଆର୍‌ଆଇ, ସିଟି ସ୍କାନ, ଏକ୍ସ-ରେ, ଅଲ୍‌ଟ୍ରାସାଉଣ୍ଡ ଓ ପାଥୋଲୋଜିକାଲ ଯାଞ୍ଚ ସୁବିଧା ରହିଛି। ରୋଗୀମାନେ ମହଙ୍ଗା ପ୍ୟାକେଜ ବୋଝରୁ ମୁକ୍ତ ହେବେ। ପତଞ୍ଜଳିର ଅନୁସନ୍ଧାନ କେନ୍ଦ୍ର ଓ ଏକୀକୃତ ଚିକିତ୍ସା ପଦ୍ଧତି ଏହାକୁ ବିଶେଷ କରୁଛି।

# ଆମେରିକାରୁ ଜିଏମ୍ ସୋୟାବିନ୍ ଡିଓସି ଆମଦାନୀ ବନ୍ଦ ଦାବି

ଭୁବନେଶ୍ୱର,୨୪।୧୦(ଅନୁରାଧା ମହାରଣା)

ସୋୟାବିନ୍ ପ୍ରୋସେସର୍ସ ଆସୋସିଏସନ (ସୋପା) କେନ୍ଦ୍ର ସରକାରଙ୍କୁ ଆମେରିକାରୁ ଜେନେଟିକ୍ ମଡିଫାଏଡ୍ (ଜିଏମ) ସୋୟାବିନ୍ ଡି-ଅଏଲ୍ଡ କେକ୍ (ଡିଓସି) ଆମଦାନୀ ବନ୍ଦ କରିବାକୁ ଦାବି କରିଛି। ସୋପାର କହିବା ଅନୁସାରେ, ଦେଶରେ ପର୍ଯ୍ୟାପ୍ତ ଘରୋଇ ଉତ୍ପାଦନ ଥିବାରୁ ଏପରି ଆମଦାନିର ଆବଶ୍ୟକତା ନାହିଁ। ସୋପା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲଙ୍କୁ ଲେଖିଥିବା ଚିଠିରେ କହିଛି, ଚଳିତ ବିପଣନ ବର୍ଷ (ଅକ୍ଟୋବର ୨୦୨୫-ସେପ୍ଟେମ୍ବର ୨୦୨୬) ପାଇଁ ଦେଶରେ ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। ଜିଏମ୍ ସୋୟାବିନ୍ ଡିଓସି ଆମଦାନୀ ଅନୁମତି ମିଳିଲେ ଭାରତୀୟ କୃଷକ ଓ ଉଦ୍ୟୋଗ ଉଭୟଙ୍କ ପାଇଁ କ୍ଷତିକାରକ ହେବ। କୃଷକମାନେ ଏବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରୁ କମ୍ ଦାମ୍‌ରେ ଫସଲ ବିକ୍ରି କରୁଛନ୍ତି। ଶସ୍ତା ବିଦେଶୀ ଜିଏମ୍ ଡିଓସି ବଜାରରେ ଆସିଲେ ସୋୟାବିନ୍ ଦର ଆହୁରି ଖସିବ, ଯାହା କୃଷକଙ୍କ ଆୟ ହ୍ରାସକରି ଖେତିକୁ କ୍ଷତିକାରକ କରିବ। ସୋପା କହିଛି, ଏହି ଆମଦାନି ଭାରତୀୟ ସୋୟାବିନ୍ ପ୍ରକ୍ରିୟାକରଣ ଉଦ୍ୟୋଗ ଉପରେ ବଡ଼ ପ୍ରଭାବ ପକାଇବ। ଏହା 'ଆତ୍ମନିର୍ଭର ଭାରତ' ନୀତିକୁ ମଧ୍ୟ କ୍ଷତି ପହଞ୍ଚାଇବ। ଭାରତ ବିଶ୍ୱରେ ନନ୍-ଜିଏମ୍ ସୋୟାବିନ୍ ଉତ୍ପାଦ ପାଇଁ ପରିଚିତ। ଅନେକ ଦେଶ କେବଳ ପ୍ରାକୃତିକ ଓ ନନ୍-ଜିଏମ୍ ଉତ୍ପାଦ କିଣୁଛନ୍ତି। ଜିଏମ୍ ଉତ୍ପାଦକୁ ଅନୁମତି ଦେଲେ ଭାରତର ଏହି ପରିଚୟ ଦୁର୍ବଳ ହେବ। ସୋପା ସରକାରଙ୍କୁ ଅନୁରୋଧ କରିଛି, ଜିଏମ୍ ସୋୟାବିନ୍ ଡିଓସିକୁ କୌଣସି ବାଣିଜ୍ୟ ଚୁକ୍ତି କିମ୍ବା ଆମଦାନୀ ଅନୁମତିରୁ ବାଦ୍ ଦିଆଯାଉ। ଦେଶର ନନ୍-ଜିଏମ୍ କୃଷି ଓ ପ୍ରକ୍ରିୟାକରଣ ବ୍ୟବସ୍ଥାର ସୁରକ୍ଷା କରାଯାଉ।


## ସ୍ୱାଗତ କରନ୍ତୁ ଏପରି ସମୃଦ୍ଧିକୁ ଯାହା ଦୀପାବଳି ପରେ ମଧ୍ୟ ବଜାୟ ରହିବ

ଦୀପାବଳି ବର୍ଷର ସବୁଠାରୁ ଶୁଭ ସମୟ ମଧ୍ୟରୁ ଅନ୍ୟତମ, ଯାହା ନୂତନ ଶୁଭାରମ୍ଭକୁ ଉତ୍ସାହିତ କରିଥାଏ । ଆପଣଙ୍କ ଘରେ ଆଲୋକକୁ ଆମନ୍ତ୍ରଣ କରିବା ଏବଂ ମାନସିକ ଓ ଆର୍ଥିକ ଦୃଷ୍ଟିରୁ ଆପଣଙ୍କ ଜୀବନରେ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସମ୍ଭାବନାକୁ ଆପଣାଇବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ । ଦୀପାବଳି ପାରମ୍ପରିକ ଭାବରେ ସମୃଦ୍ଧି, ପ୍ରାଚୁର୍ଯ୍ୟ ଏବଂ ଧନ ସହିତ ଜଡ଼ିତ । ବଦଳୁଥିବା ସମୟ ସହିତ, ସେହି ଉପାଦାନଗୁଡ଼ିକୁ ବାସ୍ତବରେ ହାସଲ କରିବା ଦିଗରେ ଆପଣ ଠିକ୍ ପଦକ୍ଷେପ ନେବା ଆବଶ୍ୟକ ।

**ଆଜିର ଦୁନିଆରେ ସମୃଦ୍ଧିର ଅର୍ଥ କ'ଣ**

ସମୟ ସହିତ ସମୃଦ୍ଧିର ଅର୍ଥ ମଧ୍ୟ ବଦଳିଆସିଛି । ବର୍ତ୍ତମାନ ତାହା କେବଳ ସୁନା କିମ୍ବା ନଗଦ ଜମା ପରି ଭୌତିକ ସମ୍ପତ୍ତି ମଧ୍ୟରେ ସୀମିତ ନୁହେଁ । ସମୃଦ୍ଧି ବାସ୍ତବପକ୍ଷରେ ଆର୍ଥିକ ସୁରକ୍ଷା ଏବଂ ସ୍ୱାଧୀନତାରେ ନିହିତ ହୋଇଥାଏ । ଅର୍ଥାତ୍, ଏହା ହେଉଛି ଆପଣଙ୍କର ଲକ୍ଷ୍ୟକୁ ସମର୍ଥନ କରିବା, ଜୀବନର ଅନିଶ୍ଚିତତା ସହ ମୁକାବିଲା କରିବା ଏବଂ ମାନସିକ ଶାନ୍ତି ଉପଭୋଗ କରିବାର ସାମର୍ଥ୍ୟ ।

ଏହିପରି ସମୃଦ୍ଧି ଗଢ଼ିବା ପାଇଁ ସୁଚିନ୍ତିତ ଯୋଜନା, ନିୟମିତ ସଞ୍ଚୟ ଏବଂ ନିରନ୍ତର ବିନିଯୋଗ ଆବଶ୍ୟକ ହୋଇଥାଏ । ମ୍ୟୁଚୁଆଲ ଫଣ୍ଡରେ ନିବେଶ ହେଉ କି ଇକ୍ୱିଟି ଏବଂ ଡେଟ୍ ଇନଷ୍ଟ୍ରୁମେଣ୍ଟ କିମ୍ବା ଅନ୍ୟାନ୍ୟ ନିୟନ୍ତ୍ରିତ ବିକଳ୍ପ ମାଧ୍ୟମରେ ହେଉ, ପ୍ରତ୍ୟେକ ଶୃଙ୍ଖଳିତ ପଦକ୍ଷେପ ଆପଣଙ୍କୁ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ନିକଟତର ହେବାରେ ସାହାଯ୍ୟ କରେ ।

ଧୈର୍ଯ୍ୟ ଏବଂ ନିରନ୍ତରତା ସହିତ ନିବେଶ କେବଳ ଏକ ଆର୍ଥିକ କାର୍ଯ୍ୟ ନୁହେଁ ବରଂ ଏକ ଅଭ୍ୟାସରେ ପରିଣତ ହୋଇଯାଏ । ଏହା ପାର୍ବଣ ପରେ ମଧ୍ୟ ଆପଣଙ୍କ ଧନ ଯେପରି ଆପଣଙ୍କ ପାଇଁ କାମ କରିବା ଜାରି ରଖିବ ତାହା ସୁନିଶ୍ଚିତ କରିଥାଏ ।

**ଲକ୍ଷ୍ମୀ ପୂଜା ଉପରେ ଏକ ଆଧୁନିକ ଦୃଷ୍ଟିକୋଣ**

ପରମ୍ପରାକୁ ସମ୍ମାନ ଦେବାର ଅର୍ଥ ଏହା ନୁହେଁ ଯେ ଆମେ ସେଗୁଡ଼ିକୁ ପଛରେ ଛାଡ଼ି ଆଗକୁ ବଢ଼ିଯିବା; ବରଂ ତାହାର ସାରମର୍ମକୁ ଆଧୁନିକ ଜୀବନରେ ସନ୍ନିବିଷ୍ଟ କରିବା । ଏହି ଦୀପାବଳିରେ, ମା' ଲକ୍ଷ୍ମୀଙ୍କ କୃପାକୁ ଆମନ୍ତ୍ରଣ କରିବା ପାଇଁ ପାରମ୍ପରିକ ରୀତିନୀତି ସହିତ ନିଜର ଆର୍ଥିକ ମୂଳଦୁଆକୁ ମଜଭୁତ କରିବା ପାଇଁ ମଧ୍ୟ ବ୍ୟାବହାରିକ ପଦକ୍ଷେପ ନିଅନ୍ତୁ ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

**ନିଜର ବ୍ୟକ୍ତିଗତ ଆର୍ଥିକ ଅଭ୍ୟାସରେ ପାରମ୍ପରିକ ବିଜ୍ଞତାକୁ କେମିତି ସାମିଲ କରିବେ:**

- **ଆପଣଙ୍କ ଆର୍ଥିକ ଜୀବନକୁ ପରିଚ୍ଛନ୍ନ କରନ୍ତୁ:** ଦୀପାବଳି ପୂର୍ବରୁ ଯେମିତି ଆପଣ ନିଜ ଘରକୁ ସଫା କରନ୍ତି, ସେହିପରି ଆପଣଙ୍କର ଖର୍ଚ୍ଚଗୁଡ଼ିକର ସମୀକ୍ଷା କରନ୍ତୁ, ବକେୟା ବିଲ୍‌ଗୁଡ଼ିକୁ ପୈଠ କରନ୍ତୁ ଏବଂ ଆପଣଙ୍କର ଆର୍ଥିକ ଦସ୍ତାବିଜଗୁଡ଼ିକୁ ବ୍ୟବସ୍ଥିତ କରନ୍ତୁ । ଅଧିକ ଦକ୍ଷତାର ସହିତ ସଞ୍ଚୟ ଏବଂ ନିବେଶ କରିବାର ଉପାୟଗୁଡ଼ିକୁ ଚିହ୍ନଟ କରନ୍ତୁ ।
- **ଖର୍ଚ୍ଚ ଅପେକ୍ଷା ସଞ୍ଚୟକୁ ପ୍ରାଥମିକତା ଦିଅନ୍ତୁ:** ସଞ୍ଚୟ ଧନ ସୃଷ୍ଟିର ଆଧୁନିକ ଉପାୟ ଅଟେ । ମନଇଚ୍ଛା ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ କରିବା ପୂର୍ବରୁ ଆପଣଙ୍କ ଆୟର ଏକ ନିର୍ଦ୍ଦିଷ୍ଟ ପ୍ରତିଶତକୁ ସଞ୍ଚୟ ଏବଂ ନିବେଶ ପାଇଁ ଅଲଗା କରି ରଖନ୍ତୁ ।
- **ଲକ୍ଷ୍ୟର ସହିତ ନିବେଶ କରନ୍ତୁ:** ଏକ ବ୍ୟବସ୍ଥିତ ନିବେଶ ଯୋଜନା (ଏସ୍.ଆଇ.ପି.) କିମ୍ବା ଆବଧିକ ଏକକାଳୀନ ଅବଦାନ ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ନିୟମିତ ନିବେଶ କରି ଆପଣଙ୍କ ଅର୍ଥକୁ ଆପଣଙ୍କ ପାଇଁ କାମ କରିବାକୁ ଦିଅନ୍ତୁ । ଏପରିକି କମ୍ ପରିମାଣର ଓ ନିୟମିତ ନିବେଶ ମଧ୍ୟ ଚକ୍ରବୃଦ୍ଧିର ଶକ୍ତି ମାଧ୍ୟମରେ ସମୟ ସହିତ ଆପଣଙ୍କ ଧନକୁ ଅପେକ୍ଷାକୃତ ବୃଦ୍ଧି କରିପାରେ ।
- **ପ୍ରତିବର୍ଷ ଆପଣଙ୍କ ପୋର୍ଟଫୋଲିଓର ସମୀକ୍ଷା କରନ୍ତୁ:** ନିଜର ପୋର୍ଟଫୋଲିଓକୁ ସମୀକ୍ଷା କରିବାର କାର୍ଯ୍ୟକୁ ଦୀପାବଳିର ଏକ ପ୍ରଥାରେ ପରିଣତ କରନ୍ତୁ । ଆପଣଙ୍କର ଆସେଟ୍ ଆଲୋକେସନ୍ ଆପଣଙ୍କ ଆର୍ଥିକ ଲକ୍ଷ୍ୟ ସହ ଖାପ ଖାଉଛି କି ନାହିଁ ତାହାର ମୂଲ୍ୟାୟନ କରନ୍ତୁ ଓ ଆପଣଙ୍କର ଆୟ ବଢ଼ିବା ସହିତ ଧୀରେ ଧୀରେ ନିଜର ନିବେଶ ପରିମାଣକୁ ମଧ୍ୟ ବୃଦ୍ଧି କରନ୍ତୁ ।

ନିଜର ଦୀପାବଳି ବୋନସ୍‌ର ଏକ ଅଂଶକୁ ନିଜର ଆର୍ଥିକ ଯୋଜନାକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରନ୍ତୁ - ତାହା ଦୀର୍ଘମିଆଦୀ ଲକ୍ଷ୍ୟ ହୋଇପାରେ, ଜରୁରିକାଳୀନ ପାଣ୍ଠି ହୋଇପାରେ କିମ୍ବା ପିଲାଙ୍କ ଶିକ୍ଷା ପାଇଁ ସଞ୍ଚୟ ହୋଇପାରେ ।

**ସାରାଂଶ**

ଆପଣଙ୍କ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଆପଣଙ୍କର ସୁରକ୍ଷା ଓ ଆତ୍ମବିଶ୍ୱାସକୁ ସୁନିଶ୍ଚିତ କରିବା ପାଇଁ ଏକ ମୂଳଦୁଆ ଗଠନ କରିବା ହିଁ ପ୍ରକୃତ ସମୃଦ୍ଧି ଅଟେ । ନିରବଚ୍ଛିନ୍ନ ଭାବେ ନିବେଶ କରି ଆପଣ ନିଜର ଆର୍ଥିକ ସ୍ୱାଧୀନତାକୁ ବଜାୟ ରଖିପାରିବେ, ନିଜର ସ୍ୱପ୍ନଗୁଡ଼ିକୁ ସାକାର କରିପାରିବେ ଏବଂ ଆପଣଙ୍କ ସଫଳତାରୁ ନିଜର ପ୍ରିୟଜନଙ୍କୁ ମଧ୍ୟ ଲାଭାନ୍ୱିତ କରିପାରିବେ । ବିଜ୍ଞତାର ସହ ଓ ନିୟମିତ ଭାବେ ନିବେଶ କରି ଆପଣ ନିଜ ପାଇଁ ଏପରି ଧନ ସଞ୍ଚୟ କରିବାରେ ସକ୍ଷମ ହୋଇଥାନ୍ତି ଯାହା ପାର୍ବଣର କ୍ଷଣସ୍ଥାୟୀ ଉଲ୍ଲାସ ପରେ ମଧ୍ୟ ତିଷ୍ଠି ରହିଥାଏ ।

ସମୃଦ୍ଧି କେବଳ ଏକ କ୍ଷଣସ୍ଥାୟୀ ଉପହାର ନୁହେଁ; ଏହା ଏକ ନିରନ୍ତର ଯାତ୍ରା ଅଟେ ଯାହାକୁ ଆପଣ ଧୈର୍ଯ୍ୟ, ଶୃଙ୍ଖଳା ଏବଂ ସୁଚିନ୍ତିତ ନିଷ୍ପତ୍ତି ମାଧ୍ୟମରେ ସମ୍ପନ୍ନ କରିଥାନ୍ତି । ଦୀପାବଳିର ଦୀପ ଭଳି ନିଜର ଧନକୁ ମଧ୍ୟ ଝଲସିବାକୁ ଦିଅନ୍ତୁ, ଯାହା ଉତ୍ସବ ପରେ ମଧ୍ୟ ଆପଣଙ୍କ ଜୀବନକୁ ଆଲୋକିତ କରିବା ଜାରି ରଖିବ ।

**ଦାବିତ୍ୟାଗ:**
**ଏସ୍‌ଆଇପି ଲାଭର ଆଶ୍ୱାସନା କିମ୍ବା ପତନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ ।
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ ।
ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋରସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal
ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS

"ମହାନ୍ ଆତ୍ମାମାନଙ୍କୁ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡିଥାଏ। ଯେଉଁମାନେ ସାରାବିଶ୍ୱର ପୂଜନୀୟ- ସେମାନେ ଏକୁଟିଆ ବିଚରଣ କରୁଥାନ୍ତି। ସେମାନଙ୍କର ମହତ ଚେଷ୍ଟା ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ। କିନ୍ତୁ ଅବିଚଳିତ ରହନ୍ତି ସେମାନେ। ସେମାନଙ୍କ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ। -ଶ୍ରୀଅରବିନ୍ଦ



# ଶାସନର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମସ୍ୟା ସମାଧାନ ହେଉ କିମ୍ବା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରତିଦିନ ଜଣେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅମଲାଙ୍କ ସହ ଘଣ୍ଟା ଘଣ୍ଟା ଆଲୋଚନା କରନ୍ତି ନାହିଁ। କିନ୍ତୁ ନରେନ୍ଦ୍ର ମୋଦି ଏହା କରୁଛନ୍ତି। ନିକଟରେ ମୋଦି ୩.୦ ବ୍ୟାନରରେ ଶାସନର ନବୀକରଣ ପାଇଁ ଲଗାତର ବାବୁମାନଙ୍କ ସହ ଆଲୋଚନା କରୁଥିଲେ। କିନ୍ତୁ ଏବେ ଗତିବିଧି ଅଧିକ ପ୍ରଭାବଶାଳୀ ହୋଇଛି। ତ୍ୱରିତ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭକରି ଉତ୍ତରଦାୟିତ୍ୱ ଏବଂ ତୃଣମୂଳସ୍ତରରେ ନୀତିକୁ କାର୍ଯ୍ୟକାରୀ କରାଇବା ପର୍ଯ୍ୟନ୍ତ ସରକାର କିପରି କାମ କରିବେ ତାହା ଉପରେ ପୁନର୍ବିଚାର ହେଉଛି। ମୋଦି ଅନୁଭବ କରିଛନ୍ତି, ଯଦି ବାବୁମାନେ ପୁରୁଣା ଅଭ୍ୟାସରେ ବୁଡ଼ି ରହନ୍ତି, ତେବେ କେବଳ ନୂତନ ଆଇନ ଏବଂ ସ୍ଲୋଗାନ ଦ୍ୱାରା ଆଖିଦୃଶିଆ ପରିବର୍ତ୍ତନ ଆସିପାରିବ ନାହିଁ। ଶାସନ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା, ସମନ୍ୱୟ ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନକୁ ନେଇ ଆଲୋଚନା ହେଉଛି। ଶାସନ ପ୍ରକ୍ରିୟାରେ କେଉଁସବୁ ତତ୍ତ୍ୱ ବାଧା ଉପୁଯାଉଛି ତାହାକୁ ସରକାର ରୋକିବାକୁ ଚାହାନ୍ତି। ନେହେରୁଙ୍କ ପରଠାରୁ ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଅମଲାତନ୍ତ୍ରକୁ ଆଧୁନିକୀକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି; କିନ୍ତୁ କେହି କରିପାରିନାହାନ୍ତି। ଭାରତର ପ୍ରଶାସନିକ ସେବା ପ୍ରାୟତଃ କାର୍ଯ୍ୟଦକ୍ଷତା ନୁହେଁ, ବରିଷ୍ଠତାକୁ ନେଇ ଆଗକୁ ବଢ଼ିଛି। ତେଣୁ ଯେପର୍ଯ୍ୟନ୍ତ ମୋଦିଙ୍କ ନବୀକରଣ ପ୍ରକ୍ରିୟା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ନିଶ୍ଚିତ ନ କରିଛି ଏବଂ ସଚ୍ଚୋଟ ଅଧିକାରୀମାନଙ୍କୁ ରାଜନୈତିକ ପଞ୍ଝାରୁ ରକ୍ଷା ନ କରିଛି, ସେ ପର୍ଯ୍ୟନ୍ତ ଆମେ ପୁନର୍ବାର ସମାନ ସମସ୍ୟାକୁ ସାମ୍ନା କରିବୁ। ବଡ଼ ବଡ଼ କଥା ଶୁଣିବାକୁ ମିଳିବ, ଅଥଚ କମ୍ ପରିବର୍ତ୍ତନ ଆସିବ। ତଥାପି, ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଧାନମନ୍ତ୍ରୀ ବାବୁମାନଙ୍କୁ ଭାଷଣ ଶୁଣାଇବା ପରିବର୍ତ୍ତେ ସେମାନଙ୍କୁ ସକ୍ରିୟ କରୁଛନ୍ତି। କହିବାକୁ ଗଲେ ଏକ ଛୋଟ ସଂସ୍କୃତିଗତ ପରିବର୍ତ୍ତନ।

### ଅଜବ ଇସ୍ତଫା ମାମଲା

ଭାରତର ବାବୁସାମ୍ରାଜ୍ୟରେ ନିୟମକୁ କିପରି ସାମାନ୍ୟ ମୋଡ଼ ଦିଆଯାଇପାରେ ତାହା କାନ୍ନନ ଗୋପୀନାଥନ୍‌ଙ୍କ ଘଟଣାରେ ଦେଖିବାକୁ ମିଳେ। ନାଗରିକ ସ୍ୱାଧୀନତା ଉପରେ ମୁହଁଖୋଲି ୨୦୧୯ରେ ଆଇଏଏସ୍‌ରୁ ଇସ୍ତଫା ଦେଇଥିବା ଗୋପୀନାଥନ୍ କହିଛନ୍ତି, ସରକାର ଔପଚାରିକ ଭାବରେ ତାଙ୍କ ଇସ୍ତଫା ଗ୍ରହଣ କରି ନ ଥିଲେ। ଏପରିକି ୬ବର୍ଷ ପରେ ଏବେ ସେ କଂଗ୍ରେସରେ ଯୋଗଦେଇଥିବାବେଳେ ତାଙ୍କୁ ସେବାରୁ ବିରତ କରାଯାଇନାହିଁ। ସେବା ନିୟମ ଅନୁଯାୟୀ, କୌଣସି ଶୃଙ୍ଖଳାଗତ ତଦନ୍ତ କିମ୍ବା ବକେୟା ଦେୟ ନ ଥିଲେ ସାଧାରଣତଃ ଜଣେ ଅଧିକାରୀଙ୍କ ଇସ୍ତଫା ଗ୍ରହଣ କରାଯାଏ। ଯେହେତୁ ଏହି ପ୍ରକ୍ରିୟା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ, ସେଥିପାଇଁ ସରକାର ସ୍ୱାଧୀନ ଭାବେ ନିଷ୍ପତ୍ତି ନେଉଛନ୍ତି। ଗୋପୀନାଥନ୍‌ଙ୍କ କ୍ଷେତ୍ରରେ,'ହଁ' କିମ୍ବା 'ନା' ସ୍ପଷ୍ଟ କରାଯାଇନାହିଁ। ସେ ନା ଜଣେ ସେବାକାରୀ ଅଧିକାରୀ କିମ୍ବା ଜଣେ ମୁକ୍ତ ନାଗରିକ ହୋଇପାରୁଛନ୍ତି। ଅନେକ ବର୍ଷ ଧରି ଅନିଶ୍ଚିତତାରେ ରହିପାରୁଥିବା ଇସ୍ତଫାପତ୍ର ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ବ୍ୟବସ୍ଥା ଠିକ୍ ଭାବେ ଚାଲୁନାହିଁ। ତେବେ ପ୍ରଶ୍ନ ଉଠୁଛି, ସରକାରଙ୍କ ପାଖରେ ଇସ୍ତଫାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବ କରିବାର କିମ୍ବା ଅଣଦେଖା କରିବାର ଏକପାଖିଆ କ୍ଷମତା ଅଛି କି? ଯଦି ନିୟମ ପୁସ୍ତକରେ ସାଧାରଣ ଭାବେ ଇସ୍ତଫା ଗୃହୀତ ହେବା କଥା ଉଲ୍ଲେଖ ଅଛି, ତେବେ ଏଥିରେ ହୋଇଥିବା ବ୍ୟତିକ୍ରମର ଯଥାର୍ଥତା ଦର୍ଶାଇବା ଉଚିତ, ଏହାକୁ ସାମାନ୍ୟ ବିଷୟ ଭାବିବା ଅନୁଚିତ। ସିଭିଲ ସର୍ଭିସ୍ ଏକ ଯନ୍ତା ଭଳି କାର୍ଯ୍ୟ କରିବା ଉଚିତ ନୁହେଁ। ଅଧିକାରୀମାନେ ଅସୁବିଧାରେ ପଡୁଥିବାବେଳେ ଏକ ନିୟମ ଆଧାରିତ ବ୍ୟବସ୍ଥାକୁ ତାହାର ନିଜ ନିୟମ ପ୍ରୟୋଗ କରିବାକୁ ପଡ଼ିବ।

### ବ୍ୟବସ୍ଥାରେ ପରିବର୍ତ୍ତନ

ନକ୍ସଲ ବିରୋଧରେ ଲଢୁଥିବା ସିଆର୍‌ପିଏଫ୍ ଅଧିକ ସମନ୍ୱୟ ତଥା ତ୍ୱରିତ ନିଷ୍ପତ୍ତି ନେବା ଲକ୍ଷ୍ୟରେ ଏହାର କମାଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି। ଏହା ଏପରି ଏକ ସଂସ୍କାର ଯାହା କ୍ଷେତ୍ରରେ ସମସ୍ତ ପରିବର୍ତ୍ତନ ଆଣିପାରିବ। ବାସ୍ତବରେ ଏହା ବହୁ ପୂର୍ବରୁ କରାଯିବା ଉଚିତ ଥିଲା। ଅନେକ ଦଶନ୍ଧି ଧରି, ସିଆର୍‌ପିଏଫ୍ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାରେ ପ୍ରମୁଖ ଭୂମିକା ନେଇଆସିଛି। ଏହା ବ୍ୟାପକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରାୟତଃ ଏକ ପୁରୁଣା ପଦାନୁକ୍ରମ ବିଚାରରେ ଫସି ରହିଛି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତିରେ କିଛି ପରିବର୍ତ୍ତନ କରିବା ପୂର୍ବରୁ ଅନେକ ସ୍ତରର ନିର୍ଦ୍ଦେଶ ଦେଇ ଗତି କରିବାକୁ ପଡ଼େ। ଫଳରେ ତତ୍‌କ୍ଷଣାତ୍ ଆକ୍ରମଣକରି ଅଦୃଶ୍ୟ ହୋଇଯାଉଥିବା ବିଦ୍ରୋହୀମାନଙ୍କୁ ଟ୍ରାକ୍‌କରିବାରେ ବିଳମ୍ବ ହିଁ ସୁଯୋଗକୁ ହାତଛଡ଼ା କରେ। ନୂତନ ବ୍ୟବସ୍ଥାରେ ଏବେ ଜଣେ ସ୍ୱତନ୍ତ୍ର ନିର୍ଦ୍ଦେଶକ କୋବ୍ରା ବାଟାଲିଅନ, ଗୁପ୍ତଚର ୟୁନିଟ୍ ଏବଂ ଟାକ୍‌ଟିକାଲ ୱିଙ୍ଗ୍ ସମେତ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ଅନ୍ୟ ଜଣେ ଲଜିଷ୍ଟିକ୍ସ ଏବଂ ପ୍ରଶାସନ ପରିଚାଳନା କରିବେ, ତୃତୀୟ ଜଣକ ତାଲିମ ଏବଂ କ୍ଷମତା-ବୃଦ୍ଧି ଉପରେ ଧ୍ୟାନ ଦେବେ ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଅତିରିକ୍ତ ଡିଜି ରହିବେ। ତତ୍ତ୍ୱଗତ ଭାବରେ, ଏହା ଦାୟିତ୍ୱର ଏକ ଉତ୍ତମ ପୁନଃ ଆବଣ୍ଟନ ଯାହା ଉତ୍ତରଦାୟିତ୍ୱକୁ ଉତ୍ସାହିତ କରିବ। ସିଆର୍‌ପିଏଫ୍ ଏହି ପୁନର୍ଗଠନକୁ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ଅନୁକୂଳ ଭାବେ କ୍ଷେତ୍ରରେ କାର୍ଯ୍ୟ କରିପାରିବ କି ନାହିଁ ତାହା ତା' ପାଇଁ ହେଉଛି ପ୍ରକୃତ ପରୀକ୍ଷା। ଯଦି ବ୍ୟବସ୍ଥାଗତ ପରିବର୍ତ୍ତନ ମୃତାହତ ସଂଖ୍ୟା କମ୍ କରିବା ସହ କଠୋର ଅପରେଶନକୁ ଦ୍ରୁତ କରିବ, ତେବେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଜାରି ଦୀର୍ଘ ଯୁଦ୍ଧ ପ୍ରକୃତରେ ଶେଷ ହେବା ଆରମ୍ଭ ହେବ ବୋଲି ଧରିନିଆଯିବ।

Email: dilipcherian@gmail.com

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦ୍ୱିତୀୟ ଶତାବ୍ଦୀର ରୋମାନ୍ ଶାସକ ତଥା ପ୍ରଖ୍ୟାତ ଦାର୍ଶନିକ ମାର୍କସ୍ ଆଉରେ ଲିସ୍ (୧୨୧ରୁ ୧୮୦ ମସିହା) ଶିରକୁ ଉନ୍ନତକରି ଦୁନିଆରୁ ବିଦାୟ ନେବା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର ବୋଲି ମତ ପୋଷଣକରି ତାଙ୍କ 'ମୃତ୍ୟୁରେ ସ୍ୱାଭିମାନ' କବିତାରେ ସୂଚିତ କରିଥିଲେ ''ମୁଁ କିପରି ମୃତ୍ୟୁବରଣ କରିବି ତାହା ମୋର ନିଷ୍ପତ୍ତି, ମୁଁ କିପରି ଧରାପୃଷ୍ଠରୁ ବିଦାୟ ନେବି ତାହା ମୋର ଅନ୍ତିମ ଲକ୍ଷ୍ୟ, ମୋ ଜୀବନ ହେଉଛି ମୋର, ସେହିପରି ମୋର ମୃତ୍ୟୁ, ମୁଁ କିପରି ଏଠାରୁ ଯିବି ତାହା ମୋର ଚିନ୍ତାର ବିଷୟ।''

ତାଙ୍କ ସହିତ ନିଶ୍ଚିତ ଭାବେ ଏକମତ ହେବେ ପ୍ରତ୍ୟେକ ସ୍ୱାଭିମାନୀ ମଣିଷ। କାରଣ ବାର୍ଦ୍ଧକ୍ୟ ବା ରୋଗାକ୍ରାନ୍ତ ହୋଇ ଯନ୍ତ୍ରଣାରେ ମରିବା ଅପେକ୍ଷା ସ୍ୱାଭିମାନର ସହ ମୃତ୍ୟୁବରଣ କରିବା ନିଶ୍ଚିତ ରୂପେ ସ୍ପୃହଣୀୟ। ସରଳ ଭାଷାରେ କହିବାକୁ ଗଲେ ମାର୍କସ୍‌ଙ୍କ ଲକ୍ଷ୍ୟରେ ଥିଲେ ଜଟିଳ ରୋଗବ୍ୟାଧି ଓ ବାର୍ଦ୍ଧକ୍ୟ ପ୍ରପୀଡ଼ିତ ଅକର୍ମଣ୍ୟମାନେ। ଏବେ ପୃଥିବୀର ଅନେକ ଦେଶରେ ଏ ପ୍ରକାର ଇଚ୍ଛାମୃତ୍ୟୁକୁ ଆଇନଗତ ସ୍ୱୀକୃତି ମିଳିଛି - ତେବେ ଏ ଅଧିକାର ଦିଆଯାଇଛି ଭିନ୍ନ ଭିନ୍ନ ରୂପେ।

ଆମ ଦେଶରେ ଏଥିପାଇଁ ଯେଉଁ ଅନୁମତି ମିଳିଛି ତାହା ହେଲା କୌଣସି ଘାତକ ରୋଗ ପ୍ରପୀଡ଼ିତ କିମ୍ବା ବାର୍ଦ୍ଧକ୍ୟଜନିତ ଅକର୍ମଣ୍ୟ ଲୋକ ଅନ୍ତିମକ୍ଷଣର ଅପେକ୍ଷାରେ ଥିଲେ ତାଙ୍କୁ ସାମୟିକ ବଞ୍ଚାଇ ରଖିବା ପାଇଁ ଚିକିତ୍ସା କିମ୍ବା ଜୀବନ ସହାୟକ ଯନ୍ତ୍ରପାତିର ବ୍ୟବହାର ବନ୍ଦ କରିଦେବା। ଏଥିପାଇଁ ବ୍ୟକ୍ତି ଜଣକ ସଚେତନ ଅବସ୍ଥାରେ ଥିଲେ ନିଜେ କିମ୍ବା ସେ ଅଚେତନ ଅବସ୍ଥାକୁ ଆସିଯାଇଥିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିବାକୁ ପଡ଼େ। ବିଗତ ଜୁନ୍ ମାସରେ (୨୦୨୫) ମୁମ୍ବାଇସ୍ଥିତ ପି.ଡି. ହିନ୍ଦୁଜା ହସ୍ପିଟାଲର 'ଲିଭିଂ ଉଇଲ୍ କ୍ଲିନିକ୍' ଦେଶରେ ପ୍ରଥମେ ଏଥିରେ ସହାୟତା କରିବାର ବ୍ୟବସ୍ଥା ଆରମ୍ଭ କରିଛି। ଯେକୌଣସି ୧୮ ବର୍ଷ ଅତିକ୍ରମ କରିଥିବା ବ୍ୟକ୍ତି ଏଠାରେ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିପାରିବ, ବର୍ତ୍ତମାନ ସେ ସୁସ୍ଥ ହୋଇ ଥାଉ ବା ନ ଥାଉ।

ଏଥିପୂର୍ବରୁ ତାଙ୍କୁ ମ୍ୟୁନିସିପାଲିଟି ଅଫିସରେ ରେଜିଷ୍ଟ୍ରେଶନ କରିବାକୁ ପଡ଼ିବ। ଏହା ଫଳରେ ତାଙ୍କର ଭବିଷ୍ୟତ ପାଇଁ ଅନିଶ୍ଚିତତା ଦୂର ହେବ।

ବର୍ତ୍ତମାନ ଏଥିପାଇଁ ଆସୁଥିବା ଅଧିକାଂଶ ଲୋକ ହେଉଛନ୍ତି କର୍କଟରୋଗ, ସ୍ମୃତିହୀନତା, ପାର୍କିନ୍‌ସନ୍‌ରୋଗ, ହୃଦ୍‌ରୋଗ, ବୃକ୍କ ଓ ଫୁସ୍‌ଫୁସ୍ ଆଦି ରୋଗରେ ପ୍ରପୀଡ଼ିତ। ସେମାନଙ୍କ ବୟସ ୪୦ରୁ ୮୦ ବର୍ଷ। ଏଠାରେ ସେମାନଙ୍କୁ ବୁଝାଇ ଦିଆଯାଉଛି ଯେ, ଦୀର୍ଘକାଳ ଧରି ଭେଣ୍ଟିଲେଟର, ଖାଦ୍ୟନଳୀ ବା ନାନାଦି ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତବତ୍ ଅବସ୍ଥାରେ ବଞ୍ଚୁଥିବା ଏବଂ ଭଲ ହେବାର କୌଣସି ସମ୍ଭାବନା ନ ଥିବା



ରୋଗୀମାନଙ୍କୁ ହିଁ କେବଳ ଏ ସହାୟତା ଯୋଗାଇ ଦିଆଯାଇ ପାରିବ। ଏହା ଆଇନ ସମ୍ମତ ଏବଂ ଉଚ୍ଚତମ ନ୍ୟାୟାଳୟର ସ୍ୱୀକୃତିପ୍ରାପ୍ତ। ତେବେ ଏଥିପାଇଁ କେତେକ ନିୟମ ପାଳନ କରିବାକୁ ହେବ। ଦୁଇଟି ଅଲଗା ଅଲଗା ଡାକ୍ତର ଟିମ୍ ବ୍ୟକ୍ତିଙ୍କୁ ପରୀକ୍ଷା କରି ମତଦେବେ ଯେ, ସେ ଜୀବନର ଅନ୍ତିମ କାଳରେ ପହଞ୍ଚି ଯାଇଛି ଏବଂ ଅବସ୍ଥା ଅଣଲେଉଟା। ଏ କାର୍ଯ୍ୟ ସମ୍ପାଦନ ଲାଗି ଦିନକୁ ଦିନ ଅଧିକରୁ ଅଧିକ ଲୋକ ଇଚ୍ଛା ପ୍ରକାଶ କରିବାର ଦେଖାଯାଉଛି। ନିଶ୍ଚିତ ମୃତ୍ୟୁର ସନ୍ନିକଟ ହେଲା ପରେ କୃତ୍ରିମ ବ୍ୟବସ୍ଥାମାନ ବ୍ୟବହାର କରି ବଞ୍ଚିବା ନିଜ ପାଇଁ ତ ଯନ୍ତ୍ରଣାଦାୟକ, ତାହା ପରିବାରବର୍ଗଙ୍କ ଉପରେ ଅଯଥା ଚାପ ବୃଦ୍ଧି କରୁଥିବାର ସେମାନେ ବୁଝିଲେଣି। ସେଥିପାଇଁ ସେମାନେ ମୁମ୍ବାଇର ମ୍ୟୁନିସିପାଲିଟି ଅଫିସକୁ ବହୁ ସଂଖ୍ୟାରେ ଆସିବାକୁ ଲାଗିଲେଣି ରେଜିଷ୍ଟ୍ରେଶନ ଲାଗି। ସେଠାରୁ ସେମାନଙ୍କ ନାମ ପଠାଯାଉଛି 'ଲିଭିଂ ଉଇଲ କ୍ଲିନିକ୍'କୁ।

ଆମ ଦେଶରେ ଏହି ଅଧିକାର ମିଳିବା ପାଇଁ ନ୍ୟାୟିକ ଲଢ଼େଇ ଚାଲି ଆସିଛି ଅନେକ ଦିନରୁ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ୧୯୯୪ରେ। ପି. ରାଥିନାମ ବନାମ ଭାରତ ସରକାର ମାମଲା ମାଧ୍ୟମରେ। ଉଚ୍ଚତମ ନ୍ୟାୟାଳୟ ଏହାକୁ ଏକ ଅପରାଧ ବୋଲି ମନେ ନ କରିବା ସପକ୍ଷରେ ମତ ଦେଇଥିଲେ। ତପରେ ୧୯୯୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟରେ ରୁଜୁ ହେଲା ନରେଶ ମାରୋଟ ରାଓ ବନାମ ଭାରତ ସରକାର ମାମଲା। ଇଚ୍ଛାମୃତ୍ୟୁକୁ ହତ୍ୟା ରୂପେ ଗଣନା ନ କରିବାକୁ ଏହାର ରାୟରେ ମଧ୍ୟ ସୂଚିତ କରାଯାଇଥିଲା। ସେହିପରି ୧୯୯୬ରେ ଉଚ୍ଚତମ ନ୍ୟାୟାଳୟରେ ଜ୍ଞାନ କାଉରଙ୍କ ଦ୍ୱାରା ଏବଂ ୧୯୯୯ରେ ଏନ୍. ମୁକୁନ୍ଦ ପିଲ୍ଲାଇଙ୍କ ଦ୍ୱାରା ଆଗତ ମାମଲାରେ ଅନୁରୂପ ରାୟମାନ ପ୍ରକାଶ ପାଇଥିଲା। ତେବେ ସରକାର ତାହାକୁ କାର୍ଯ୍ୟକାରୀ କରାଇ ନ ଥିଲେ।

ଇଚ୍ଛାମୃତ୍ୟୁ ସମ୍ପର୍କରେ ଜାତୀୟ ସ୍ତରରେ ବ୍ୟାପକ ଆଲୋଚନା ଆରମ୍ଭ ହେଲା ଆରୁଣା ଶାନ୍ ବାଉଗ୍‌ଙ୍କ ପାଇଁ ଇଚ୍ଛାମୃତ୍ୟୁ ଆବେଦନ ପରେ। ଜଣେ ପୁରୁଣ ସହକର୍ମୀଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହେବା ପରେ ୧୯୭୪ରେ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଜୀବନ ସହାୟକ ବ୍ୟବସ୍ଥା ସାହାଯ୍ୟରେ କିଂ ଏଡ୍‌ୱାର୍ଡ ହସ୍ପିଟାଲରେ ୪ ଦଶକରୁ ଅଧିକ କାଳ କଟାଇଥିଲେ। ଏସବୁ କାଢ଼ିନେଇ ତାଙ୍କ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ଘଟାଇବା ଲାଗି ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆବେଦନ କରିଥିଲା ଉଚ୍ଚତମ ନ୍ୟାୟାଳୟରେ। ଏହାର ରାୟ ପ୍ରକାଶ ପାଇଥିଲା ୨୦୧୧ରେ। ଏଥିରେ ସୂଚିତ କରାଯାଇଥିଲା ଯେ, କେବଳ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଥିବା ମସ୍ତିଷ୍କମୃତ ବ୍ୟକ୍ତିମାନଙ୍କୁ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସ୍ୱୀକୃତି ପରେ ଏହା କରାଯାଇପାରିବ। ତେବେ ଏ ଦିଗରେ ପଦକ୍ଷେପ ନେବା ଆଗରୁ ସେ ଆନ୍ତ୍ରିକ ଜ୍ୱରରେ ମୃତ୍ୟୁବରଣ କଲେ। ପରେ ୨୦୧୮ରେ ଉଚ୍ଚତମ ନ୍ୟାୟାଳୟ ଏଥିସହିତ ସଚେତନ ଥିବା ଅବସ୍ଥାରେ ବ୍ୟକ୍ତିଟି ଇଚ୍ଛାମୃତ୍ୟୁ ଲାଗି ଇଚ୍ଛାପତ୍ରଟିଏ ଲେଖିପାରିବାରକୁ ମଧ୍ୟ ଅନୁମତି ଦେଲେ ଏବଂ ୨୦୨୩ରେ ଏହାକୁ ଅଧିକ ସରଳୀକୃତ କରିଦେଲେ। ତଥାପି ସେଥିରେ କେତେକ ଦ୍ୱନ୍ଦ୍ୱ ରହିଯାଇଥିଲା। ନିକଟରେ ଏପ୍ରିଲ ୨୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟ ତହିଁରେ ପରିବର୍ତ୍ତନ ଆଣି ଏଥିପାଇଁ ରେଜିଷ୍ଟ୍ରେଶନ କରାଇବା ଲାଗି ଦ୍ୱାର ଉନ୍ମୁକ୍ତ କଲେ। ଫଳରେ ପି.ଏଚ. ହିନ୍ଦୁଜା ହସ୍‌ପିଟାଲ ପ୍ରତିଷ୍ଠା କଲା ତା'ର ଲିଭିଂ ଉଇଲ କ୍ଲିନିକ୍। ଆଶା କରାଯାଏ ଏ ପ୍ରକ୍ରିୟା ସମଗ୍ର ଦେଶରେ ଅଧିକରୁ ଅଧିକ ବ୍ୟାପକ ହେବ ଏବଂ ଏହାର ସବୁପ୍ରାନ୍ତର ଲୋକେ ହାତପାହାନ୍ତାରେ ପାଇପାରିବେ 'ଇଚ୍ଛା ମୃତ୍ୟୁ'ର ସୁଯୋଗ।

ଅନ୍ୟ ଏକ ପ୍ରକାର ଇଚ୍ଛାମୃତ୍ୟୁ ପ୍ରକ୍ରିୟା ପ୍ରଚଳିତ ଅଛି ଅଷ୍ଟ୍ରିଆ, ଜର୍ମାନୀ, ଇଟାଲୀ, ଲକ୍‌ସେମବର୍ଗ, ନେଦରଲ୍ୟାଣ୍ଡସ, ବେଲଜିୟମ, ପର୍ତ୍ତୁଗାଲ, ସ୍ପେନ ଏବଂ ସୁଇଜରଲାଣ୍ଡରେ। ଜୁନ୍ ୨୦୨୫ରେ ଇଂଲଣ୍ଡର ପାର୍ଲାମେଣ୍ଟ ମଧ୍ୟ ଏହାକୁ ସର୍ତ୍ତମୂଳକ ସ୍ୱୀକୃତି ପ୍ରଦାନ କରିଛି। ଏଥି ଅନୁଯାୟୀ ଜଣେ ବ୍ୟକ୍ତି 'ନିଶ୍ଚିତ ମୃତ୍ୟୁ' ଅବଶ୍ୟ ନ ଥିଲେ ମଧ୍ୟ ସେ ବୃଦ୍ଧ କିମ୍ବା ରୁଗ୍‌ଣ ହୋଇଥିଲେ ଡାକ୍ତର ସହାୟତାରେ ଏହା କରିପାରିବେ। ତେବେ, ଏଥିରେ ଡାକ୍ତର କିଛି ନିଜସ୍ୱ ଲାଭ ନ ଥିବା କଥା ପ୍ରମାଣିତ କରିବାକୁ ହେବ। ଏହାକୁ କେତେକେ କହୁଛନ୍ତି 'ଅନୁକମ୍ପା ହତ୍ୟା'।

ଏ ସମସ୍ତ କଥା ବିଚାରକୁ ନେଲେ ଆମ ଦେଶରେ ଏବେ ଆରମ୍ଭ ହୋଇଥିବା ଇଚ୍ଛାମୃତ୍ୟୁ ପ୍ରକ୍ରିୟା ସ୍ୱାଗତଯୋଗ୍ୟ। 'ସଚେତନ ଇଚ୍ଛାମୃତ୍ୟୁ' ବା 'ଅନୁକମ୍ପା ହତ୍ୟା'କୁ ଆମଦେଶରେ ସ୍ୱୀକୃତି ମିଳିବା ଦରକାର। ତା'ହେଲେ ବୃଦ୍ଧ ବା ରୁଗ୍‌ଣ ଲୋକେ ମୃତ୍ୟୁର ସନ୍ନିକଟ ହେବାର ସମ୍ଭାବନା ନ ଥିଲେ ବି ଚାହିଁଲେ ଡାକ୍ତରଙ୍କ ସହାୟତାରେ ଏହା କରିପାରନ୍ତେ। ଅତଏବ ସେମାନଙ୍କୁ ଭାରାକ୍ରାନ୍ତ ଜୀବନରୁ ସସମ୍ମାନେ ମୁକ୍ତି ଲାଭକରିବା ସମ୍ଭବ ନୁହେଁ।

**ଖଣ୍ଡଗିରି ବିହାର, ଭୁବନେଶ୍ୱର,**
**ମୋ:୯୯୩୭୩୦୧୪୬୦**

# ମିଛ ହିଁ ସୁନ୍ଦର



ହରେକୃଷ୍ଣ ଦାସ

''ବୁଝିଲ ବନ୍ଧୁ, ଆମେମାନେ ଯେତେ ସଚ୍ଚୋଟ, ସ୍ୱଚ୍ଛ ବୋଲି ଦେଖେଇ ହେଉଥିଲେ ମଧ୍ୟ ପ୍ରକୃତରେ ଆମେ ମିଛ ଏବଂ ଛଳନାପୂର୍ଣ୍ଣ ଜୀବନ ବଞ୍ଚୁଛେ। ଆଉ ଏ ଛଳନା ଆମର ପାରିବାରିକ ଜୀବନରେ ସବୁଠୁ ଅଧିକ ବୋଲି ମୁଁ ଭାବେ। ପାରିବାରିକ ସମ୍ପର୍କ ପୋଡ଼ି ଛାରଖାର ହୋଇଯାଇଥିଲେ ବି ବାହାରକୁ ସମସ୍ତେ ଏମିତି ଅଭିନୟ କରନ୍ତି ସତେ ଯେମିତି ସେମାନେ ହେଉଛନ୍ତି ଏ ସୃଷ୍ଟିର ସବୁଠୁ ସୁଖୀ ପରିବାର। ସାମାଜିକ ଲଜ୍ଜା ଭୟରେ ଅଧିକାଂଶ ଲୋକ ନିଜର ପୋଡ଼ା ହୃଦୟକୁ ଗୋଟେ ଅଜାଗା ଘାଆ ଭଳି ଲୁଚେଇ ରଖିବାକୁ ଇଚ୍ଛା କରନ୍ତି। ଖାଲି ସେତିକି ନୁହଁ, ମାତ୍ରାଧିକ ସତ୍ୟକୁ ମଧ୍ୟ ମଣିଷ ବରଦାସ୍ତ କରିପାରେନି। ତେଣୁ ଅନେକ ସମୟରେ ମିଛ ଶୁଣିବାକୁ ଓ ମିଛ ଭିତରେ ବଞ୍ଚିବାକୁ ଭଲପାଏ। ମିଛର ଚାଦରଟେ ଢାଙ୍କି ହୋଇଥିବାରୁ ବାହାର ଲୋକଙ୍କ ଆଖିରେ ଲୋକମାନେ ଜହ୍ନ ପରି ସୁନ୍ଦର ଦେଖାଯାନ୍ତି।''

ବନ୍ଧୁଙ୍କର ଏ ପ୍ରକାର ହତାଶାଭରା ଦାର୍ଶନିକତାରେ ଟିକେ ଅସହଜ ଅନୁଭବ କରି କହିଲି, '' ତମ ପରିବାର ତ ଗୋଟେ ସୁଖୀ ପରିବାର। ତମ ଦୁହିଁଙ୍କୁ ସମସ୍ତେ ଗୋଟେ ଆଦର୍ଶ ଦମ୍ପତି ଭାବରେ ବିଚାର କରି ଈର୍ଷା କରନ୍ତି, ଅନ୍ୟମାନଙ୍କ ପାଖରେ ଉଦାହରଣ ଦିଅନ୍ତି। ସତ କହିବାକୁ ଗଲେ ତମମାନଙ୍କର ଦାମ୍ପତ୍ୟ ମାଧୁର୍ଯ୍ୟ ଦେଖି ମୁଁ ଈର୍ଷାନ୍ୱିତ। ତେବେ ଆଜି ଏମିତିଆ ପ୍ରବଚନ ଦେବାର ତାତ୍ପର୍ଯ୍ୟ ?'' ବନ୍ଧୁ କହିଲେ, ''ମୋ କଥା ଛାଡ଼। ମୁଁ ଯାହା କହିଲି ସେକଥାରେ ତ ଭୁଲ୍ ନାହିଁ। ସମସ୍ତେ ନିଜ ପାଇଁ ଆଦର୍ଶ ପରିଚୟଟେ ତିଆରି କରିବାକୁ ବ୍ୟାକୁଳ। ସେଥିପାଇଁ ସତ୍ୟ ଉପରେ ଆକର୍ଷଣୀୟ ମିଛର ପ୍ରଲେପ ଦେଇ ସମସ୍ତେ ପ୍ରଚାର ପ୍ରସାର କରନ୍ତି। ଆମ ଅଫିସରେ କାମ କରୁଥିବା ରାୟ ବାବୁଙ୍କ କଥା ଜାଣିଛ ? ''

''ହଁ, ଖୁବ୍ ଭଲ ଲୋକ। ତାଙ୍କ ସ୍ତ୍ରୀ ମଧ୍ୟ ସ୍ନେହୀ, ମିଷ୍ଟଭାଷୀ। ଏତେ ସୁନ୍ଦର ଯୋଡ଼ି ତାଙ୍କର ; ସତରେ ଈଶ୍ୱର ହିଁ ଯୋଡ଼ିଛନ୍ତି ସେ ଦୁହିଁଙ୍କୁ।'' ମୋ ଉତ୍ତର ଶୁଣି ବନ୍ଧୁ କହିଲେ, ''ଜାଣିଛ, ଗତ ମାସରେ ମୁଁ ତାଙ୍କ ଘରକୁ ଯାଉଥିଲି। ଘର ପାହାଚ ଉଠିଲା ବେଳକୁ ଶୁଣିଲି ରାୟ ବାବୁଙ୍କୁ ଗାଳି ଦେଉଥାନ୍ତି ତାଙ୍କ ସ୍ତ୍ରୀ। ତାଙ୍କୁ ଖରାପ ନ ଲାଗୁ ବୋଲି ସେଇଠୁ ଚୁପ୍‌ଚାପ୍ ଫେରିଆସିଥିଲି। କିନ୍ତୁ ତା' ପରେ ସେମାନଙ୍କୁ ଲକ୍ଷ୍ୟ କରିଛି। କେହି କାହାର ମୁହଁ ଚାହିଁବାକୁ ବି ଇଚ୍ଛା କରୁ ନ ଥିବେ, ଅଥଚ ବାହାରକୁ କେଡ଼େ ସୁନ୍ଦର ସେମାନଙ୍କ ପରିଚୟ! ସେଥିପାଇଁ ସମସ୍ତେ ଭାବନ୍ତି ଯେ ସେମାନେ ଗୋଟେ ସୁଖୀ ପରିବାର।''

ମୋର ବନ୍ଧୁ ପୁଣି ବଖାଣ ଆରମ୍ଭ କଲେ। ''ଆମ ଘର ପାଖ ରଥ ମଉସାଙ୍କ କଥା ଶୁଣ। ତାଙ୍କ ଦି' ପୁଅ ଯାକ ବାହାରେ ଚାକିରି କରନ୍ତି ବୋଲି ମଉସାଙ୍କ ମନ ଗଗନ ପବନରେ ଉଡ଼େ। ଏମିତି ଦେଖିଲେ, ଆମେ ସମସ୍ତ ପିଲା ଜନ୍ମ କରିଛେ କେବଳ ଅନ୍ୟ ଦେଶଗୁଡ଼ିକ ପାଇଁ । ଇଂଲଣ୍ଡ, ଆମେରିକା, ଜର୍ମାନୀ କି ଅଷ୍ଟ୍ରେଲିଆ ଭଳି ଦେଶରେ ଯଦି ଆମ ପିଲା ଚାକିରି ନ କରି ପାରିଲେ ତେବେ ଆମ ମା'ବାପାପଣିଆକୁ ଧିକ୍। ଏବେ ସେ ବୁଢ଼ାବୁଢ଼ୀଙ୍କ ଅବସ୍ଥା ଦେଖିବା କଷ୍ଟକର। ତାଙ୍କୁ ନିଜର ଜନ୍ମ ଜନ୍ମର ଶତ୍ରୁ ଭାବୁଥିବା ବଡ଼ବୋହୂ ଚାରିବର୍ଷ ପରେ ଦି ଦିନ ପାଇଁ ଆସିଥିଲା। ଦି' ଦିନ ଭିତରେ ଦି' ମିନିଟ୍ ମଧ୍ୟ ଶାଶୁ ଶ୍ୱଶୁରଙ୍କ ପାଖେ ରହି ନ ଥିବ, ତାଙ୍କ ଭଲମନ୍ଦରେ କାମରେ ଆସିବା ଦୂର କଥା। ବୋହୂର କଥାରେ ବସଉଠ ହେଉଥିବା ପୁଅ ମଧ୍ୟ ମା'ବାପାଙ୍କର ସମସ୍ୟାକୁ ଶୁଣେ, କିନ୍ତୁ କିଛି ପ୍ରତିକ୍ରିୟା ଦେଖାଏନି। ସାନ ପୁଅବୋହୂଙ୍କ କଥା ଯାଠାରୁ ବେଶି। ପୁଅ ସିନା ଓଡ଼ିଶା ବାହାରେ ରହେ, ବୋହୂ ତ ଏଇ ଭୁବନେଶ୍ୱରରେ ରହୁଛି। ଶାଶୁ ଶ୍ୱଶୁରଙ୍କ ପାଖରେ ରହିବନି ବୋଲି ନାନା ବାହାନା ଦେଖେଇ ଅଲଗା ଜାଗାରେ ଘର ନେଇ ରହୁଛି। ବୁଢ଼ାବୁଢ଼ୀଙ୍କୁ ଦେଖିବାକୁ ଆସିବାର ନାଁ ବି ଧରୁନି। କିଛିଦିନ ତଳେ ମଉସାଙ୍କର ହାର୍ଟ ଅପରେଶନ ହେଲା। ପୁଅବୋହୂଙ୍କ ଭିତରୁ କେହି ଜଣେ ହେଲେ ଆସିଲେନି! ଆମେମାନେ ଥିଲୁ ବୋଲି ସେ ବଞ୍ଚିଗଲେ। କିନ୍ତୁ ମାଉସୀ ତାଙ୍କ ପିଲାମାନଙ୍କ ସପକ୍ଷରେ ସଫେଇ ଦେଇ କଥା କହନ୍ତି। ପିଲାମାନେ ଯାଙ୍କ ପାଇଁ ବହୁତ ବ୍ୟସ୍ତ ହେଉଛନ୍ତି - ଏକଥା ମିଛ ବୋଲି ସେ ଜାଣନ୍ତି, କିନ୍ତୁ ବାହାରକୁ ଅଲଗା କଥା କହନ୍ତି। ମିଶ୍ର ବାବୁଙ୍କ ପିଲାମାନେ ସମସ୍ତେ ବାହାରେ ରହନ୍ତି। ଏ ଦୁହେଁ କେବେ କେମିତି ପିଲାଙ୍କ ପାଖକୁ ବୁଲିଗଲେ ସେଠି ଏମିତି ପରିସ୍ଥିତି ହୁଏ ଯେ ଦିନ କେତେଟାରେ ଫେରି ଆସିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଆମ ଆଗରେ ଦେଖେଇ ହୁଅନ୍ତି ଯେ, ଏମାନେ ଗଲେ କାଳେ ପିଲାମାନେ ଅଫିସରୁ ଛୁଟି ନେଇ ଯାଙ୍କ ସେବା କରନ୍ତି। ଭିତରେ କାନ୍ଦୁଥିଲେ ବି ଉପରକୁ ଦେଖେଇହୋଇ ଏ ସମସ୍ତେ ଏମିତି ମିଛ କାହିଁକି କହନ୍ତି ଭାବିଲ ? ସବୁ ସତ କହି ହୁଏନି କି ସବୁ ମିଛ ସହି ହୁଏନି। ଅନେକ ସମୟରେ ମିଛ ହିଁ ସୁନ୍ଦର।



ଆମର ପ୍ରାୟ ଘଣ୍ଟାଏ ଧରି ଆଲୋଚନା ଶେଷ ହେବା ବେଳକୁ ବନ୍ଧୁଙ୍କ ଧର୍ମପତ୍ନୀ ଘର ଭିତରକୁ ପଶି ଆସୁଆସୁ ମତେ ଦେଖିଦେଇ ସ୍ୱତଃ ଭ୍ରୂକୁଞ୍ଚନ କରିପକେଇଲେ। ସଙ୍ଗେସଙ୍ଗେ ମୁହଁର ଭାବ ସଜାଡ଼ିନେଇ ମତେ ନମସ୍କାରଟେ ପକେଇ ମୋ ପଛପଟେ ଛିଡ଼ାହେଇ ତାଙ୍କ ସ୍ୱାମୀଙ୍କୁ କି ପ୍ରକାର ଇଙ୍ଗିତ ଦେଖେଇଲେ ଯେ ବିଚରା ବନ୍ଧୁଙ୍କ ମୁହଁ ଶୁଖିଗଲା। କିନ୍ତୁ କଥା ବଙ୍ଚେଇ ସେ କହିଲେ, ''ଏତେ ସମୟ ଧରି ଘରେ ନ ଥିଲେ ବୋଲି ତମ ଭାଉଜଙ୍କ ମନ ଦୁଃଖ। ସେ ପଚାରୁଛନ୍ତି ତମ ପାଇଁ ଚା' କରିବେ କି ନାହିଁ।'' ବନ୍ଧୁଙ୍କ ଅବସ୍ଥା ଦେଖି ବହୁତ ବିକଳ ଲାଗିଲା। କାଳବିଳମ୍ବ ନ କରି ଫେରିବାକୁ ଉଦ୍ୟତ ହେଲାବେଳେ କହିଲି, ''ତମେ ଠିକ୍ କହୁଥିଲ, ମିଛ ହିଁ ସୁନ୍ଦର।''

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ସମାଜର ସବୁ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିଥିବା ତଥା ନିଜକୁ ସଶକ୍ତ ବୋଲି ଦର୍ଶାଇଥିବା ମହିଳା ଗଭୀର ସମୁଦ୍ରରେ ମାଛ ଧରିବାରେ ପଛଘୁଞ୍ଚା ଦେବ କାହିଁକି? ସେ କ୍ଷେତ୍ରଟି ବି ତା' ହାତମୁଠାରେ, ଯାହା ପ୍ରମାଣ କରିଛନ୍ତି କେରଳର ରେଖା କାର୍ତ୍ତିକେୟନ। ଏବେ ସେ ସାମାଜିକ କଟକଣାକୁ ଭାଙ୍ଗି ଜଣେ ଦକ୍ଷ ଫିଶର ଓମ୍ୟାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସମୁଦ୍ର ମଧ୍ୟ ତାଙ୍କ ଅଧୀନରେ ବୋଲି ପ୍ରତିପାଦିତ କରିଛନ୍ତି। ରେଖା ହେଉଛନ୍ତି ଗଭୀର ସମୁଦ୍ରରେ ମାଛଧରା ଲାଇସେନ୍ସ ପାଇବାରେ ଭାରତରେ ପ୍ରଥମ ମହିଳା। ପୁରୁଷଙ୍କ ଭଳି ମାଛଧରିବାରେ ସମସ୍ତ କୌଶଳ ସେ ହାସଲ କରିପାରିଛନ୍ତି। ଏପରି କି ବିନା କମ୍ପାସ ଓ ଜିପିଏସ୍‌ରେ ରେଖା ମାଛଧରିବାକୁ ଗଭୀର ସମୁଦ୍ରକୁ ଚାଲିଯାଇଥାନ୍ତି। ଆରମ୍ଭରୁ ଏହି କାର୍ଯ୍ୟ କରିବାକୁ ତାଙ୍କ ସ୍ୱାମୀ କାର୍ତ୍ତିକେୟନ ରେଖାଙ୍କୁ ଉତ୍ସାହିତ କରିଥିଲେ। କେବଳ ଏତିକି ନୁହେଁ, ରେଖା ମାଛମାରିବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବଦଳିଯାଇଛି। ତାଙ୍କର ଏହି ସାହସିକ ପଦକ୍ଷେପ ଏବେ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ରାସ୍ତା ଦେଖାଇଛି। ସେଣ୍ଟ୍ରାଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ରେଖାଙ୍କୁ ସବୁ ପ୍ରକାର ସହଯୋଗ କରିବା ସହ ତାଙ୍କ ଜୀବନ ଜୀବିକା ଯାତ୍ରାକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ଅକ୍ଟୋବର ୧୯୭୬

- ସମ୍ବିଧାନ ସଂଶୋଧନ ବିଲ୍‌ର ମୁଖ୍ୟ ପ୍ରସ୍ତାବଗୁଡ଼ିକ ଉପରେ ଭାରତୀୟ କମ୍ୟୁନିଷ୍ଟ ସମର୍ଥନ ଜ୍ଞାପନ କରିଛି।
- ପାକିସ୍ତାନରେ ଚାକିରି ପାଇବା ଉଦ୍ଦେଶ୍ୟରେ ବିଦେଶ ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ଉପରେ କଠୋର କଟକଣା ଜାରି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 4 | | | | | |
| | 2 | 3 | 5 | | | 9 | | |
| 8 | | | 6 | | | | | |
| 1 | | | | | | | 4 | |
| | 6 | 2 | | | | | | |
| 5 | | 9 | | 8 | | | 1 | |
| | | | | | 7 | | 8 | 3 |
| | | | | 2 | | | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 1 | 2 | 5 | 7 | 8 | 6 | 4 |
| 7 | 6 | 2 | 9 | 4 | 8 | 1 | 3 | 5 |
| 4 | 8 | 5 | 6 | 1 | 3 | 2 | 7 | 9 |
| 9 | 4 | 8 | 3 | 2 | 5 | 6 | 1 | 7 |
| 2 | 1 | 7 | 4 | 6 | 9 | 3 | 5 | 8 |
| 5 | 3 | 6 | 7 | 8 | 1 | 4 | 9 | 2 |
| 1 | 2 | 9 | 5 | 3 | 4 | 7 | 8 | 6 |
| 6 | 7 | 3 | 8 | 9 | 2 | 5 | 4 | 1 |
| 8 | 5 | 4 | 1 | 7 | 6 | 9 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅମାନିଆ ବଢ଼ାଇଲେ ପ୍ରଦୂଷଣ

ମହାଶୟ,

ଦୀପାବଳିରେ ଗଲା ବର୍ଷ ଯାହା ଘଟିଥିଲା ତା'ର ପୁନରାବୃତ୍ତି ହେଲା। କଟକଣାକୁ ଫୁ କରି ଅମାନିଆମାନେ ବାଣ ଫୁଟାଇଲେ, ତାହା ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହେବା ସହ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ପରିଣତି ସ୍ୱରୂପ ଦିଲ୍ଲୀ ଓ ଭୁବନେଶ୍ୱର ବାୟୁ ପ୍ରଦୂଷଣ ଅତ୍ୟଧିକ ବୃଦ୍ଧି ପାଇଛି। ଦିଲ୍ଲୀ ଏନ୍‌ସିଆର୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀପାବଳିରେ ବାଣଫୁଟା ଉପରେ ୨୦୧୮ରୁ ବଳବତ୍ତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରି ଓ ଫୁଟାକୁ ଅନୁମତି ଦେଇଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ଯାଏ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ରାତି ତମାମ ବାଣ ଫୁଟିବା ଫଳରେ ବାୟୁମଣ୍ଡଳ ବିଷାକ୍ତ ଗ୍ୟାସରେ ଭରିଯାଇଛି। ଏହା ନିଃସନ୍ଦେହ ଯେ, ବାଣର ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହା ସତ୍ୟ ଯେ, ଅମାନିଆଙ୍କ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ବେଳେ ପ୍ରଦୂଷିତ ବାୟୁ ଜୀବନ ନେବାର କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି।

**-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ, ଭୁବନେଶ୍ୱର**

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା !
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭୀମ ଭୋଇ ସାମର୍ଥ୍ୟ ଶିବିର**

ହରଭଙ୍ଗା,(ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ପଞ୍ଚାୟତ ସମିତି ହରଭଙ୍ଗା ପକ୍ଷରୁ ଶୁକ୍ରବାର ଦିନ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଉପଜିଲାପାଳ ବିନୟ କୁମାର ଭୋଇ ଯୋଗଦେଇ ଉଦ୍ଘାଟନ କରିଥିଲେ। ଶିବିରରେ ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ୧୬୫ ଜଣ ପଞ୍ଜୀକରଣ କରିବା ସହ ସହାୟତା ଉପକରଣ ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୭୨ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଇ ଦେବାକୁ ଚିହ୍ନଟ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିସାନ, ଅଙ୍ଗନୱାଡିକର୍ମୀ, ସିଆରପି, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ସବୁ ଚର୍ଚ୍ଚାରେ ପ୍ରାର୍ଥୀ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୨୪।୧୦(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। କହିବାକୁ ଗଲେ ସବୁ ଦଳର ଶତାଧିକ ରାଜ୍ୟସ୍ତରର ନେତା ନୂଆପଡ଼ାରେ ଡେରା ପକାଇ ରହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଏଥିରେ ବିଜୟ ହାସଲ କରିବା ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ଉକ୍ତ ଉପନିର୍ବାଚନରେ ଉପରୋକ୍ତ ୩ ପ୍ରମୁଖ ଦଳର ପ୍ରାର୍ଥୀ ଚୟନ ହିଁ ସେଠାକାର ରାଜନୈତିକ ବାତାବରଣକୁ ନୂଆ ପ୍ରକାର କରିଦେଇଛି। ୨୦୨୪ରେ ଏହି ଆସନ ବିଜେଡି ଦଖଲରେ ରହିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡି ଟିକେଟରେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ। ହେଲେ ତାଙ୍କ ଅବର୍ତ୍ତମାନରେ ତାଙ୍କ ପୁଅ ଜୟ ଢୋଲକିଆ ଶାସକ ଭାଜପାରେ ଯୋଗଦେଇ ସେହି ଦଳର ପ୍ରାର୍ଥୀ ହୋଇଗଲେ। ଫଳରେ ବିଜେଡି ଆଉ ସ୍ଥାନୀୟ ନେତାଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିବାକୁ ସାହସ ଜୁଟାଇ ନ ପାରି ବରଗଡ଼ ଜିଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିବାକୁ ବାଧହେଲା। ଏବେ ସେଠାରେ ସ୍ନେହାଙ୍ଗିନୀ ବାହାରର ନେତ୍ରୀ ବୋଲି ଚର୍ଚ୍ଚା ହେଉଛି। ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ୨୦୨୪ ନିର୍ବାଚନରେ ଏହି ଆସନରୁ ପ୍ରାର୍ଥୀ ହୋଇଥିଲେ। ନୂଆପଡ଼ା ଜିଲାରେ ବସନ୍ତ ଭାଜପାର ଆଗଧାଡ଼ିର କ୍ୟାଡର ନେତା। ସେ ଗତ ନିର୍ବାଚନରେ ପୁଅର ରାଜନୈତିକ ଭବିଷ୍ୟତ ତିଆରି କରିବାକୁ ନିଜେ ନିର୍ବାଚନ ଲଢ଼ି ନ ଥିଲେ। ହେଲେ ଏଥର ଉପନିର୍ବାଚନରେ ଦଳର କ୍ୟାଡରକୁ ଗୁରୁତ୍ୱ ନ ଦେଇ ବିଜୟ ସମ୍ଭାବନା ଉପରେ ବିଶେଷ ଧ୍ୟାନ ଦିଆଗଲା ବୋଲି କୁହାଯାଇଛି। ବସନ୍ତ ଏବଂ ତାଙ୍କ ପୁଅଙ୍କୁ ଉପନିର୍ବାଚନ ପ୍ରାର୍ଥୀ ଭାଜପା କଲା ନାହିଁ। ଆହୁରି ରୋଚକ ହେଉଛି କଂଗ୍ରେସର ପ୍ରାର୍ଥୀ ଚୟନ। ଗତ ନିର୍ବାଚନରେ ଏହି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀଙ୍କୁ କଂଗ୍ରେସ ଏବେ ଟିକେଟ ଦେଇଛି। ଘାସିରାମ ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ିଥିଲେ ମଧ୍ୟ ଦୁଇ ନମ୍ବର ସ୍ଥାନରେ ରହିଥିଲେ। ଗତ ନିର୍ବାଚନରେ ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନିଜେ ପ୍ରାର୍ଥୀ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ହେଲେ ଘାସିରାମ କଂଗ୍ରେସରେ ମିଶି ଦଳୀୟ ନେତୃତ୍ୱଙ୍କ ଭରସା ଜିତିବା ସହିତ ପ୍ରାର୍ଥୀ ହୋଇଛନ୍ତି। ଏଭଳି ରାଜନୈତିକ ସ୍ଥିତି ଭିତରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ତୃଣମୂଳସ୍ତରରେ ଲୋକଙ୍କ ଭିତରେ ଉପନିର୍ବାଚନର ୧୭ ଦିନ ପୂର୍ବରୁ କିଭଳି ଆଲୋଚନା ଚାଲିଛି ତାକୁ ନେଇ ଧରିତ୍ରୀ ପକ୍ଷରୁ ଏକ ରିପୋର୍ଟ ସଂଗ୍ରହ କରିବାକୁ ଚେଷ୍ଟା କରାଯାଇଛି।

ନୂଆପଡ଼ା ନିର୍ବାଚନମଣ୍ଡଳୀର ସାଇପଲା ପଞ୍ଚାୟତରୁ ଆରମ୍ଭକରି ନୂଆପଡ଼ାର ନେତାଜୀ ଛକ ମଧ୍ୟରେ ୮ଟି ସ୍ଥାନରେ ନିଜ ପରିଚୟ ଗୋପନ ରଖି ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଅନୁଶୀଳନ କରିଥିଲୁ। ସାଇପଲା ସମେତ ସୁନସୁନିଆ, ଦର୍ଲ୍ଲିମୁଣ୍ଡା, ମଧୁପୁର, ଗୋଡ଼ଫୁଲା, ନୂଆପଡ଼ା ବସଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନରେ ଉପନିର୍ବାଚନକୁ ନେଇ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଭଲ ଭାବେ ଶୁଣିଥିଲୁ। ହେଲେ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତା ଅତିକ୍ରମ କରିବା ଭିତରେ କୌଣସି ସ୍ଥାନରେ ରାଜନୈତିକ ଦଳଗୁଡିକର ବ୍ୟାନର, ପୋଷ୍ଟର, ଦଳୀୟ ପତାକା ଦେଖିବାକୁ ମିଳି ନ ଥିଲା। ସାଇପଲା ଛକରେ ପ୍ରାୟ ୨୦ ମିନିଟ୍ ସମୟ ବିତାଇବା ଭିତରେ ସେଠାରେ ଉପସ୍ଥିତ କେତେଜଣ ବ୍ୟବସାୟୀ ଏବଂ ସାଧାରଣ ଲୋକ ଏକ ଖଟିରେ ବସି ଆଲୋଚନା କରୁଥାଆନ୍ତି। ସେମାନଙ୍କ କହିବା କଥା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଲୋକପ୍ରିୟତା ଯୋଗୁ ତାଙ୍କ ସମର୍ଥକମାନେ ଜୟଙ୍କ ସହିତ ରହିପାରନ୍ତି। ଯେହେତୁ ଭାଜପା ସରକାରରେ ଅଛି, ତେଣୁ ମତଦାନ ତାଙ୍କ ସପକ୍ଷରେ ଯିବା ସମ୍ଭାବନା ରହିଛି। ଏହାପରେ ଆମେ ଦର୍ଲ୍ଲୀମୁଣ୍ଡା ଓ ମଧୁପୁରର ରାସ୍ତାକଡ଼ରେ ଅଟକି ଥିବା କେତେଜଣ ବ୍ୟକ୍ତିଙ୍କ ଆଲୋଚନା ଶୁଣିଥିଲୁ। ସେଠାରେ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ବେଶ୍ ଆଲୋଚନା ଚାଲୁଥାଏ। ଯେହେତୁ ଘାସିରାମ ମାଝୀ ଆଦିବାସୀ ସମ୍ପ୍ରଦାୟର ତେଣୁ ଆଦିବାସୀମାନଙ୍କ ଅଧିକାଂଶ ଭୋଟ ତାଙ୍କ ସପକ୍ଷରେ ଯାଇପାରେ। ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ବାହାରୁ ପ୍ରାର୍ଥୀ ହୋଇଥିବା ସେମାନେ ଆଲୋଚନା କରୁଥାଆନ୍ତି। ଏବେ ବିଜେଡିର ଦଳୀୟ ନେତା ଓ ସ୍ଥାନୀୟ ନେତୃତ୍ୱଙ୍କ ପ୍ରଚେଷ୍ଟାରେ ହେଉଥିବା ସଭା ସମିତି, ମିଶ୍ରଣ ପର୍ବ ଯୋଗୁ ବିଜେଡି ଧୀରେ ଧୀରେ ବଳ ଗୋଟାଉଥିବା ଆଲୋଚନା ହେଉଛି। ଏହାସହ ଗୋଡ଼ଫୁଲା, ନୂଆପଡ଼ା ବସ୍‌ଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନର ଖଟିରେ ଆଦିବାସୀ ଭୋଟ ଭାଗ ଭାଗ ହେଉଥିବା ଚର୍ଚ୍ଚା ହେଉଥିଲା। ଆଦିବାସୀ ନେତାମାନେ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଆଦିବାସୀମାନଙ୍କ ଭୋଟ୍ ହାତେଇବା ଲାଗି ଜୋର୍‌ଦାର କସରତ କରୁଛନ୍ତି। ଏସବୁ ଭିତରେ ୩ ପ୍ରମୁଖ ଦଳ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ମତଦାତାଙ୍କୁ ନିଜ ନିଜ ସପକ୍ଷରେ ମତଦାନ ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ଏସବୁ ଭିତରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନୂଆପଡ଼ାରେ ନିର୍ବାଚନ ପ୍ରଚାରକୁ ତାଙ୍କ ଦଳର ନେତାମାନେ ଅପେକ୍ଷାକରି ରହିଛନ୍ତି। ତାଙ୍କ ପ୍ରଚାର ପରେ ବିଜେଡି ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇପାରେ ବୋଲି ଆଲୋଚନା ହେଉଛି।

# ଏନ୍‌ଏସି ଦାବିରେ ସୁବଳୟାରେ ୧୨ ଘଣ୍ଟିଆ ବନ୍ଦ

ବୀରମହାରାଜପୁର,୧୪।୧୦(ଯୁଗଳ କିଶୋର ମିଶ୍ର)



୧୨ ଘଣ୍ଟିଆ ବନ୍ଦ ପାଳନବେଳେ ରାସ୍ତା ଅବରୋଧ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଦାବିରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପ୍ରଭାବ ଯୋଗୁ ରାସ୍ତାଘାଟ, ଦୋକାନ ବଜାର, ଯାନବାହନ ଚଳାଚଳ, ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ସାଧାରଣ ନିର୍ବାଚନ ପୂର୍ବରୁ ସୁବର୍ଣ୍ଣପୁର ଜିଲାର ୫ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ନିର୍ବାଚନର ଗୋଟିଏ ବର୍ଷ ପରେ କେବଳ ବୀରମହାରାଜପୁରକୁ ଏନ୍‌ଏସି ଭାବେ ଘୋଷଣା କରିଛନ୍ତି ବର୍ତ୍ତମାନର ରାଜ୍ୟ ସରକାର। ସୁବଳୟାକୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଏନ୍‌ଏସିର ମାନ୍ୟତା ଦେଲେ ନାହିଁ। ଫଳରେ ସୁବଳୟାବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅସନ୍ତୋଷ ଯୋଗୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ନେଇ ପୂର୍ବ ସୂଚନା ନ ପାଇ ଲୋକେ ସୁବଳୟାକୁ ଆସି ହଇରାଣ ହୋଇଥିଲେ। ସୁବଳୟାକୁ ଥିବା ୨ପ୍ରବେଶ ପଥ କମିରା ବ୍ରିଜ ଉପରେ ଓ ଗୋବିନ୍ଦପୁର ଛକ ନିକଟରେ ରାସ୍ତାରେ ଟାୟାରଜାଳି ଅବରୋଧ ଫଳରେ ୨ଚକିଆରୁ ଆରମ୍ଭ କରି ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଥିଲା। ଫଳରେ ଲୋକେ ଦୀର୍ଘ ସମୟ ଅଟକି ବହୁ ହଇରାଣ ହୋଇଥିବା ଦେଖାଯାଇଥିଲା। ଏପରିକି ମହାନଦୀ ନେତ୍ର ଚିକିତ୍ସାଳୟର ଔଷଧ ପରିବହନ ଗାଡିକୁ ଅଟକା ଯାଇଥିଲା। ତେବେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କଲା ପରେ ଔଷଧ ଗାଡିକୁ ଛଡା ଯାଇଥିଲା। ସୁବଳୟା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ବନ୍ଦ ଡାକରାରେ ହରିହର ସାହୁ, ଯଦୁମଣି ମେହେର, ଟୁନା ଅଧିକାରୀ, ଗୋପାଳ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ରାଜ୍ୟ ସରକାର ଯଦି ତୁରନ୍ତ ସୁବଳୟାକୁ ଏନ୍‌ଏସି ଘୋଷଣା ନ କରନ୍ତି, ତା'ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟିର ସଦସ୍ୟମାନେ କହିଛନ୍ତି। ବନ୍ଦକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।


CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ଆବଶ୍ୟକ**

ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।

9438128790କୁ ବାୟୋଡ଼ାଟା ପଠାନ୍ତୁ।


**OFFICE OF THE PRINCIPAL**
**PANCHAYAT SAMITI COLLEGE, BELPARA**
**DIST : BALANGIR**

E-mail : psc_belpara@yahoo.co.in

No.1081 Date : 24.10.2025

**WANTED**

An interview for the following posts shall be held in the office of the undersigned. Interested eligible candidates may apply with complete bio data along with Xerox cum Self attested copy of all testimonials/ Certificates through regd. post to attend the interview by 08.11.2025. The date of interview shall be informed to the shortlisted candidates.

| Posts | No. of Posts | Minimum Qualification |
|---|---|---|
| 1-Jr. Clerk-Cum-DEO | 01 | BCA in Computer |

Sd./- Principal
Panchayat Samiti College, Belpara

# ମହିଳା ସୁରକ୍ଷା ସଚେତନତା ଅଭିଯାନ

ଡୁଙ୍ଗୁରିପାଲି, ୨୪।୧୦(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲିସ୍ଥିତ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ମହିଳା ସୁରକ୍ଷା ସଚେତନତା ଅଭିଯାନ ଓ ସାଇବର ସୁରକ୍ଷା ଅଭିଯାନ ସୁବର୍ଣ୍ଣପୁର 'ସ୍ୱୟଂ ସିଦ୍ଧା ନାରୀଶକ୍ତି' ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ମହାବିଦ୍ୟାଳୟର ସଭାପତି ସୁଧୀର ମେହେର, ସ୍ୱୟଂସିଦ୍ଧା ନାରୀଶକ୍ତି ଅନୁଷ୍ଠାନର ସଭାପତି ମଧୁସ୍ମିତା ପରମ୍ପଗୁରୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାଂଶୁ କୁମାର ପୁରୋହିତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରଗଡର ଆଇନଜୀବି ଜୟଶ୍ରୀ ମହାପାତ୍ର ଯୋଗ ଦେଇ ନାରୀ ବର୍ତ୍ତମାନ ସମାଜରେ କେତେ ସୁରକ୍ଷିତ ଓ ନାରୀଙ୍କ ଭୂମିକା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ଏହି ଅବସରରେ ୧ ମାସ ଧରି ସାରା ରାଜ୍ୟରେ ସାଇବର ସୁରକ୍ଷା ନେଇ ସଚେତନତା କରାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଠାରୁ ସାଇବର ସୁରକ୍ଷା ଅଭିଯାନ ରଥକୁ ଜିଲାପାଳ ସାହୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଏସ୍‌ଡିପିଓ ରେଣୁକା ସୁନା, ସ୍ୱୟଂସିଦ୍ଧା ନାରୀଶକ୍ତି ଅନୁଷ୍ଠାନର ଶ୍ରଦ୍ଧାଞ୍ଜଳି ମିଶ୍ର, ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନି ପଟେଲ, ସମ୍ବଲପୁରୀ କଳାକାର ପଦ୍ମିନୀ ଦୋରା, ଶାଶ୍ୱତ ତ୍ରିପାଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଇବର ସୁରକ୍ଷା ଠକେଇକୁ ନେଇ ନାଟକ 'ଗୁଲାପି' ପରିବେଷଣ ହୋଇଥିଲା। ଅଧାପିକା ସସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୯, ତାରିଖ: ୨୪।୧୦।୨୦୨୫

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (ଟଙ୍କାରେ) |
|---|---|---|---|---|---|
| ୧. | ୫୬୨୫୫୧୮୪ଏ | ୨୫।୧୧।୨୫ | ଭିଡିୟୁ (୪୨-୮୫ ଇଞ୍ଚ) ପାଇଁ ଏସ୍‌ଏମ୍‌ପିଏସ୍-ଆଧାରିତ ମଡ୍ୟୁଲାର ପାୱାର ସପ୍ଲାଏ ଆରେଞ୍ଜମେଣ୍ଟ ଆଦି | ୩୫ ସେଟ୍ | ୧,୬୧,୦୭୦/- |
| ୨. | ୨୫୨୫୩୫୬୫ଏ | ୦୩।୧୧।୨୫ | ୧୫୦୦ ଆମ୍ପସ୍ କ୍ଷମତାର ରିଭର୍ସର ନିମନ୍ତେ କଣ୍ଟାକ୍ଟ ସେଗମେଣ୍ଟ | ୩୭୭ ଗୋଟି | ୧,୪୮,୭୩୦/- |
| ୩. | ୨୯୨୫୩୭୮ଏ | ୦୬।୧୧।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୩୯ ସେଟ୍ | ୩,୯୦,୩୭୦/- |
| ୪. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୫. | ୨୯୨୫୩୧୫୧ | ୧୪।୧୧।୨୫ | ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ ଏକ୍ସିଲ ବକ୍ସ ବେରିଂ କମ୍ପୋନେଣ୍ଟର ସେଟ୍ | ୧୦୩ ସେଟ୍ | ୧,୯୨,୪୦୦/- |
| ୬. | ୧୮୨୫୩୦୩୧ | ୨୧।୧୧।୨୫ | କିପି ରିଲେ, ୩ ଏନ୍.ଓ+୩ ଏନ୍.ସି. ଇଣ୍ଟରଲକ୍ କଣ୍ଟାକ୍ଟସ୍ | ୪୨୨ ଗୋଟି | ୧,୪୫,୮୯୦/- |
| ୭. | ୨୯୨୫୫୦୯୫ | ୦୬।୧୧।୨୫ | ସିଲିଣ୍ଡ୍ରିକାଲ ରୋଲର୍ ବେରିଂ ସେଟ୍ | ୨୦୦ ସେଟ୍ | ୨,୮୦,୬୦୦/- |
| ୮. | ୨୯୨୫୫୧୦୫ | ୦୬।୧୧।୨୫ | ଅତିରିକ୍ତ ହାର୍ଡୱେର୍‌ର ଯୋଗାଣ, ସ୍ଥାପନ ଓ କମିଶନିଂ | ୯୦୦ ଗୋଟି | ୭,୮୪,୯୯୦/- |
| ୯. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୧୦. | ୨୫୨୫୩୬୦୯ | ୧୦।୧୧।୨୫ | ସିଲିକନ୍ ରବର୍ କମ୍ପାଉଣ୍ଡ ସିଲାଣ୍ଟ | ୧୩୨୮୦ କିଗ୍ରା | ୧,୩୩,୨୭୦/- |
| ୧୧. | ୨୫୨୫୧୨୨୫ | ୨୪।୧୧।୨୫ | ଏମ୍‌ଏନ୍ ଷ୍ଟିଲ୍ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୫୫ ସେଟ୍ | ୧,୦୯,୦୩୦/- |
| ୧୨. | ୩୮୨୫୫୦୧୫ | ୦୪।୧୨।୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ କମ୍ପ୍ଲିଟ୍ । | ୫୦୦୦ ଗୋଟି | ୪,୧୦,୦୫୦/- |
| ୧୩. | ୮୩୨୫୧୮୮୩ଏ | ୧୦।୧୧।୨୫ | କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ୍ ଆକାର ୧୦.୩ ସେମି x ୬.୪ ସେମି ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୪. | ୬୫୨୫୫୦୨୧ | ୨୫।୧୧।୨୫ | ''ବଣ୍ଡମୁଣ୍ଡା, ହଳଦିଆ ଓ ଆଦିତ୍ୟପୁର ପାଇଁ ସିଏନ୍‌ସି ଏସ୍‌ଡବ୍ଲ୍ୟୁଏଲ୍''ର ଯୋଗାଣ ଓ ସ୍ଥାପନ ଏବଂ କମିଶନ୍ (ପ୍ରାକ୍ ବିଡ୍ ବୈଠକ ତା୦୪।୧୧।୨୫ରିଖ ୧୨.୦୦ ଘଟିକା ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର/ଜିଆରସି/କୋଲକାତା-୪୩ରେ) | ୦୩ ଗୋଟି | ୨୦,୦୦,୦୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-769)

**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc. (Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**


**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**

Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar

Job Location: Vill- Bharapur, Tal- Gandhidham, Dist- Kutch, Gujurat

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No.O-1093

No. Tender Online - RWCCESNG - 16 of 2025-26, Letter No. 2426 / Dtd. 09.10.2025

**e-Procurement NOTICE**

1. Type of the Work : Road (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of Seeking Tender Clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 16 of 2025-26 | 27.10.2025 11:00 A.M. | 10.11.2025 5:00 P.M. | 07.11.2025 5:00 P.M. | 11.11.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

OIPR-25133/11/0073/2526

Sd./- Chief Construction Engineer
Rural Works Circle, Sundargarh

**Notice under Order - 5, Rule - 20, C.P.C**
**In the Court of Senior Civil Judge, Rourkela,**
**Civil Suit No. 103 of 2021**

**Bank of Baroda, Power House Road Branch** .... Plaintiff
versus
**Smt. Anusaya Mohapatra** .... Defendants

To,
Mrs. Anusaya Mohapatra, aged about 38 years, D/o. Mr. Swarup Mohapatra At shop No. S-57, Koelnagar, NAC Market, P.O. - Rourkela - 769014, P.S. - Jhirpani, Dist.- Sundargarh, Odisha residing at House No. M-57, Gopabandhu Nagar, Chhend, P.O. - Rourkela- 769015, PS - Chhend, Dist.- Sundargarh, Odisha.

Whereas Bank of Baroda, Power House Road Branch, Rourkela has instituted a suit against you for realisation of **Rs. 4,45,731/- (Rupees Four Lakh Forty Five Thousand Seven Hundred Thirty one) only** + Pendentilite and future interest @ 9.30% per annum with monthly rests and cost of the suit.

You are hereby summoned to appear in this court in person or by pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **18th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all the documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed in the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the court this day of 22nd day of August 2025.

Senior Civil Judge , Rourkela

SAI/RKL/0172/25

**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI PROJECT, RAIPUR (CHHATTISGARH)**

**e-PROCUREMENT TENDER NOTICE**

**eProcurement Portal: https://eproc.cgstate.gov.in (First Call)**

**System Tender No. 177899/ NIT No.: 12/SAC/25-26** **Dated: 23.10.2025**

**Online Tenders are invited for the following work up to 13.11.2025 at 17.30 Hours.**

**Name of work - Construction of Village Road Bridge on Sejbahar Local Nalla in Block Dharsiwa, District Raipur.**

Probable Amount of Contract: - **Rs. 208.15 Lakhs**

**(As per S.O.R dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 30.10.2025, at 17.31 Hours. (IST) onwards.**

**NOTE** :- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. All Prequalification Certificates issued by Water Resources Department from dated 01.10.2024 till date is valid in this tender (As per Engineer-in-Chief, W.R.D. Raipur's Letter No. 425001/TC/2016/**IdwZ**-/9210 Raipur Dtd. 23/09/2025).

Sd./- Executive Engineer
Water Management Division No.I, Raipur
for, Chief Engineer, Mahanadi Project
Raipur (C.G)

G-252604328/6

**IndusInd Bank** ଆଞ୍ଚଳିକ କାର୍ଯ୍ୟାଳୟ: ୩ଏ ଅପର ଉଡ୍ ଷ୍ଟ୍ରିଟ୍ ଶାଖା, ୧ମ ମହଲା, ସାବିତ୍ରୀ ଟାୱାର, କୋଲକାତା-୭୦୦୦୧୭

ପରିଶିଷ୍ଟ-IV-A
[ନିୟମ ୮ (୬)ର ପ୍ରାବଧାନ ଦେଖନ୍ତୁ]
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**

[illegible]

| ସୁରକ୍ଷିତ ପରିସମ୍ପତ୍ତିର ବର୍ଣ୍ଣନା | ଆବଶ୍ୟକତାରେ ଥିବା ଋଣଭାର | ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି |
|---|---|---|---|
| [illegible] | ନାହିଁ | ଟ.୧,୭୫,୫୦,୦୦୦/- | ଟ.୧୭,୫୫,୦୦୦/- |

[illegible]

www.indusind.com | https://www.bankeauctions.com

ଇମେଲ୍: rohit.swaroop@indusind.com

[illegible]

ପ୍ରାଧିକୃତ ଅଧିକାରୀ
ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିଃ

ତାରିଖ: ୨୫।୧୦।୨୦୨୫
ସ୍ଥାନ: ବିଟିଗାଙ୍କ, ଓଡ଼ିଶା

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ପାଇଁ ''ନିଧି ଆପ୍‌କେ ନିକଟ'' ଏବଂ ''ପେନ୍‌ସନ ଅଦାଲତ'' ତା.୧୦.୧୧.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୧୦.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0171/25

# ସବୁ ଚର୍ଚ୍ଚାରେ ପ୍ରାର୍ଥୀ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୨୪।୧୦(ପାଠାୟତ ସାହୁ)

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। କହିବାକୁ ଗଲେ ସବୁ ଦଳର ଶତାଧିକ ରାଜ୍ୟସ୍ତରର ନେତା ନୂଆପଡ଼ାରେ ଡେରା ପକାଇ ରହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଏଥିରେ ବିଜୟ ହାସଲ କରିବା ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ଉକ୍ତ ଉପନିର୍ବାଚନରେ ଉପରୋକ୍ତ ୩ ପ୍ରମୁଖ ଦଳର ପ୍ରାର୍ଥୀ ଚୟନ ହିଁ ସେଠାକାର ରାଜନୈତିକ ବାତାବରଣକୁ ନୂଆ ପ୍ରକାର କରିଦେଇଛି। ୨୦୨୪ରେ ଏହି ଆସନ ବିଜେଡି ଦଖଲରେ ରହିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡି ଟିକେଟରେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ। ହେଲେ ତାଙ୍କ ଅବର୍ତ୍ତମାନରେ ତାଙ୍କ ପୁଅ ଜୟ ଢୋଲକିଆ ଶାସକ ଭାଜପାରେ ଯୋଗଦେଇ ସେହି ଦଳର ପ୍ରାର୍ଥୀ ହୋଇଛନ୍ତି। ହେଲେ ବିଜେଡି ଭଳି ସ୍ଥାନୀୟ ନେତାଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିବାକୁ ସାହସ ଜୁଟାଇ ନ ପାରି ବରଗଡ଼ ଜିଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିବାକୁ ବାଧ୍ୟ ହେଲା। ଏବେ ସେଠାରେ ସ୍ନେହାଙ୍ଗିନୀ ବାହାରର ନେତ୍ରୀ ବୋଲି ଚର୍ଚ୍ଚା ହେଉଛି। ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିଜିତ୍ ପଣ୍ଡା ୨୦୨୪ ନିର୍ବାଚନରେ ଏହି ଆସନରୁ ପ୍ରାର୍ଥୀ ହୋଇଥିଲେ। ନୂଆପଡ଼ା ଜିଲାରେ ବସନ୍ତ ଭାଜପାର ଆଧାରଭିତ୍ତ କ୍ୟାଡର ନେତା। ସେ ଗତ ନିର୍ବାଚନରେ ପୁଅର ରାଜନୈତିକ ଭବିଷ୍ୟତ ଓଡ଼ାରି କରିବାକୁ ନିଜେ ନିର୍ବାଚନ ଲଢ଼ି ନ ଥିଲେ। ହେଲେ ଏଥର ଉପନିର୍ବାଚନରେ ଦଳର କ୍ୟାଡରଙ୍କୁ ଗୁରୁତ୍ୱ ନ ଦେଇ ବିଜୟ ସମ୍ଭାବନା ଉପରେ ବିଶେଷ ଧ୍ୟାନ ଦିଆଗଲା ବୋଲି ଲୁହାଯାଉଛି। ବସନ୍ତ ଏବଂ ତାଙ୍କ ପୁଅଙ୍କୁ ଉପନିର୍ବାଚନ ପ୍ରାର୍ଥୀ ଭାଜପା କଲା ନାହିଁ। ଆଉପୁରି ରୋଚକ ହେଉଛି କଂଗ୍ରେସର ପ୍ରାର୍ଥୀ ଚୟନ। ଗତ ନିର୍ବାଚନରେ ଏହି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀଙ୍କୁ କଂଗ୍ରେସ ଏବେ ଟିକେଟ ଦେଇଛି। ଘାସିରାମ ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ିଥିଲେ ମଧ୍ୟ ଦୁଇ ନମ୍ବର ସ୍ଥାନରେ ରହିଥିଲେ। ଗତ ନିର୍ବାଚନରେ ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନିଜେ ପ୍ରାର୍ଥୀ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ହେଲେ ଘାସିରାମ କଂଗ୍ରେସରେ ମିଶି ଦଳୀୟ ନେତୃତ୍ୱଙ୍କ ଭରସା ଜିତିବା ସହିତ ପ୍ରାର୍ଥୀ ହୋଇଛନ୍ତି। ଏଭଳି ରାଜନୈତିକ ସ୍ଥିତି ଭିତରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ତୃଣମୂଳସ୍ତରରେ ଲୋକଙ୍କ ଭିତରେ ଉପନିର୍ବାଚନ ୧୭ ଦିନ ପୂର୍ବରୁ କିଭଳି ଆଲୋଚନା ଚାଲିଛି ତାକୁ ନେଇ ଧରିତ୍ରୀ ପକ୍ଷରୁ ଏକ ରିପୋର୍ଟ ସଂଗ୍ରହ କରିବାକୁ ଚେଷ୍ଟା କରାଯାଇଥିଲା। ନୂଆପଡ଼ା ନିର୍ବାଚନମଣ୍ଡଳୀର ସାଇପଲା ପଞ୍ଚାୟତରୁ ଆରମ୍ଭକରି ନୂଆପଡ଼ାର ନେତାଜୀ ଛକ ମଧ୍ୟରେ ୮ଟି ସ୍ଥାନରେ ନିଜ ପରିଚୟ ଗୋପନ ରଖି ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଅନୁଶୀଳନ କରିହେଲା। ସାଇପଲା ସମେତ ଜୁନସୁଣ୍ଡା, ଦର୍ଲିମୁଣ୍ଡା, ମଧୁପୁର, ଗୋଡ଼ଫୁଲା, ନୂଆପଡ଼ା ବସଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନରେ ଉପନିର୍ବାଚନକୁ ନେଇ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଭଲ ଭାବେ ଶୁଣିଥିଲୁ। ହେଲେ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତା ଅତିକ୍ରମ କରିବା ଭିତରେ କୌଣସିସ୍ଥାନରେ ରାଜନୈତିକ ଦଳଗୁଡ଼ିକର ବ୍ୟାନର, ପୋଷ୍ଟର, ଦଳୀୟ ପତାକା ଦେଖିବାକୁ ମିଳି ନ ଥିଲା। ସାଇପଲା ଛକରେ ପ୍ରାୟ ୨୦ ମିନିଟ୍ ସମୟ ବିତାଇବା ଭିତରେ ସେଠାରେ ଉପସ୍ଥିତ କେତେଜଣ ବ୍ୟବସାୟୀ ଏବଂ ସାଧାରଣ ଲୋକ ଏକ ଖଟିରେ ବସି ଆଲୋଚନା କରୁଥାଆନ୍ତି। ସେମାନଙ୍କ କହିବା କଥା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଲୋକପ୍ରିୟତା ଯୋଗୁ ତାଙ୍କ ସମର୍ଥକମାନେ ଜୟଙ୍କ ସହିତ ରହିପାରନ୍ତି। ଯେହେତୁ ଭାଜପା ସରକାରରେ ଅଛି, ତେଣୁ ମତଦାନ ତାଙ୍କ ସପକ୍ଷରେ ଯିବା ସମ୍ଭାବନା ରହିଛି। ଏହାପରେ ଆମେ ଦର୍ଲିମୁଣ୍ଡା ଓ ମଧୁପୁରର ରାସ୍ତାକଡ଼ରେ ଅଟକି ଥିବା କେତେଜଣ ବ୍ୟକ୍ତିଙ୍କ ଆଲୋଚନା ଶୁଣିଥିଲୁ। ସେଠାରେ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ବେଶ୍ ଆଲୋଚନା ଚାଲୁଥାଏ। ଯେହେତୁ ଘାସିରାମ ମାଝୀ ଆଦିବାସୀ ସମ୍ପ୍ରଦାୟର ତେଣୁ ଆଦିବାସୀମାନଙ୍କ ଅଧିକାଂଶ ଭୋଟ ତାଙ୍କ ସପକ୍ଷରେ ଯାଇପାରେ। ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ବାହାରୁ ପ୍ରାର୍ଥୀ ହୋଇଥିବା ସେମାନେ ଆଲୋଚନା କରୁଥାଆନ୍ତି। ଏବେ ବିଜେଡିର ବିରୋଧୀ ଦଳ ନେତା ଓ ସ୍ଥାନୀୟ ନେତୃତ୍ୱଙ୍କ ପ୍ରଚେଷ୍ଟାରେ ହେଉଥିବା ସଭା ସମିତି, ମିଶ୍ରଣ ପର୍ବ ଯୋଗୁ ବିଜେଡି ଧୀରେ ଧୀରେ ବଳ ଗୋଟାଉଥିବା ଆଲୋଚନା ହେଉଛି। ଏହାପରେ ଗୋଡ଼ଫୁଲା, ନୂଆପଡ଼ା ବସଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନର ଖଟିରେ ଆଦିବାସୀ ଭୋଟ ଭାଗ ଭାଗ ହେଉଥିବା ଚର୍ଚ୍ଚା ହେଉଥିଲା। ଆଦିବାସୀ ନେତାମାନେ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଆଦିବାସୀମାନଙ୍କ ଭୋଟ ହାତେଇବା ଲାଗି ଜୋର୍‌ଦାର କସରତ କରୁଛନ୍ତି। ଏସବୁ ଭିତରେ ୩ ପ୍ରମୁଖ ଦଳ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ମତଦାତାଙ୍କୁ ନିଜ ନିଜ ସପକ୍ଷରେ ମତଦାନ ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ଏସବୁ ଭିତରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନୂଆପଡ଼ାରେ ନିର୍ବାଚନ ପ୍ରଚାରକୁ ତାଙ୍କ ଦଳର ନେତାମାନେ ଅପେକ୍ଷାକରି ରହିଛନ୍ତି। ତାଙ୍କ ପ୍ରଚାର ପରେ ବିଜେଡି ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇପାରେ ବୋଲି ଆଲୋଚନା ହେଉଛି।

# ଏନ୍‌ଏସି ଦାବିରେ ସୁବଳୟାରେ ୧୨ ଘଣ୍ଟିଆ ବନ୍ଦ

ବୀରମହାରାଜପୁର,୧୪।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଦାବିରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପ୍ରଭାବ ଯୋଗୁ ରାସ୍ତାଘାଟ, ଦୋକାନ ବଜାର, ଯାନବାହନ ଚଳାଚଳ, ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ସାଧାରଣ ନିର୍ବାଚନ ପୂର୍ବରୁ ସୁବର୍ଣ୍ଣପୁର ଜିଲାର ୫ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ନିର୍ବାଚନର ଗୋଟିଏ ବର୍ଷ ପରେ କେବଳ ବୀରମହାରାଜପୁରକୁ ଏନ୍‌ଏସି ଭାବେ ଘୋଷଣା କରିଛନ୍ତି ବର୍ତ୍ତମାନର ରାଜ୍ୟ ସରକାର। ସୁବଳୟାକୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଏନ୍‌ଏସିର ମାନ୍ୟତା ଦେଲେ ନାହିଁ। ଫଳରେ ସୁବଳୟାବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅସନ୍ତୋଷ ଯୋଗୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ନେଇ ପୂର୍ବ ସୂଚନା ନ ପାଇ ଲୋକେ ସୁବଳୟାକୁ ଆସି ହଇରାଣ ହୋଇଥିଲେ। ସୁବଳୟାକୁ ଥିବା ୨ପ୍ରବେଶ ପଥ କମିରା ବ୍ରିଜ ଉପରେ ଓ ଗୋବିନ୍ଦପୁର ଛକ ନିକଟରେ ରାସ୍ତାରେ ଟାୟାରଜାଳି ଅବରୋଧ ଫଳରେ ୨ଚକିଆରୁ ଆରମ୍ଭ କରି ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଥିଲା। ଫଳରେ ଲୋକେ ଦୀର୍ଘ ସମୟ ଅଟକି ବହୁ ହଇରାଣ ହୋଇଥିବା ଦେଖାଯାଇଥିଲା। ଏପରିକି ମହାନଦୀ ନେତ୍ର ଚିକିତ୍ସାଳୟର ଔଷଧ ପରିବହନ ଗାଡିକୁ ଅଟକା ଯାଇଥିଲା। ତେବେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କଲା ପରେ ଔଷଧ ଗାଡିକୁ ଛଡା ଯାଇଥିଲା। ସୁବଳୟା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ବନ୍ଦ ଡାକରାରେ ହରିହର ସାହୁ, ଯଦୁମଣି ମେହେର, ଟୁନା ଅଧିକାରୀ, ଗୋପାଳ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ରାଜ୍ୟ ସରକାର ଯଦି ତୁରନ୍ତ ସୁବଳୟାକୁ ଏନ୍‌ଏସି ଘୋଷଣା ନ କରନ୍ତି, ତା'ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟିର ସଦସ୍ୟମାନେ କହିଛନ୍ତି। ବନ୍ଦକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।



୧୨ ଘଣ୍ଟିଆ ବନ୍ଦ ପାଳନବେଳେ ରାସ୍ତା ଅବରୋଧ କରାଯାଉଛି।


**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନ୍‌ସନ ଅଦାଲତ" ତା.୧୦.୧୧.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୧୦.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0171/25


# ଗୁଣିଗାରେଡ଼ି କଥା କହି ଭଉଣୀ ଭାଇଙ୍କୁ ଥାନାରେ ୧୦ ଘଣ୍ଟା ଅଟକ

## ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଏସ୍‌ପିଙ୍କୁ ଭେଟିଲେ ପୀଡିତ

ବଲାଙ୍ଗୀର,୨୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ତୁରେକେଲା ଥାନା କନ୍ଧେଇ ଗାଁର ଏକ ପରିବାରର ଭଉଣୀ ଭାଇଙ୍କୁ ପୋଲିସ ଗୁଣିଗାରେଡି କଥା କହି ଥାନାକୁ ଡକାଇ ୧୦ ଘଣ୍ଟା କାଳ ଅଟକ ରଖି ହଇରାଣ କରିବା ସହ ଅଶ୍ଳୀଳ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଦୁଇ ପୀଡିତ ଶୁକ୍ରବାର ବଲାଙ୍ଗୀର ଏସ୍‌ପି ଅଫିସକୁ ଆସି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କନ୍ଧେଇ ଗାଁର ମାୟାବତୀ କୁମ୍ଭାର ଏବଂ ତାଙ୍କ ଭାଇ ରୂପା କୁମ୍ଭାର ତାଙ୍କ ଗାଁ ଜମିରେ ଏକ ମନ୍ଦିର କରି ପୂଜାର୍ଚ୍ଚନା କରୁଛନ୍ତି। ତେବେ ସେଠାରେ ଜମି କିଣିଥିବା ଖରିଆର ଅଞ୍ଚଳର ଜଣେ ବ୍ୟବସାୟୀ ତୁରେକେଲା ଥାନାକୁ ଫୋନ୍ କରି କ'ଣ ଅଭିଯୋଗ କଲେ ଯେ, ତୁରେକେଲା ଥାନା ପୋଲିସ ନିକଟରେ ଉଭୟ ମାୟାବତୀ ଓ ତାଙ୍କ ଭାଇ ରୂପାଙ୍କୁ ଥାନାକୁ ଡାକି ଅପରାହ୍ନ ୪ଟାରୁ ରାତି ୨ଟା ପର୍ଯ୍ୟନ୍ତ ବସାଇ ରଖିଥିଲେ। କେଉଁ କାରଣରୁ ସେମାନଙ୍କୁ ଥାନାକୁ ଡକାଇ ଏଭଳି ଅଟକ ରଖାଯାଇଛି ବୋଲି ପ୍ରଶ୍ନ କରିବାରୁ ସେମାନଙ୍କୁ ଗାଳିଗୁଲଜ କରାଯାଇଥିବା ଉଭୟ ଏସ୍‌ପି ଅଫିସରେ ଆସି ଅଭିଯୋଗ କରିଛନ୍ତି। ତୁରେକେଲା ଥାନା ପୋଲିସ ସେମାନଙ୍କୁ କାହିଁକି ଦୁର୍ବ୍ୟବହାର ପ୍ରଦର୍ଶନ କଲେ ଏବଂ ହଇରାଣ କଲେ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏ ଦିଗରେ ତଦନ୍ତ କରାଯିବ ବୋଲି ଏଚଆରପିସି ଡିଏସପି ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି।

# ଦୁଇ ବାଇକ୍ ମଧ୍ୟରେ ଧକ୍କା: ୩ ଗୁରୁତର

ବଘିଆପଡ଼ା,୨୪।୧୦(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ତାଳଗରି ଗ୍ରାମ ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ବୌଦ୍ଧ ଥାନା ଟିକରପଡା ପଞ୍ଚାୟତ ବିରିଗଡ ଗ୍ରାମର ଦିବାକର ଖଟୁଆ ବାଉଁଶୁଣୀ କଲେଜରେ ପାଠ ପଢୁଥିବା ନିଜ ଝିଅ ସହ ବାଇକ୍ ଯୋଗେ ନିଜ ଘରୁ ଜହ୍ନାପଙ୍କ ଆଡକୁ ଆସୁଥିବା ସମୟରେ ସାମ୍ନା ପଟୁ ଆସୁଥିବା କମିରା ଗ୍ରାମର ଜିତେନ୍ଦ୍ର ବାଘଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ର ୩ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ୩ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ବୁର୍ଲା ଭୀମ ସାରକୁ ସ୍ଥାନାନ୍ତର କରାଯାଇଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
9438128790କୁ ବାୟୋଡ଼ାଟା ପଠାନ୍ତୁ।

**OFFICE OF THE PRINCIPAL**
**PANCHAYAT SAMITI COLLEGE, BELPARA**
**DIST : BALANGIR**
E-mail : psc_belpara@yahoo.co.in

No.1081 Date : 24.10.2025

**WANTED**

An interview for the following posts shall be held in the office of the undersigned. Interested eligible candidates may apply with complete bio data along with Xerox cum Self attested copy of all testimonials/ Certificates through regd. post to attend the interview by 08.11.2025. The date of interview shall be informed to the shortlisted candidates.

| Posts | No. of Posts | Minimum Qualification |
|---|---|---|
| 1-Jr. Clerk-Cum-DEO | 01 | BCA in Computer |

Sd./- Principal
Panchayat Samiti College, Belpara

**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc. (Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm
Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar
Job Location: Vill- Bharapur, Tal- Gandhidham, Dist- Kutch, Gujurat

**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI PROJECT, RAIPUR (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

System Tender No. 177899/ NIT No.: 12/SAC/25-26 Dated: 23.10.2025
**Online Tenders are invited for the following work up to 13.11.2025 at 17.30 Hours.**
**Name of work - Construction of Village Road Bridge on Sejbahar Local Nalla in Block Dharsiwa, District Raipur.**
Probable Amount of Contract: - **Rs. 208.15 Lakhs**
**(As per S.O.R dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 30.10.2025, at 17.31 Hours. (IST) onwards.**
**NOTE** :- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. All Prequalification Certificates issued by Water Resources Department from dated 01.10.2024 till date is valid in this tender (As per Engineer-in-Chief, W.R.D. Raipur's Letter No. 425001/TC/2016/IdwZ-/9210 Raipur Dtd. 23/09/2025).

Sd./- Executive Engineer
Water Management Division No.I, Raipur
for, Chief Engineer, Mahanadi Project
Raipur (C.G)
G-252604328/6

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୯, ତାରିଖ: ୨୪।୧୦।୨୦୨୫

**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (ଟଙ୍କାରେ) |
|---|---|---|---|---|---|
| ୧. | ୫୬୨୫୫୧୮୪ଏ | ୨୫।୧୧।୨୫ | ଭିଡିୟୁ (୪୨–୮୫ ଇଞ୍ଚ) ପାଇଁ ଏସ୍‌ଏମ୍‌ପିଏସ୍–ଆଧାରିତ ମଡ୍ୟୁଲାର ପାୱାର ସପ୍ଲାଏ ଆରେଞ୍ଜମେଣ୍ଟ ଆଦି | ୩୫ ସେଟ୍ | ୧,୬୧,୦୭୦/- |
| ୨. | ୨୫୨୫୩୫୬୫ଏ | ୦୩।୧୧।୨୫ | ୧୫୦୦ ଆମ୍ପସ୍ କ୍ଷମତାର ରିଭର୍ସର ନିମନ୍ତେ କଣ୍ଟାକ୍ଟ ସେଗ୍‌ମେଣ୍ଟ | ୩୭୭ ଗୋଟି | ୧,୪୮,୭୩୦/- |
| ୩. | ୨୯୨୫୩୭୮୮ଏ | ୦୬।୧୧।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୩୯ ସେଟ୍ | ୩,୯୦,୩୭୦/- |
| ୪. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୫. | ୨୯୨୫୩୧୫୧ | ୧୪।୧୧।୨୫ | ଡବ୍ଲ୍ୟୁଏଜି–୯ ଲୋକୋ ପାଇଁ ଏକ୍ସିଲ ବକ୍ସ ବେରିଂ କମ୍ପୋନେଣ୍ଟର ସେଟ୍ | ୧୦୩ ସେଟ୍ | ୧,୯୨,୪୦୦/- |
| ୬. | ୧୮୨୫୩୦୩୧ | ୨୧।୧୧।୨୫ | କିପି ରିଲେ, ୩ ଏନ୍.ଓ+୩ ଏନ୍.ସି. ଇଣ୍ଟରଲକ୍ କଣ୍ଟାକ୍ଟସ୍ | ୪୨୨ ଗୋଟି | ୧,୪୫,୮୯୦/- |
| ୭. | ୨୯୨୫୫୦୯୫ | ୦୬।୧୧।୨୫ | ସିଲିଣ୍ଡରିକାଲ ରୋଲର୍ ବେରିଂ ସେଟ୍ | ୨୦୦ ସେଟ୍ | ୨,୮୦,୬୦୦/- |
| ୮. | ୨୯୨୫୫୧୦୫ | ୦୬।୧୧।୨୫ | ଅତିରିକ୍ତ ହାର୍ଡୱେର୍‌ର ଯୋଗାଣ, ସ୍ଥାପନ ଓ କମିଶନିଂ | ୯୦୦ ଗୋଟି | ୭,୮୪,୯୯୦/- |
| ୯. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୧୦. | ୨୫୨୫୩୬୦୯ | ୧୦।୧୧।୨୫ | ସିଲିକନ୍ ରବର୍ କମ୍ପାଉଣ୍ଡ ସିଲାଣ୍ଟ | ୧୩୨୮୦ କିଗ୍ରା | ୧,୩୩,୨୭୦/- |
| ୧୧. | ୨୫୨୫୧୨୨୫ | ୨୪।୧୧।୨୫ | ଏମ୍‌ଏନ୍ ଷ୍ଟିଲ୍ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୫୫ ସେଟ୍ | ୧,୦୯,୦୩୦/- |
| ୧୨. | ୩୮୨୫୫୦୧୫ | ୦୪।୧୨।୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ କମ୍ପ୍ଲିଟ୍। | ୫୦୦୦ ଗୋଟି | ୪,୧୦,୦୫୦/- |
| ୧୩. | ୮୩୨୫୧୮୮୩ଏ | ୧୦।୧୧।୨୫ | କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ୍ ଆକାର ୧୦.୩ ସେମି x ୬.୪ ସେମି ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୪. | ୬୫୨୫୫୦୨୧ | ୨୫।୧୧।୨୫ | "ବଣ୍ଡମୁଣ୍ଡା, ହଳଦିଆ ଓ ଆଦିତ୍ୟପୁର ପାଇଁ ସିଏନ୍‌ସି ଏସ୍‌ଡବ୍ଲ୍ୟୁଏଲ୍"ର ଯୋଗାଣ ଓ ସ୍ଥାପନ ଏବଂ କମିଶନ୍ (ପ୍ରାକ୍ ବିଡ୍ ବୈଠକ ତା୦୪।୧୧।୨୫ରିଖ ୧୨.୦୦ ଘଟିକା ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର୍/ଜିଆର୍‌ସି/କୋଲକାତା–୪୩ରେ) | ୦୩ ଗୋଟି | ୨୦,୦୦,୦୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-769)

**IndusInd Bank** ଆଞ୍ଚଳିକ କାର୍ଯ୍ୟାଳୟ: ୩ଏ ଅପର ଉଡ୍ ଷ୍ଟ୍ରିଟ୍ ଶାଖା, ୧ମ ମହଲା, ସାବିତ୍ରୀ ଟାୱାର, କୋଲକାତା-୭୦୦୦୧୭

**ପରିଶିଷ୍ଟ-IV-A**
**[ନିୟମ ୮ (୬)ର ପ୍ରାବଧାନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ ୨୦୦୨ର ନିୟମ ୮ (୬)ର ପ୍ରାବଧାନ ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ନିଲାମ ବିକ୍ରୟ ନୋଟିସ।

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ଋଣଗ୍ରହୀତା(ଗଣ) ଓ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବେ ନୋଟିସ ଦିଆଯାଉଛି କି, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜଡ୍ ହୋଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିମିଟେଡ୍, ସୁରକ୍ଷିତ ଋଣଦାତାଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ତା୧୩।୧୧।୨୦୨୫ରିଖରେ, **ମେସର୍ସ ରିବି ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ (ଋଣଗ୍ରହୀତା), ଶ୍ରୀ ନବୀନ କୁମାର ଜୈନ (ଭାଗୀଦାର ଓ ଗ୍ୟାରେଣ୍ଟିଦାତା), ଶ୍ରୀ ନିଶାନ୍ତ କୁମାର ଜୈନ (ଭାଗୀଦାର ଓ ଗ୍ୟାରେଣ୍ଟିଦାତା), ଶ୍ରୀମତୀ ଫୋଲି ଦେବୀ ଜୈନ (ଗ୍ୟାରେଣ୍ଟିଦାତା), ଶ୍ରୀମତୀ ସରିତା ଜୈନ (ଗ୍ୟାରେଣ୍ଟିଦାତା) ଏବଂ ସ୍ୱର୍ଗତ ଭିଖୁ ରାମ ଜୈନ (ତାଙ୍କର ଆଇନଗତ ଉତ୍ତରାଧିକାରୀ(ଗଣ)ଙ୍କ ଜରିଆରେ ପ୍ରତିନିଧିତ୍ୱରେ)**ଙ୍କଠାରୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିମିଟେଡ୍, ସୁରକ୍ଷିତ ବନ୍ଧକଦାତାଙ୍କୁ ତା୩୦।୦୯।୨୦୨୫ରିଖ ସୁଦ୍ଧା ଦେୟ ରହିଥିବା ଟ.୪୨,୧୭,୩୦,୨୪୯.୪୧/- (ବୟାଳିଶ କୋଟି ସତର ଲକ୍ଷ ତିରିଶ ହଜାର ଦୁଇଶହ ଅଣଚାଶ ଟଙ୍କା ଏକଚାଳିଶ ପଇସା ମାତ୍ର) ତଥା ତା୦୧।୧୦।୨୦୨୫ରିଖରୁ ଚୁକ୍ତିମୂଳକ ହାରରେ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ତଳେ ଦର୍ଶାଯାଇଛି। ତା୦୪।୧୧।୨୦୨୫ରିଖରେ ନିମ୍ନଦର୍ଶିତ ବିବରଣୀ ପାଇଁ ସମ୍ପତ୍ତି ତଦାରଖ ଲାଗି ଉପଲବ୍ଧ ହେବ।

| ସୁରକ୍ଷିତ ପରିସମ୍ପତ୍ତିର ବର୍ଣ୍ଣନା | ଜ୍ଞାତସାରରେ ଥିବା ଋଣଭାର | ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି |
|---|---|---|---|
| ସମ୍ପତ୍ତି–୧: ପ୍ଲଟ୍ ନଂ.:୨୫୩୧/୪୦୫୯, ଖାତା ନଂ.: ୮୫୨/୨୫୯; ୱାର୍ଡ ନଂ.୦୫, ହୋଲ୍‌ଡିଂ ନଂ.୭୫; ରକବା: ୦.୦୯୪ ଏକର, (ପରିମାପ ୪୦୯୫ ବର୍ଗ ଫୁଟ), ଜିଲ୍ଲା: ବଲାଙ୍ଗିର, ତହସିଲ: ଟିଟିଲାଗଡ଼, ମୌଜା: ଟିଟିଲାଗଡ଼ (କେଏ)ଠାରେ ଅବସ୍ଥିତ ଜମି ଓ ବିଲ୍‌ଡିଂର ସମସ୍ତ ଭାଗ ଓ ଅଂଶବିଶେଷ; (କିସମ– ଘରବାରି ଏକ); ଚଉହଦି: ଉତ୍ତର: ଇନ୍ଦର ଭୋଇଙ୍କ ସମ୍ପତ୍ତି; ଦକ୍ଷିଣ: ହନୁମାନ ପ୍ରସାଦ ଅଗରୱାଲଙ୍କ ଘର, ପୂର୍ବ: ତିଲକ ଜୈନଙ୍କ ଘର ଓ ପଶ୍ଚିମ: ରାସ୍ତା। ସମ୍ପତ୍ତିର ବର୍ଣ୍ଣନା ଅଧିକ ପୂର୍ଣ୍ଣ ଓ ସବିଶେଷ ଭାବେ ଭିଖୁରାମ ଜୈନଙ୍କ ନାମରେ ପଞ୍ଜୀକୃତ ବିକ୍ରି କବଲା ନଂ.୧୬୧୬/୧୯୮୩ ତାରିଖ: ୦୩।୦୬।୧୯୮୩ରେ ଦର୍ଶାଯାଇଛି।<br>ସମ୍ପତ୍ତି–୨: ପ୍ଲଟ୍ ନଂ. ୨୫୩୧; ଖାତା ନଂ.: ୮୫୨/୨୫୮୪, ରକବା: ୦.୧୨୪ ଏକର; ଏବଂ ପ୍ଲଟ୍ ନଂ. ୨୫୫୫/୩୭୧୧ ରକବା: ୦.୦୧୦ ଏକର, ମୋଟ ରକବା ୦.୧୩୪ ଏକର, ୱାର୍ଡ ନଂ.୦୫, ଜିଲ୍ଲା: ବଲାଙ୍ଗିର, ତହସିଲ: ଟିଟିଲାଗଡ଼, ମୌଜା: ଟିଟିଲାଗଡ଼ଠାରେ ଅବସ୍ଥିତ ଜମି ଏବଂ ବିଲ୍‌ଡିଂର ସମସ୍ତ ଭାଗ ଓ ଅଂଶବିଶେଷ; (କିସମ– ଘରବାରି ଏକ); ଚଉହଦୀ: ଉତ୍ତର: ବି. ଜୈନଙ୍କ ସମ୍ପତ୍ତି; ଦକ୍ଷିଣ: ମହେଶ ଅଗରୱାଲଙ୍କ ଘର, ପୂର୍ବ: ତିଲକ ଚାନ୍ଦ ଜୈନ ଓ ରାଧେଶ୍ୟାମ ଜୈନଙ୍କ ଘର ଏବଂ ପଶ୍ଚିମ: ସଡ଼କ। ସମ୍ପତ୍ତିର ବର୍ଣ୍ଣନା ଅଧିକ ପୂର୍ଣ୍ଣ ଓ ସବିଶେଷ ଭାବେ ଭିଖୁରାମ ଜୈନଙ୍କ ନାମରେ ବିକ୍ରି କବଲା ନଂ.: ୧୬୨୭, ତାରିଖ:୨୦।୦୫।୧୯୮୩ ତଥା ମ୍ୟୁଟେସନ ଆଦେଶ ନଂ.୧୧୦୨ ତାରିଖ: ୦୭।୧୧।୨୦୧୩ରେ ଦର୍ଶାଯାଇଛି। | ନାହିଁ | ଟ.୧,୭୫,୫୦,୦୦୦/- (ଏକ କୋଟି ପଞ୍ଚସ୍ତରି ଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) | ଟ.୧୭,୫୫,୦୦୦/- (ସତର ଲକ୍ଷ ପଞ୍ଚାବନ ହଜାର ଟଙ୍କା ମାତ୍ର) |

| | |
|---|---|
| ନିଲାମର ତାରିଖ ଓ ସମୟ | ୧୩।୧୧।୨୦୨୫ (ପୂ. ୧୧.୩୦ଟାରୁ ଅପରାହ୍ନ ୧୨.୩୦ଟା ପର୍ଯ୍ୟନ୍ତ) |
| ଅନ୍‌ଲାଇନ୍ ନିଲାମ ୱେବ୍‌ସାଇଟ୍ | https://www.bankeauctions.com |
| ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ | ୧୨।୧୧।୨୦୨୫ |
| ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ଟ.୫୦,୦୦୦/- ମାତ୍ର |
| ଆଗ୍ରହୀ କ୍ରେତାମାନଙ୍କ ଦ୍ୱାରା ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ତା୦୪।୧୧।୨୦୨୫ରିଖ (ପୂ. ୧୧.୩୦ଟାରୁ ଅ. ୧୨.୩୦ଟା ପର୍ଯ୍ୟନ୍ତ) |
| ପ୍ରାଧିକୃତ ଅଧିକାରୀଙ୍କ ଯୋଗାଯୋଗ ବିବରଣୀ | ମୋବାଇଲ ନଂ. ୯୮୭୪୪୩୮୭୮୫<br>ଇମେଲ: rohit.swaroop@indusind.com |

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍, ଅର୍ଥାତ୍ www.indusind.com କିମ୍ବା ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ୍ ଅର୍ଥାତ୍ https://www.bankeauctions.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

**ସରଫାଏସି ଅଧିନିୟମର ପ୍ରାବଧାନ/ନିୟମାବଳୀ ଅଧୀନରେ ବିକ୍ରୟ ପାଇଁ ବୈଧାନିକ ୧୫ ଦିନିଆ ନୋଟିସ**

ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ଏହାକୁ ଏକ ୧୫ ଦିନିଆ ବିକ୍ରୟ ନୋଟିସ ଭାବେ ବିବେଚନା କରିପାରନ୍ତି। ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ବିକ୍ରୟ ନୋଟିସ ତାରିଖର ୧୫ ଦିନ ମଧ୍ୟରେ ସେମାନଙ୍କର ଉପରଦର୍ଶିତ ଦେୟତାକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବା ଏବଂ ସୁରକ୍ଷିତ ପରିସମ୍ପତ୍ତି ଉପରୁ ବନ୍ଧକକୁ ମୁକୁଳାଇବା ପାଇଁ ଏକ ଶେଷ ଓ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ସୁରକ୍ଷିତ ପରିସମ୍ପତ୍ତିକୁ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରିଦିଆଯିବ।

**ତାରିଖ: ୨୫।୧୦।୨୦୨୫** **ପ୍ରାଧିକୃତ ଅଧିକାରୀ**
**ସ୍ଥାନ: ଟିଟିଲାଗଡ଼, ଓଡ଼ିଶା** **ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିଃ**

**Notice under Order - 5, Rule - 20, C.P.C**
**In the Court of Senior Civil Judge, Rourkela,**
**Civil Suit No. 103 of 2021**

**Bank of Baroda, Power House Road Branch .... Plaintiff**
**versus**
**Smt. Anusaya Mohapatra .... Defendants**

**To,**

Mrs. Anusaya Mohapatra, aged about 38 years, D/o. Mr. Swarup Mohapatra At shop No. S-57, Koelnagar, NAC Market, P.O. - Rourkela - 769014, P.S. - Jhirpani, Dist.- Sundargarh, Odisha residing at House No. M-57, Gopabandhu Nagar, Chhend, P.O. - Rourkela- 769015, PS - Chhend, Dist.- Sundargarh, Odisha.

Whereas Bank of Baroda, Power House Road Branch, Rourkela has instituted a suit against you for realisation of **Rs. 4,45,731/- (Rupees Four Lakh Forty Five Thousand Seven Hundred Thirty one) only** + Pendentilite and future interest @ 9.30% per annum with monthly rests and cost of the suit.

You are hereby summoned to appear in this court in person or by pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **18th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all the documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed in the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the court this day of 22nd day of August 2025.

**Senior Civil Judge , Rourkela**
SAI/RKL/0172/25

# ଗାନ୍ଧିଜୀ ଯୁବକମାନଙ୍କ ଆଦର୍ଶ: ଆଫଲାତୁନ୍

**ବଲାଙ୍ଗୀର, ୨୪।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**



ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଆଫଲାତୁନ୍ ବକ୍ତବ୍ୟ ରଖୁଛନ୍ତି।

**ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର**

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର 'ଏମିତି ବି ଥିଲେ ଗାନ୍ଧୀ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୌତୁକ ପନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ଗାନ୍ଧୀବାଦୀ, ସୁଲେଖକ ଏବଂ ସାମାଜିକ କର୍ମୀ ଆଫଲାତୁନ୍ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଦେଶର ଅଗଣିତ ଯୁବକମାନଙ୍କ ଆଦର୍ଶ ଓ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସେ କହିଥିଲେ, ଗାନ୍ଧିଜୀ ୪୬ ବର୍ଷ ବୟସରେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ମନ୍ତ୍ରରେ ସଫଳତା ଲାଭ କରି ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଭାରତକୁ ଫେରି ସମଗ୍ର ଦେଶର ଛାତ୍ର, କିଶୋର, ଯୁବକ, ଓ ବୃଦ୍ଧଙ୍କୁ ଉଦ୍‌ବୁଦ୍ଧ କରି ଜାତୀୟ ଏକତା ପ୍ରତିଷ୍ଠା କରିଥିଲେ। ଆମ ଦେଶ ଭଳି ବିଶ୍ୱର ଅଧିକାଂଶ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରହିଛି। ତେବେ ତାଙ୍କ ବୃଦ୍ଧାବସ୍ଥାର ପ୍ରତିମୂର୍ତ୍ତିକୁ ପ୍ରାୟତଃ ସ୍ଥାନରେ ଲାଗାଯାଇଥାଏ। ଗାନ୍ଧିଜୀ କହିଲେ ତାଙ୍କ ବୃଦ୍ଧାବସ୍ଥାର ଚେହେରାଟି ମନେପଡେ। ମାତ୍ର ସେ ସବୁବେଳେ ଛାତ୍ର, କିଶୋର ଏବଂ ଯୁବବର୍ଗଙ୍କୁ ଉଦ୍‌ବୁଦ୍ଧ କରିଆସିଛନ୍ତି। ସେ ତାଙ୍କ ସ୍ୱପ୍ନର ଭାରତବର୍ଷ ଗଢ଼ିବାରେ ଯେଉଁମାନଙ୍କ ସବୁଠୁ ବେଶୀ ଆବଶ୍ୟକତା ଅନୁଭବ କରିଛନ୍ତି ତାହା ଦେଶର ଅଗଣିତ ଯୁବବର୍ଗ ବୋଲି କହିଥିଲେ। ଆଜି ଦେଶ ପୁଞ୍ଜିବାଦୀ ଓ କର୍ପୋରେଟ ଶକ୍ତିଙ୍କ କବଳରେ ପଡିଛି। ଅଳ୍ପ କିଛି ଲୋକଙ୍କ ହାତରେ ପୁଞ୍ଜି ଠୁଳ ହେଉଛି। ଗାନ୍ଧିଜୀ କିନ୍ତୁ ଯେଉଁ ଆର୍ଥିକ ନୀତି କଥା କହୁଥିଲେ ସେଥିରେ ଦେଶର ସାଧାରଣ ଲୋକ ସଶକ୍ତ ହୋଇଥାନ୍ତେ। ସେଥିରେ ବେରୋଜଗାରୀ, ବେକାରୀ ଓ ଦାରିଦ୍ର୍ୟ ହଟିଥାନ୍ତା। ଏବେ ଦେଶର ଯୁବବର୍ଗ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଶକ୍ତିରେ ଦେଶକୁ ଆର୍ଥିକ ସ୍ୱାବଲମ୍ବନ କରିବା ପାଇଁ ଆଗେଇ ଆସିବା ସମୟ ଉପନୀତ ବୋଲି କହିଥିଲେ। ଆଲୋଚନାଚକ୍ରକୁ ସମାଜିକ କର୍ମୀ ରାଜେଶ ଝାଙ୍କର ସଂଯୋଜନା କରିଥିଲେ। କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମଣ ଚନ୍ଦ୍ର ହୋତା ଗାନ୍ଧିଜୀଙ୍କ ଆତ୍ମଜୀବନୀ ଉପରେ ଆଲୋଚନା କରି ତାଙ୍କ ସତ୍ୟନିଷ୍ଠତା ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ବାଲି କହିଥିଲେ। ଆଲୋଚନାଚକ୍ର ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ହୃଷୀକେଶ ଦାସ, ଡ. ବିଜୟ କୁମାର ବେହେରା, ଡ. ଆଶୀର୍ବାଦ ସାହୁ, ଡ. ସୁମନ୍ତ ରଣା, ଡ. ସ୍ମୃତିରାଣୀ ବେଦବାକ, ଡ ଜଗନ୍ନାଥ ସାହୁ, ସମାଜିକକର୍ମୀ ସତ୍ୟ ବନ୍‌ଛୋର, ଚଞ୍ଚଳ ମିଶ୍ର ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଡ ଶ୍ରୀକାନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

# ୯ ଲକ୍ଷରୁ ଉର୍ଦ୍ଧ୍ୱ ଭତ୍ତା ଟଙ୍କା ଲୁଟ୍ ଅଭିଯୋଗରେ ୬ ଜଣଙ୍କୁ କୋର୍ଟ ଚାଲାଣ



ଗିରଫ ଅଭିଯୁକ୍ତ।

**ଟିଟିଲାଗଡ, ୨୪।୧୦ (ଶରତ ମିଶ୍ର)**

୯ଲକ୍ଷରୁ ଉର୍ଦ୍ଧ୍ୱ ଭତ୍ତା ଟଙ୍କା ଲୁଟ୍ ଅଭିଯୋଗରେ ସ୍ଥାନୀୟ ପୋଲିସ ଶୁକ୍ରବାର ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅପରାହ୍ନରେ ଟିଟିଲାଗଡ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଥାନା ଅଧିକାରୀ କଲ୍ୟାଣୀ ବେହେରା ଏହି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୨୨ ତାରିଖ ଦିନ ମୁରିବାହାଲ ବ୍ଲକ ଟୁପାଉଡ଼ାର ଗ୍ରାମ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ରଶ୍ମିରଞ୍ଜନ ବାଗ ଲୋକଙ୍କ ଭତ୍ତା ଟଙ୍କା ଉଠାଇବା ପାଇଁ ନିଜ ସମ୍ପର୍କୀୟ ଭଣଜା ମନୋଜ ବଛାଙ୍କୁ ଧରି ଟିଟିଲାଗଡ ଏକ୍ସିସ ବ୍ୟାଙ୍କକୁ ଆସିଥିଲେ। ସେଠାରୁ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ୯ଲକ୍ଷ ୭୫ ହଜାର ୮୦୦ ଭତ୍ତା ଟଙ୍କା ଉଠାଇ ଯିବା ସମୟରେ ଭାଟିପଡ଼ା ଖଲକାଲି ନିକଟରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟ୍ କରି ଫେରାର ହୋଇ ଯାଇଥିଲେ । ଗୋଟିଏ ମୋଟର ସାଇକେଲରେ ୪ ଜଣ ଓ ଅନ୍ୟ ଏକ ସ୍କୁଟିରେ୨ ଜଣ ଆସି ମାରଣାସ୍ତ୍ର ଦେଖାଇ ଏହି ଲୁଟପାଟ କରିଥିଲେ। ଏ ନେଇ ରଶ୍ମି ରଞ୍ଜନ ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ସମ୍ପର୍କୀୟ ଭଣଜା ହିଁ ନିଜ ସାଙ୍ଗ ଜରିଆରେ ଏହି ଲୁଟ ଘଟଣାର ଯୋଜନା କରିଥିଲେ ବୋଲି ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଗିରଫ ବ୍ୟକ୍ତିମାନେ ହେଲେ ମନୋଜ ବଛା, ଭୁବନ ହାତୀ, ଦିଲୀପ ଖର୍ସେଲ, ତୁଷାର ପଟ୍ଟନାୟକ, ଓମ ପ୍ରକାଶ, ଆଲିଆସ ଭାଟି। ସେମାନଙ୍କ ଠାରୁ ନଗଦ ୨,୮୦,୦୦୦ ଟଙ୍କା, ୫ଟା ମୋବାଇଲ, ଦୁଇଟି ବାଡି, ଗୋଟିଏ ଛୁରୀ, ଗୋଟିଏ ସ୍କୁଟି ଜବତ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଥାନାଧିକାରୀ ବେହେରା କହିଛନ୍ତି ।

# ବୀରେନ୍ଦ୍ରଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଟିମ୍



**ଲୋଇସିଂହା, ୨୪।୧୦ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗ୍ରାମର ବୀରେନ୍ଦ୍ର କର୍ମୀ ଓରଫ ବିଜମ (୩୫) । ସେ ରାଜମିସ୍ତ୍ରୀ କାମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଏକପ୍ରକାର ଅକର୍ମଣ୍ୟ ହୋଇଯାଇଛନ୍ତି। ଭଲ ହେବା ପାଇଁ ଯାହା କିଛି ଆର୍ଥିକ ସମ୍ବଳ ଥିଲା ସେଥିରେ ଚିକିତ୍ସିତ ହେବା ସହ ୨ ଥର ଅସ୍ତ୍ରୋପଚାର ମଧ୍ୟ କରାଇଛନ୍ତି । ହେଲେ ଭାଗ୍ୟର ବିଡମ୍ବନା ଅସ୍ତ୍ରୋପଚାର ସଫଳ ହୋଇ ପାରିନାହିଁ। ଏବେ ପ୍ରାୟ ୩ ବର୍ଷ ହେଲା ଆଦୌ ଚଲାବୁଲା କରିପାରୁନାହାନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୋଇ ଭାଗ୍ୟକୁ ଆଦରି ଦିନ କାଟୁଛନ୍ତି । ଗତ ୨୦ ତାରିଖ ଦୈନିକ ଧରିତ୍ରୀରେ 'ବୀରେନ୍ଦ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା । ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏମଏଚୟୁ ଡା.ବି. ପାଢୀଙ୍କ ନେତୃତ୍ୱରେ ଏକ ଟିମ୍ ବୀରେନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ଏହି ଟିମ୍ ବୀରେନ୍ଦ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ମେଡିକାଲ ସମ୍ବନ୍ଧୀୟ କାଗଜପତ୍ର ଦେଖିଥିଲେ । ଏହି ଅବସରରେ ବୀରେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ସବିତା ସ୍ୱାସ୍ଥ୍ୟା ସମସ୍ୟା ଓ ପାରିବାରିକ ଦୁଃଖ ଜଣାଇଥିଲେ। ପାରିବାରିକ ସମସ୍ୟା ଯୋଗୁ ଏକମାତ୍ର ପୁଅକୁ ଲାଳନପାଳନ ଓ ପାଠ ପଢାଇ ନ ପାରି ତାଙ୍କ ବାପ ଘରେ ଛାଡି ଦେଇଥିବା ସବିତା ଡାକ୍ତରୀ ଟିମ୍ ଆଗରେ କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ଏହି ଅବସରରେ ଉକ୍ତ ଡାକ୍ତରୀ ଟିମ୍ ବୀରେନ୍ଦ୍ରଙ୍କୁ କିପରି ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିପାରିବ ସେନେଇ ଉଦ୍ୟମ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ଖୁବଶୀଘ୍ର ବ୍ଲକ କର୍ମଚାରୀ ମଧ୍ୟ ଆସିପାରନ୍ତି ବୋଲି କହିଥିଲେ । ହେଲେ ଅଦ୍ୟାବଧି ବ୍ଲକ ପ୍ରଶାସନର କେହି ଆସି ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ,ବୀରେନ୍ଦ୍ର କଟକ ନିକଟ ଓଲଟପୁର ସମେତ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହୋଇଥିଲେ। ତାଙ୍କ ସହ ସ୍ତ୍ରୀ ସବିତା ଯାଇଥିଲେ। ଏଣୁ ଏପ୍ରିଲ ୨୦୨୨ରୁ ପ୍ରାୟ ୯ ମାସର ପିଡିଏସ ପଞ୍ଚାୟତରୁ ଆଣି ପାରି ନ ଥିଲେ। ପରବର୍ତ୍ତୀ ସମୟରେ ତାହା ଦିଆଯାଇନାହିଁ। ବୀରେନ୍ଦ୍ରଙ୍କୁ ଇଲେକ୍ଟ୍ରି ହୁଇଲଚେୟାର ଯୋଗାଇ ଦେବା ସହ ଉନ୍ନତ ଚିକିତ୍ସା, ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ , ଆବାସ ଯୋଜନାରେ ଘର ଏବଂ ବକେୟା ପିଡିଏସ ପ୍ରଦାନ ଦିଗରେ ଜିଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୀରେନ୍ଦ୍ରଙ୍କ ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି।

# ଅଞ୍ଚଳର ବିକାଶରେ କଳା, ସାହିତ୍ୟ ଓ ସଂସ୍କୃତିର ରହିଛି ଅବଦାନ



ଭୀମପାହାଡ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଦେଓଗାଁ, ୨୪।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**୧୧ତମ ଭୀମ ପାହାଡ ମହୋତ୍ସବର ତୃତୀୟ ସନ୍ଧ୍ୟା**

**ପାରମ୍ପରିକ ଲୋକକଳା ଓ ଦୁଲଦୁଲିରେ ଝୁମିଲେ ଦର୍ଶକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଭୀମପାହାଡ ପାଦଦେଶରେ ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଉପଲକ୍ଷେ ସନ୍ଧ୍ୟାରେ ମହୋତ୍ସବ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ , ମୁଖ୍ୟବକ୍ତା ଭାବେ ବରିଷ୍ଠ ସଂସ୍କୃତି ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳର ପୂର୍ବତନ ବିଧାୟକ ମହିଧର ରଣା, ସ୍ଥାନୀୟ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର ଯୋଗ ଦେଇଥିଲେ। ଅଞ୍ଚଳର ସାମଗ୍ରିକ ବିକାଶରେ କଳା, ସାହିତ୍ୟ ଓ ସଂସ୍କୃତିର ଅବଦାନ ଅନେକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲା ଟପର୍ଣ୍ଣାର ମୃଦଙ୍ଗ ବାଦକ ପ୍ରହ୍ଲାଦ ରଣା ଓ ଗୌରଗୋଠ ରାମଜୀ ପଡାର ଶ୍ରୀରାମ କଳାପରିଷଦକୁ ଭୀମପାହାଡ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ମଧୁସୂଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଟିଲାଗଡର ଦୀପକ ଜାଲ ଓ ସାଥୀଙ୍କ ଦ୍ୱାରା ଢାପ ନୃତ୍ୟ, ବଲାଙ୍ଗୀରର ସଂଜୋତି କଳାପରିଷଦ ଓ ଡୋଲମହୁରୀ କଳାପରିଷଦର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ କଳାକାର ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ମଞ୍ଚସ୍ଥ ହୋଇଥିଲା। ଗିରି ଗୋବର୍ଦ୍ଧନ ପୂଜା କମିଟି ଆନୁକୂଲ୍ୟରେ ପୂଜା ଉପଲକ୍ଷେ ୨୪ ପ୍ରହରୀ ନାମଯଜ୍ଞ ଓ ମୀନା ବଜାର ଚାଲିଛି। କମିଟିର ଉପଦେଷ୍ଟା ଶୈଳେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାନୀୟ ସମିତି ସଭ୍ୟ ଅଭିମନ୍ୟୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ କୁମାର ବହିଦାର, ଗୋବର୍ଦ୍ଧନ ସାହୁ, ନନ୍ଦିକିଶୋର ନାଏକ, ପୂର୍ବତନ ସରପଞ୍ଚ ବାଳକ ପଧାନ, ରୁପାଧର ପୁଟା, ଦୟାସାଗର ନାଏକ, ପୀତାମ୍ବର ପ୍ରଧାନ, ସାର୍ଥକ ଭୋଇ, ରାଜେଶ ନାଏକ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

# ଗଉରା ଉତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ, ୨୪।୧୦ (ଅଭୟ ତ୍ରିପାଠୀ)**

**କଲଙ୍ଗା ଜାତିର ନିଆରା ପର୍ବ**

ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ପତ୍ରାପାଲି ଗାଁରେ କଲଙ୍ଗା ଜାତିର ନିଆରା ପରମ୍ପରା ଗଉରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ କେବଳ କଲଙ୍ଗା ଜାତିର ଲୋକେ ଏହିଉତ୍ସବ ପାଳନ କରୁଥିବା ବେଳେ ନୂଆଁଖାଇ ପର୍ବରୁ ଏହା ଆରମ୍ଭ ହୋଇଥାଏ। ଗାଁର ଗୌନ୍ତିଆଙ୍କ ଘରେ ପୂଜା ପାଉଥିବା ଦେବୀଙ୍କ ପାଟଖଣ୍ଡାରେ ଦିଆ ହୋଇଥିବା ଚାଉଳକୁ ନେଇ ଗାଁର ଝିଅମାନେ ଗୀତ ଗାଇ ଇଷ୍ଟଦେବୀଙ୍କ ଆବାହନ କରିଥିବା ବେଳେ ଦୀପାବଳି ଦିନ ସକାଳୁ ସମସ୍ତେ ସ୍ନାନ କରି ହରଗୌରୀ ମୂର୍ତ୍ତି ପାଇଁ ମାଟି ସଂଗ୍ରହ କରିଥିଲେ। ପରେ ହରଗୌରୀଙ୍କ ପ୍ରତିମା ନିର୍ମାଣ କରି ଗାଁ ମଝି ଗୌନ୍ତିଆ ଜୟଚନ୍ଦ୍ର ପ୍ରଧାନଙ୍କ ଘରେ ଏହି ଉତ୍ସବ ପାଳନ କରାଯାଇଥିଲା। ଗୌନ୍ତିଆ ପୂଜା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ରାତିସାରା ମହିଳାମାନେ ଗୌରୀ ପୂଜାର ଗୀତ ଗାଇ ଧାନ କେଣ୍ଡା କଳସ ବୋହି ଶୁଆ ନାଚ ପରିବେଷଣ କରିଥିଲେ।

# ଅଏଲ ପାମ୍ ଚାଷ ଉପରେ ତାଲିମ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଦେଓଗାଁ, ୨୪।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ର ସଭାକକ୍ଷରେ ଗୁରୁବାର ଜିଲା ଉଦ୍ୟାନ ବିଭାଗ ତରଫରୁ ଦେଓଗାଁ, ଗୁଡଭେଲା ଓ ବଲାଙ୍ଗୀର ବ୍ଲକର ଅଏଲ ପାମ ଚାଷୀମାନଙ୍କୁ ନେଇ ଅଏଲ ପାମ ଚାଷ ଉପରେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଉଦ୍ୟାନ ଅଧିକାରୀ ସୁଦେଶ କୁମାର ଚୌଧୁରୀ ଯୋଗଦେଇ ଅର୍ଥକାରୀ ଅଏଲପାମ ଚାଷ ଉପରେ ଚାଷୀମାନଙ୍କୁ ଆଗ୍ରହ ଦେଖାଇବା ପାଇଁ ଆହ୍ୱାନ ଦେବା ସହ ଉଦ୍ୟାନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଉଥିବା ରିହାତିର ସୁଯୋଗ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଏଲପାମ କଞ୍ଚାମାଲକୁ କ୍ରୟ କରିବା ପାଇଁ ଦାୟିତ୍ୱରେ ଥିବା କମ୍ପାନୀର ଜିଲା ମୁଖ୍ୟ ଶମ୍ଭୁ ସ୍ୱାଇଁ ଯୋଗଦେଇ ଅଏଲପାମ ଚାଷ ପ୍ରଣାଳୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଡଭେଲା ବ୍ଲକ ଉଦ୍ୟାନ ଅଧିକାରୀ ଗିତିକ୍ରିଷ୍ଣା ନାଏକ ଓ ବଲାଙ୍ଗୀର ବ୍ଲକ ଉଦ୍ୟାନ ଅଧିକାରୀ ସୁଚିସ୍ମିତା ମେହେର ଯୋଗଦେଇ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରିଥିଲେ । ଏଫଇଏସର ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ କୃଷି ଉପରେ ଅବଗତ କରିଥିଲେ । ଏହି ଅବସରରେ ସାହାଜବାହାଲ ଗାଁର ମଣ୍ଟୁ ଯୋଷୀଙ୍କ ଅଏଲପାମ ଚାଷ ଦେଖିବା ପାଇଁ ସମସ୍ତ ଚାଷୀ ଯାଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ତିନୋଟି ବ୍ଲକରୁ ୩୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏର୍‌ଇଓଙ୍କୁ ବିବେକ ମେହେର, ସୁଜିତ କୁଦେଇ ତଥା ଅନ୍ୟମାନେ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର

**ବଲାଙ୍ଗୀର, ୨୪।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକେ।

**ଦୁଇ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଲା ପରେ କାର୍ଯ୍ୟାନୁଷ୍ଠାନ ଶୂନ**

ଚଳିତ ମାସ ୧୦ ଓ ୧୨ ତାରିଖ ଦୁଇଦିନ ଭିତରେ ତେଲେଙ୍ଗାନାର ମେହେବୁବନଗର ଅଞ୍ଚଳର ଇଟାଭାଟିରୁ ବଲାଙ୍ଗୀର ଜିଲାର ଦୁଇଜଣ ଯୁବ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଥିଲା। କିଭଳି ପରିସ୍ଥିତିରେ ଏହି ଦୁଇ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲା ଏନେଇ କୌଣସି ତଦନ୍ତ କରାଯାଇ ନ ଥିଲା। ମୃତ ଦୁଇ ଦାଦନ ଶ୍ରମିକଙ୍କ ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ମୃତ ଦୁଇ ଦାଦନ ଶ୍ରମିକଙ୍କ ପରିବାର ଲୋକେ ବଲାଙ୍ଗୀର ଆସି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ।

ପ୍ରକାଶ ଯେ, ମୁରିବାହାଲ ଥାନା ନୂଆପଡା (ଜଇଁନ୍ତରା) ଗାଁର ଦାଦନ ଶ୍ରମିକ ନେପାଳ ପଟ୍ଟନାୟକ (୨୭)ଙ୍କୁ ଗତ ସେପ୍ଟେମ୍ବର ୫ ତାରିଖ ଦିନ ସେହି ଗାଁର ଜଣେ ଦାଦନ ସର୍ଦ୍ଦାର ଇଟାଭାଟିରେ କାମ କରିବା ପାଇଁ ତେଲେଙ୍ଗାନାର ମେହେବୁବନଗରକୁ ନେଇ କରିଯାଇଥିଲେ। ଗୋଟିଏ ମାସ କାମ କରିବା ପରେ ସେଠାରୁ ସେ ଫେରି ଆସିବେ ବୋଲି ଚୁକ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ସେହିଭଳି ଗତ ଜୁନ ମାସରୁ ତେଲେଙ୍ଗାନାର ମେହେବୁବନଗରକୁ କାମ କରିଯାଇଥିବା ତୁରେକେଲା ଥାନା ବଡଡକଲା ଗାଁର ଡି. ଧରୁଆ (୨୫)ଙ୍କ ମଧ୍ୟ ରହସ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା। ସେଠାରେ କିଭଳି ପରିସ୍ଥିତିରେ ଏହି ଦୁଇ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ପରିବାର ଲୋକେ ଦାଦନ ସର୍ଦ୍ଦାର ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସ୍‌ପି ଅଭିଲାଷ ଜୀ ସେମାନଙ୍କ ଅଭିଯୋଗ ଶୁଣିବା ପରେ ଏ ଦିଗରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକେ ଗଣମାଧ୍ୟମକୁ ଜଣାଇଛନ୍ତି।

# ଟିଟିଲାଗଡ଼ ଷ୍ଟେଶନରେ ଭିଡ଼ ପରିଚାଳନା ବ୍ୟବସ୍ଥା

**ଟିଟିଲାଗଡ, ୨୪।୧୦ (ସନ୍ତୋଷ ପଟ୍ଟନାୟକ)**

ଚଳିତ ଉତ୍ସବ ଋତୁ ଏବଂ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ଟିଟିଲାଗଡ଼ ରେଳ ଷ୍ଟେଶନରେ ଭିଡ଼ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଯାତ୍ରୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଭିଡ଼କୁ ରୋକିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର, ବୁକିଂ କାଉଣ୍ଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ ଭଳି ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଓ ଷ୍ଟେଶନ ପରିସରରେ ସୁଗମ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି। ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ ଟିକେଟ କାଉଣ୍ଟର ଏବଂ ସୁରକ୍ଷା ଚେକ୍ ପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ଗୁରୁବାର ଠାରୁ ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ନିର୍ଦ୍ଧାରିତ ଟ୍ରେନ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ ଏବଂ ଏକ ଶୃଙ୍ଖଳିତ ଯାତ୍ରା ଅଭିଜ୍ଞତା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଭିଡ଼ ଗତିବିଧିର ନିରନ୍ତର ତଦାରଖ ସୁନିଶ୍ଚିତ କରାଯାଉଛି। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାଷ ଚନ୍ଦ୍ର ଚୌଧୁରୀ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ଏବଂ ଯାତ୍ରୀମାନଙ୍କର ଅସୁବିଧା ଏଡାଇବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଜନସାଧାରଣଙ୍କୁ ହାଲୁକା ଜିନିଷ ସହ ଯାତ୍ରା କରିବା, ଷ୍ଟେଶନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

ଇଣ୍ଡିୟନ ବୈଙ୍କ Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା–** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚରିପାର୍ଶ୍ୱରେ– ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ଜଳାଶୟକୁ ପ୍ରଦୂଷିତ କରୁଛି ଇଥାନଲ ପ୍ଲାଣ୍ଟ


ଇଥାନଲ ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁ ଦୂଷିତ ପୋଖରୀ ପାଣି।


ପାଣି ଦୂଷିତ ହେବାରୁ ମରିଯାଇଥିବା ମାଛ।

■ ପୋଖରୀରେ ପଶୁଛି ପ୍ଲାଣ୍ଟର ବର୍ଜ୍ୟଜଳ
■ ମାଛ ମରୁଛନ୍ତି, ଲୋକଙ୍କୁ ଚର୍ମରୋଗ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାଠାରେ ନିର୍ମିତ ଇଥାନଲ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ଏହି ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ନ ଥିବାବେଳେ ଏବେ ଉକ୍ତ ପ୍ଲାଣ୍ଟରୁ ନିଷ୍କାସିତ ବର୍ଜ୍ୟବସ୍ତୁ ଗାଁ ପୋଖରୀରେ ମିଶି ପାଣିକୁ ପ୍ରଦୂଷିତ କରୁଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି।

ସୂଚନା ଅନୁଯାୟୀ, ବାଉଲସିଂହାରେ ପ୍ରାୟ ୧୫୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ଇଥାନଲ ପ୍ଲାଣ୍ଟ ସ୍ଥାପିତ ହୋଇଛି। ଉକ୍ତ ପ୍ଲାଣ୍ଟ ହେବା ପୂର୍ବରୁ ଚାଷୀମାନେ ସେମାନଙ୍କ ନଡ଼ା ବିକି ଉପକୃତ ହେବେ। ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ଦିଆଯିବ ଏବଂ ପାର୍ଶ୍ୱବର୍ତ୍ତୀ ଉନ୍ନୟନ କରାଯିବ ବୋଲି ଅଞ୍ଚଳବାସୀଙ୍କୁ କୁହାଯାଇଥିଲା। ତେବେ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବା କିମ୍ବା ପାର୍ଶ୍ୱବର୍ତ୍ତୀ ଉନ୍ନୟନ ତ ଦୂରର କଥା, ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ ଏବଂ ଦୂଷିତ ପାଣି ଗାଁର ଏକମାତ୍ର ପୋଖରୀରେ ପଶି ପ୍ରଦୂଷିତ କରିବା ସହିତ ଅଞ୍ଚଳର ଚାଷଜମିକୁ ମଧ୍ୟ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ପ୍ଲାଣ୍ଟରୁ ନିର୍ଗତ ଦୂଷିତ ପାଣି ପୋଖରୀରେ ମିଶୁଥିବା ଯୋଗୁ ଚାଷ କରାଯାଇଥିବା ମାଛ ମରି ଯାଉଥିବାବେଳେ ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମର ଜଣେ ମହିଳା ଜୟନ୍ତୀ ରୋହିଦାସ କହିଛନ୍ତି, ପ୍ଲାଣ୍ଟରୁ ନିର୍ଗତ ଦୂଷିତ ପାଣି ଦୀର୍ଘଦିନ ହେଲା ଗାଁ ପୋଖରୀରେ ମିଶୁଛି। ଫଳରେ ପୋଖରୀ ପାଣି ଦୂଷିତ ହେଉଛି। ସେହି ପାଣି ବ୍ୟାବାହାର କରି ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ଅନ୍ୟ ଜଣେ ଗ୍ରାମବାସୀ ରୋହିତ ବିଶ୍ୱାଳ କହିଛନ୍ତି, ଗ୍ରାମରେ ଏକମାତ୍ର ପୋଖରୀ ରହିଛି। ସେହି ପୋଖରୀ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ପ୍ଲାଣ୍ଟରୁ ନିଷ୍କାସିତ ପାଣି ଗାଁ ପୋଖରୀକୁ ଛଡ଼ାଯାଉଛି। ଫଳରେ ପାଣି ଦୂଷିତ ହେବା ସହିତ ଆଖପାଖ ଚାଷଜମି ମଧ୍ୟ ପ୍ରଭାବିତ ହେଉଛି। ଏ ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ କିଛି ପଦକ୍ଷେପ ନିଆଯାଉ ନ ଥିବାବେଳେ ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ସେଥିପ୍ରତି ଆଖିବୁଜି ଦେଇଥିବା ସେ ଅଭିଯୋଗ କରଛନ୍ତି। ଅନ୍ୟପକ୍ଷେ ବରଗଡ଼ର ଜୟ କିଷାନ ଆନ୍ଦୋଳନ ଏବଂ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଏକ ପ୍ରତିନିଧି ଦଳ ଗୁରୁବାର ସମ୍ପୃକ୍ତ ପୋଖରୀ ପରିଦର୍ଶନ ସହିତ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ପ୍ଲାଣ୍ଟରୁ ନିଷ୍କାସିତ ତରଳ ଦ୍ରବଣ ଛାଡ଼ି ଦିଆଯାଇଥିବା ଯୋଗୁ ପୋଖରୀ ପାଣି ବିଷାକ୍ତ ହୋଇ ପଡ଼ିଥିବା ସେମାନେ ଜାଣିବାକୁ ପାଇଥିଲେ। ତେବେ ଏକମାସ ହେଲା ପୋଖରୀ ପାଣି ଏଭଳି ଦୂଷିତ ହେବା ସହିତ ମାଛ ମରିଯାଉଥିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଏହି ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଥିଲେ। ପରୀକ୍ଷାମୂଳକ ଭାବେ ପ୍ଲାଣ୍ଟ ଚାଲିବା ସମୟରେ ଯଦି ଏଭଳି ସମସ୍ୟା ଉପୁଜିଛି, ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସମସ୍ୟା ଆହୁରି ଜଟିଳ ହେବ ବୋଲି ଉକ୍ତ ପ୍ରତିନିଧି ଦଳ ଆଶଙ୍କା ବ୍ୟକ୍ତ କରିବା ସହିତ ବେଳ ଥାଉ ଥାଉ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଅରୁଣ କୁମାର ସାହୁ, ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆ, ଶ୍ରୀମୁଖ ସାହୁ, କିଶୋର ସାହୁ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଏ ସମ୍ପର୍କରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଜଣାଇଛନ୍ତି।

# ବରତୁଣ୍ଡାରେ ଚିତ୍ରଗୁପ୍ତଙ୍କ ପୂଜା



**ପାଇକମାଲ,୨୩।୧୦(ବଡ ଶତପଥୀ)**

ପାଇକମାଲ ବ୍ଲକ ବରତୁଣ୍ଡା କଲ୍ୟାଣ ମଣ୍ଡପରେ ଗୁରୁବାର ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାରାଜାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟବାଦ୍ୟ ସହ କଳସ ଯାତ୍ରା ହୋଇଥିଲା। ଭୀମସେନ ବହିଦାର ସପତ୍ନିକ ପୂଜା କର୍ତ୍ତା ଭାବରେ ଦାୟିତ୍ୱ ବହନ କରିଥିଲେ। ପରେ ସଭାପତି ବିଶିକେଶନ ରାୟଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ତପନ କୁମାର ବହିଦାର ବାର୍ଷିକ ବିବରଣୀ ସହ ଆୟବ୍ୟୟ ବିବରଣୀ ପଠନ କରିଥିଲେ। ଭବିଷ୍ୟତରେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପାଇକମାଲ ଝାରବନ୍ଧ ଜୋନର ପ୍ରାୟ ୫୦ଟି କରଣ ପରିବାର ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରମୋଦ ରାଏ, ମନ୍ମଥ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ,ଝୁନା ରାଉତରାୟ, ଗୋକୁଳ ବହିଦାର ତଥା ସମସ୍ତ ସଦସ୍ୟ ପୂଜାକୁ ସୁଚାରୁରୂପେ ସମ୍ପାଦନା କରିଥିଲେ।

# ମହିଳା କଲେଜରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଶ୍ରେଣୀ ଗୃହରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପିକା ଡ଼ଃ ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦିନୀ ନିରୋଦ ପଣ୍ଡା, ରାଧାକାନ୍ତ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଶୈକ୍ଷିକ ତଥା ବୌଦ୍ଧିକ ଉନ୍ନତି ଦିଗରେ ଅଧ୍ୟାପିକା ଅଧ୍ୟାପକମାନଙ୍କ ନିରବଚ୍ଛିନ୍ନ ପ୍ରୟାସ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଡ଼ଃ ସଂଘମିତ୍ରା ମିଶ୍ର ଓ ଡ଼ଃ ପ୍ରତାପ ଚନ୍ଦ୍ର ମହାକୁଡ଼ ଛାତ୍ରୀମାନଙ୍କ ଉପସ୍ଥାନ ବୃଦ୍ଧି, ସହପାଠ୍ୟ କାର୍ଯ୍ୟକ୍ରମରେ ଭାଗିଦାରିତା, ଅଭ୍ୟାସ କାର୍ଯ୍ୟର ସଫଳ ସମ୍ପାଦନ ଦିଗରେ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଅଭିଭାବକମାନଙ୍କ ମଧ୍ୟରେ ସୁହାସିନୀ ଦାଶ, ଜ୍ୟୋସ୍ନାରାଣୀ କୁମ୍ଭା, ପ୍ରତିଭା ପ୍ରଧାନ, ସୁନୟ ଦାଶ, ଧିରଜ ସାହୁ ପ୍ରମୁଖ ନିଜସ୍ୱ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ବହୁ ସଂଖ୍ୟାରେ ଅଭିଭାବକ ଭାଗ ନେଇଥିଲେ। ଆଇ.କ୍ୟୁ.ଏ.ସି ସଂଯୋଜିକା ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପକ ଡଃ. ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିଗଣ।

# ଜିଲା ସ୍ତରୀୟ କବାଡ଼ି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଅତିଥିମାନେ।

**ପଦ୍ମପୁର,୨୪।୧୦(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ଏବିଇଓ ଜୟକୁମାର ସାହୁ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜିତେନ୍ଦ୍ର କୁମାର ପଣ୍ଡା ଓ ସରୋଜ କୁମାର ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲା ସ୍ତରୀୟ କବାଡି ପ୍ରତିଯୋଗିତାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଗଠନ କରାଯାଇଥିବା ବିଭିନ୍ନ କମିଟି ଗୁଡ଼ିକର କାର୍ଯ୍ୟାବଳୀ ଗୁଡ଼ିକ ଆଲୋଚିତ ହୋଇ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଠାରେ ଉଲ୍ଲେଯୋଗ୍ୟ ଯେ, ଜିଲା ସ୍ତରୀୟ କବାଡି ପ୍ରତିଯୋଗିତା ନଭେମ୍ବର ୬ରୁ ୮ ତାରିଖରେ ରାଜବୋଡ଼ାସମ୍ବର ଖେଳ ପଡିଆ ଓ ଅନ୍ୱେଷା ଖେଳ ପଡିଆଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ କ୍ରୀଡା ସମ୍ପାଦକ ହରେକୃଷ୍ଣ ମେହେର ସଂଯୋଜନା କରିଥିବା ବେଳେ କ୍ଷୀରସିନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରଗୁପ୍ତ ପୂଜା ପାଳିତ

**ପଦ୍ମପୁର,୨୪।୧୦(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ରାଜାଜି ଟାଉନ ହଲଠାରେ କରଣ ସମାଜ ତରଫରୁ ଚିତ୍ରଗୁପ୍ତ ପୂଜା ପାଳିତ ହୋଇଯାଇଛି। ପ୍ରଥମେ ସମାଜର ସମସ୍ତ ସଦସ୍ୟ ଘଣ୍ଟବାଦ୍ୟ ସହ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପଣ୍ଡିତ ଆତ୍ରହିଭଞ୍ଜନ ପାଣଗ୍ରାହୀ ପୂଜାକାର୍ଯ୍ୟ କରିଥିବା ବେଳେ ପୂଜା କର୍ତ୍ତା ମନୋଜ ମହାନ୍ତି ସପତ୍ନିକ ଦାୟିତ୍ୱ ବହନ କରିଥିଲେ। ପରେ ଚିତ୍ରଗୁପ୍ତ କଲ୍ୟାଣ ସଂଘ ତରଫରୁ ସଭାପତି ଶିରିଶ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ପାଦକ ଅଶୋକ କୁମାର ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଗତ ବର୍ଷର ଆୟବ୍ୟୟର ହିସାବ ଓ ମନ୍ଦିର ନିର୍ମାଣ ଶୀଘ୍ର ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ ହେଇଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ବହିଦାର, ପ୍ରିତେଶ ବହିଦାର, ବିଜୟ ବହିଦାର, ଶେଷଦେବ ପଟ୍ଟନାୟକ, ସନ୍ତୋଷ ବହିଦାର, ଅଖିଳ ପଟ୍ଟନାୟକ, ଶୈଳେଶ ମହାନ୍ତି, ଇସାନ କାନୁନଗୋ, ସୁରଞ୍ଜିତ ବହିଦାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଂଘ ଉପସଭାପତି ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ ପୋଷାକ ବଣ୍ଟନ


ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ପୋଷାକ ବିତରଣ କରୁଛନ୍ତି।

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ ପୋଷାକ ବଣ୍ଟନର ଶୁଭାରମ୍ଭ କରିଥିଲେ। ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡ଼ଃ ସୁରେନ୍ଦ୍ର କୁମାର ସାହୁ, ଏବିଇଓ ରଞ୍ଜନ ଦଣ୍ଡସେନା ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଈଶ୍ୱର ବାଗ, ଆଲୁମିନି କମିଟି ଅଧ୍ୟକ୍ଷ ସୁରେଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ଜିଲା ଶିକ୍ଷାଧିକାରୀ ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏବିଇଓ ଦଣ୍ଡସେନା ଆସନ୍ତା ୩୧ ତାରିଖରେ ଅବସର ଗ୍ରହଣ କରୁଥିବାରୁ ତାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ବରଗଡ଼ ଧନୁଯାତ୍ରା କଳାକାର ଚୟନ

# ଏଯାଏ ଆଶାଜନକ ହୋଇନି ଆବେଦନ

■ ବିଭିନ୍ନ ଚରିତ୍ର ପାଇଁ ୨୫ ଆବେଦନ ଫର୍ମ ଗ୍ରହଣ
■ କଂସ ଚରିତ୍ର ପାଇଁ ଏପର୍ଯ୍ୟନ୍ତ ଜଣଙ୍କ ଆବେଦନ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ତାରିଖରୁ ଆରମ୍ଭ ହେବ। ୨୦୨୬ ଜାନୁୟାରୀ ୩ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ଏହି ମହୋତ୍ସବ ଚାଲିବ। ତେବେ ଏଥର ମହୋତ୍ସବର ବିଭିନ୍ନ ମୁଖ୍ୟ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା କରାଯିବ। ଏହି କ୍ରମରେ ମହୋତ୍ସବରେ ଭାଗ ନେବା ପାଇଁ ଅନେକ କଳାକାର ମନରେ ଆଶା ବାନ୍ଧିଥିବାବେଳେ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆବେଦନ କରୁଛନ୍ତି। ଗତ ୧୮ତାରିଖରୁ ମହୋତ୍ସବର ବିଭିନ୍ନ ଚରିତ୍ର ପାଇଁ ଆବେଦନ ଫର୍ମ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହାର ଅବଧି ରହିଛି। କିନ୍ତୁ ଏପର୍ଯ୍ୟନ୍ତ ଆଶାଜନକ ଆବେଦନ ଫର୍ମ ଗ୍ରହଣ ହୋଇ ନ ଥିବା ସୂଚନା ମିଳିଛି। ତେବେ ଆବେଦନ ଅବଧି ଆହୁରି ଏକ ସପ୍ତାହ ଥିବା ଯୋଗୁ ଆଗକୁ ସଂଖ୍ୟା ଆହୁରି ଅଧିକ ବଢ଼ିବ ବୋଲି ଆଶା କରାଯାଉଛି।


କଂସ ଚରିତ୍ର ପାଇଁ ଆବେଦନ କରିଥିବା କଳାକାର।


ଦେବକୀ ଚରିତ୍ର ପାଇଁ ଆବେଦନକାରୀ କଳାକାର।

ଏଥର ଧନୁଯାତ୍ରା ମହୋତ୍ସବର କଂସ ମହାରାଜଙ୍କ ସମେତ ମହାମନ୍ତ୍ରୀ ସାର୍ତ୍ତକୀ, ଚାଣୁର, ମୁଷ୍ଟିକ, ଅକ୍ରୁର, ଉଗ୍ରସେନ, ବାସୁଦେବ, ଦେବକୀ, ନାରଦ ଏବଂ ସେନାପତି ଚରିତ୍ରରେ ଅଭିନୟ ପାଇଁ କଳାକାର ଚୟନ କରାଯିବାକୁ ନିଷ୍ପତ୍ତି ହୋଇଛି। କଳାକାରଙ୍କ ବୟସ ୧୮ରୁ ୬୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ସୂଚିତ କରାଯାଇଛି। ତେବେ ଶୁକ୍ରବାର ସୁଦ୍ଧା ସମୁଦାୟ ୨୫ଟି ଆବେଦନପତ୍ର ଗ୍ରହଣ ହୋଇଥିବା ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ସୂଚନା ଦିଆଯାଇଛି। କଂସ ଚରିତ୍ର ପାଇଁ ଏପର୍ଯ୍ୟନ୍ତ କେବଳ ଜଣେ ମାତ୍ର କଳାକାର ବରଗଡ଼ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡା ଅନ୍ତର୍ଗତ ଟାଙ୍ଗରୁପଦର ନିବାସୀ ଦେବରାଜ ଛତ୍ରିଆ ଆବେଦନ କରିଛନ୍ତି। ସେହିପରି ଉଗ୍ରସେନ ମହାରାଜ, ମୁଷ୍ଟିକ, ମହାମନ୍ତ୍ରୀ, ସାର୍ତ୍ତକୀ ଚରିତ୍ର ପାଇଁ ମଧ୍ୟ ଜଣେ ଲେଖାଏଁ କଳାକାର ଆବେଦନପତ୍ର ଦାଖଲ କରିଥିବାବେଳେ ସେନାପତି ଚରିତ୍ର ପାଇଁ ସର୍ବାଧିକ ୯ଜଣ କଳାକାର ଆବେଦନ କରିଛନ୍ତି। ବସୁଦେବ ଚରିତ୍ର ପାଇଁ ୩ଜଣ କଳାକାର ଆବେଦନ କରିଥିବାବେଳେ ନାରଦ, ଅକ୍ରୁର, ଚାଣୁର ଏବଂ ଦେବକୀ ପାଇଁ ୨ଜଣ ଲେଖାଏଁ ଆବେଦନ କରିଛନ୍ତି।

# ଗାନ୍ଧୀ ଭବନରେ ଜୟନ୍ତୀ ସମାରୋହ


ଅତିଥିମାନେ ପ୍ରଦୀପ ଜାଳି ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗାନ୍ଧୀ ଭବନରେ ବୁଧବାର ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୧୪୫ତମ ଜୟନ୍ତୀ ସମାରୋହ ପାଳିତ ହୋଇଛି। ରାଜ୍ୟସ୍ତରୀୟ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ଜୟନ୍ତୀ ସଭାରେ ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀଶ୍ରୀୟା ବେହେରା ମୁଖ୍ୟ ଅତିଥି, ପୂର୍ବତନ ବାୟୁସେନା ଅଧିକାରୀ ବିଦ୍ୟୁତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ତଥା ସଂଗ୍ରାମୀଙ୍କ ନାତି ସୁମନ୍ତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀ ତଥା କବିରାଜ ଘନଶ୍ୟାମ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଡା. ସଞ୍ଜିତ କୁମାର ମିଶ୍ର ସଭା ସଂଯୋଜନା କରିଥିବାବେଳେ ପ୍ରଫେସର ସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେରଣା ଶିକ୍ଷା ସାମାଜିକ ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ



ସୁନ୍ଦରଗଡ,୨୪।୧୦(ଜୟ ନାରାୟଣ ମେଣ୍ଢୁଲି): ଟାଉନ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ମୁଣ୍ଡାପଡାର ଏକ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ୪ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୫୦୦ ଟଙ୍କା ଓ ତାସ ପୁଡିଆ ଜବତ କରିଛି। ସମସ୍ତ ଅଭିଯୁକ୍ତ ଟାଉନ ଥାନା ଅଞ୍ଚଳର। ଟାଉନ ପୋଲିସ ସେମାନଙ୍କ ବିରୋଧରେ କେଶ ନଂ. ୪୯୬/୨୫ରେ ଏକ ମାମଲା ରୁଜୁ କରି ନୋଟିସ ଦେଇ ଛାଡିଦେଇଛି। ତେବେ ଏହି ଜୁଆ ଖେଳ ଚାଲୁଥିବା ନେଇ ରାତି ୧ ଟା ପାଖାପାଖି ସମୟରେ ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଢୁଲି ବିଶେଷ ସୂତ୍ରରୁ ଖବର ପାଇ ସଦର ଏସ୍‌ଡିପିଓଙ୍କୁ ଅବଗତ କରିବା ସହ ଏହି ଚଢାଉ କରିଥିଲେ।

# ଚିନ୍ତା ବଢ଼ାଉଛି ସ୍କ୍ରବ୍ ଟାଇଫସ୍

ସୁନ୍ଦରଗଡ,୨୪।୧୦(ଜୟ ନାରାୟଣ ମେଣ୍ଢୁଲି)

- ୧୦ମାସରେ୧୫୬୪ପଜିଟିଭ ଚିହ୍ନଟ
- ୨ଜଣଙ୍କ ଗଲାଣି ଜୀବନ
- ପରିସ୍ଥିତି ନିୟନ୍ତ୍ରଣାଧୀନ: ଜିଲା ମୁଖ୍ୟ ଚିକିତ୍ସାଧିକାରୀ

ସୁନ୍ଦରଗଡ ଜିଲାରେ ଏବେ ଚିନ୍ତା ବଢ଼ାଉଛି ସ୍କ୍ରବ ଟାଇଫସ୍। ଜିଲାରେ ୧୦ମାସ ମଧ୍ୟରେ ୧୫୬୪ଜଣଙ୍କ ରକ୍ତ ନମୁନାରେ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଲାଣି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସୂଚନା ଅନୁସାରେ, ଜିଲାର ୧୭ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଗତ ଜାନୁଆରୀରୁ ଚଳିତ ଅକ୍ଟୋବର ମାସ ମଧ୍ୟରେ ମୋଟ ୭ହଜାର ୩୫୮ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ ୧୫୬୪ଜଣଙ୍କ ନମୁନାରେ ସ୍କ୍ରବ ଟାଇଫସ୍ ପଜିଟିଭ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ବଡ଼ଗାଁ ଓ ରାଉରକେଲାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସାଧାରଣରେ ଚିନ୍ତା ବଢ଼ିବା ସ୍ୱାଭାବିକ। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଲୋକଙ୍କୁ ସଚେତନ କରିବା ପାଇଁ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ସଚେତନ କରାଯାଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏକ ଟିଙ୍କ ଜାତୀୟ ବିଷାକ୍ତ କୀଟ ଏହି ରୋଗର ବାହକ। ଏହି କୀଟ କାମୁଡୁଥିବା ଓ ଏଥିରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଦେହରେ ପ୍ରଥମେ ଲାଲ ରଙ୍ଗର ଚିହ୍ନ ଦେଖାଦେବା ଓ ପରେ ଦେହହାତ ଗୋଡ ଘୋଳାବିନ୍ଧା ହୋଇ ଜ୍ୱର ହୋଇଥାଏ। ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ହେଉଥିଲେ ମଧ୍ୟ ଅନେକଙ୍କ ସ୍ଥିତି ଜଟିଳ ହୋଇ ଜୀବନ ଚାଲିଯାଉଛି। ଘର ଚତୁପାର୍ଶ୍ୱକୁ ସଫାସୁତୁରା ରଖିବା। ଅନାବନା ଘାସରେ ଥିବା ଏହି ଟିଙ୍କ ମୂଷାଙ୍କ ଦେହରେ ଆସି ଘରେ ଲୋକଙ୍କୁ କାମୁଡି ଥାଏ। ତେଣୁ ଜନସାଧାରଣ ଏଥିପ୍ରତି ସଚେତନ ହେବା ସହ ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଆସି ରକ୍ତ ପରୀକ୍ଷା କରି ଡାକ୍ତରଙ୍କଠାରୁ ଚିକିତ୍ସା ଓ ପରାମର୍ଶ ନେବାକୁ ଅନୁରୋଧ କରିଛନ୍ତି।

# ଆଦିବାସୀ ମହିଳାଙ୍କ ନାଁରେ ଠକେଇ କରି ଟଙ୍କା ଆତ୍ମସାତ୍



ସୁନ୍ଦରଗଡ ଏସ୍‌ପି ଅଫିସ ଆଗରେ ଠକାମୀର ଶିକାର ମହିଳା।

ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଢୁଲି)

- ଋଣ ଆଦାୟ ପାଇଁ ବ୍ୟାଙ୍କ କର୍ମଚାରୀ ଆସି କରୁଛନ୍ତି ଜୁଲମ୍
- ଠକାମିର ଶିକାର ମହିଳା ଏସ୍‌ପିଙ୍କୁ ଫେରାଦ

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅଞ୍ଚଳରେ ଜଣେ ପୂର୍ବତନ ମହିଳା ସରପଞ୍ଚ ଶତାଧିକ ମହିଳାଙ୍କ କାଗଜପତ୍ର ନେଇ ବିଭିନ୍ନ ବ୍ୟାଙ୍କରୁ ସେମାନଙ୍କ ନାମରେ ଋଣ ଉଠାଇ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏବେ ଏହି ମହିଳା ହିତାଧିକାରୀଙ୍କ ନିକଟକୁ ବ୍ୟାଙ୍କରୁ ନୋଟିସ ହେବା ଓ ବ୍ୟାଙ୍କ କର୍ମଚାରୀମାନେ ଆସି ସେମାନଙ୍କୁ ଋଣ ଆଦାୟ ନାମରେ ଜୁଲମ୍ କରୁଛନ୍ତି। ଠକାମିର ଶିକାର ହୋଇଥିବା ଆଦିବାସୀ ମହିଳାମାନେ ଶୁକ୍ରବାର ସୁନ୍ଦରଗଡ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିଲେ। ସେମାନେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ପୂର୍ବତନ ମହିଳା ସରପଞ୍ଚ ଜଣକ ସେତେବେଳେ ଘୋଘିଆ, ବାଉଁଶଯୋର ଓ କନ୍ଦରକେଲା ଗ୍ରାମର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କ ଆଧାର କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ନେଇ ତାଙ୍କ ନାଁରେ ପଡ଼ୋଶୀ ଝାଡଖଣ୍ଡର ବିଭିନ୍ନ ବ୍ୟାଙ୍କରୁ ଋଣ ଉଠାଇଥିଲେ। ଏହି ଋଣ ପରିଶୋଧ କରିବାକୁ ପଡ଼ିବ ନାହିଁ ଏବଂ ଇନ୍ସୁରାନ୍ସ ମିଳିବ ବୋଲି କହିଥିଲେ। ଯେତେଥର ବ୍ୟାଙ୍କରୁ ଟଙ୍କା ଉଠାଉଥିଲେ ସେତେଥର ଏହି ଗରିବ ମହିଳାମାନଙ୍କୁ ୩୦୦ରୁ ୫୦୦ ଟଙ୍କା ଲେଖାଏ ଦେଉଥିଲେ। ମହିଳା ଜଣଙ୍କ ବ୍ୟାଙ୍କରୁ ବହୁ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ହେଲେ ଯେବେ ବ୍ୟାଙ୍କରୁ ଋଣ ଟଙ୍କା ପରିଶୋଧ କରିବା ପାଇଁ ବାରମ୍ବାର ନୋଟିସ ଆସିଲା ସେତେବେଳେ ମହିଳାମାନେ ଜାଣିଲେ ସେମାନଙ୍କ ନାମରେ ଲୋନ୍ ଉଠିଛି। ସେମାନେ ଲୋନ୍ ନେଇ ନାହୁଁ କହିବା ପରେ ବ୍ୟାଙ୍କ କର୍ମଚାରୀ ଟଙ୍କା ପରିଶୋଧ କରିବାକୁ ବାଧ ବୋଲି କହି ଜୁଲମ୍ କରୁଛନ୍ତି। ଏପରି କି କେତେକ ବ୍ୟାଙ୍କ କୋର୍ଟ ଜରିଆରେ ମଧ୍ୟ ସେମାନଙ୍କ ନିକଟକୁ ନୋଟିସ ପଠାଇଛନ୍ତି। ମହିଳାଙ୍କ ନାମରେ ଆସୁଥିବା ସୁଭଦ୍ରା ଟଙ୍କା ଓ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିବା ମଜୁରି ଟଙ୍କା(ପାରିଶ୍ରମିକ)କୁ ମଧ୍ୟ ବ୍ୟାଙ୍କ ଋଣ ପରିଶୋଧ ନାମରେ କାଟି ନେଉଛନ୍ତି। ଏପରି କି ୧୭।୪।୨୦୨୪ରେ ଠକାମିର ଶିକାର ହୋଇଥିବା ମହିଳାମାନେ ଏ ସମ୍ପର୍କରେ ହାତୀବାରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି। ହେଲେ ଏହା ମଧ୍ୟରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ମହିଳା ସରପଞ୍ଚଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏପରି କି ଝାଡ଼ଖଣ୍ଡ ସିମାଡେଗା କୋର୍ଟରୁ ଋଣ ପରିଶୋଧ ପାଇଁ ନୋଟିସ ଆସୁଛି। ଥାନାରୁ ନ୍ୟାୟ ନ ମିଳିବାରୁ ମହିଳାମାନେ ନ୍ୟାୟ ଆଶାରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପି ଅମ୍ରିତପାଲ କୌର ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହିଳାମାନେ କହିଛନ୍ତି।

# ରୋଟାରି କ୍ଲବ ପକ୍ଷରୁ ବିଶ୍ୱ ପୋଲିଓ ଦିବସ




ଉପସ୍ଥିତ ରୋଟାରି କ୍ଲବ କର୍ମକର୍ତ୍ତା ଓ ଛାତ୍ରୀମାନେ।

ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ଟାଉନ ରୋଟାରି କ୍ଲବ ପକ୍ଷରୁ ଶୁକ୍ରବାର ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି। ପୋଲିଓ ଟିକାର ଉଦ୍ଭାବକ ଡ. ଜୋନାସ ସଲ୍କଙ୍କ ଜନ୍ମ ତିଥିରେ ପାଳିତ ହେଉଥିବା ଏହି ଉତ୍ସବରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଓ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁରେଶ ଚନ୍ଦ୍ର ମହାନ୍ତି ଅତିଥିଭାବରେ ଯୋଗଦେଇ ପୋଲିଓ ନିରାକରଣ କ୍ଷେତ୍ରରେ ରୋଟାରୀ ଭୂମିକାର ପ୍ରଶଂସା କରିଥିଲେ। ରୋଟାରୀ କ୍ଲବ ସୁନ୍ଦରଗଡ଼ ଓ ରାଉରକେଲା ସିନିୟର ନର୍ସିଂ କଲେଜର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିବା ଏହି ଉତ୍ସବ ପ୍ରାରମ୍ଭରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ବିଶାଳ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ଅଭିନୀତ ହୋଇଥିଲା। ନର୍ସିଂ କଲେଜର ଅଧକ୍ଷା ସନ୍ତୋଷୀ ବେହେରା, ଅରୁଣା କିଶାନ, ଶୁଭଶ୍ରୀ ରାୟ, ମୋନିକା ମାଝୀ ଓ ଭୂମିକା ପଟେଲ ତଥା ରୋଟାରୀ କ୍ଲବର ସମସ୍ତ ସଦସ୍ୟାସଦସ୍ୟ ଓ ତାଙ୍କ ପରିବାରବର୍ଗ ଏଥିରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ରୋଟାରିଆନ ଦୀନବନ୍ଧୁ ଭିତ୍ରିଆ ଧନ୍ୟବାଦ ଦେଇଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

କୁଆଁରମୁଣ୍ଡା,୨୪।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଭାଟି ରୋଡ ଅଞ୍ଚଳରେ ଥିବା ଏକ ଘରେ ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଜୁଆ ଖେଳ ଚାଲିଥିଲା। ଏହି ଖବର ପାଇ ବୀରମିତ୍ରପୁର ଆଇଆଇସି ରାମ ପ୍ରସାଦ ନାଗ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲେ। ଏହି ସମୟରେ ପୋଲିସ ୭ ଜଣ ଜୁଆଡିଙ୍କୁ କାବୁ କରିବା ସହ ଘଟଣାସ୍ଥଳରୁ ୭୨ ହଜାର ୪୫୦ଟଙ୍କା, ତାସ ପଟି ଓ ୬ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଶୁକ୍ରବାର ଥାନାରେ ଏକ ମାମଲା(ନଂ.୪୯୭/୨୫) ରୁଜୁ ହୋଇଥିବା ଆଇଆଇସି ନାଗ ସୂଚନା ଦେଇଛନ୍ତି। ଏପରିକି ଜୁଆଡିମାନଙ୍କ ମଧ୍ୟରେ ଏକାଧିକ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବା ଆଇଆଇସି ନାଗ କହିଛନ୍ତି।

# ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କୁତ୍ରା,୨୪।୧୦(ଦେବାଶିଷ ସାହୁ)

କୁତ୍ରା ବ୍ଲକ ତରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶଶୀ ସାଙ୍କ ସଭାପତିତ୍ୱରେ ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ଖଡକୁରବାହାଲ କ୍ଲଷ୍ଟରର ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରକେରା ସରପଞ୍ଚ ବୁଧବାରୀ ଏକ୍କା, ସମିତି ସଭ୍ୟା ସଂଯୁକ୍ତା ସୁନ୍ୟାନୀ, ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସିଆରସିସି ତପନ କୁମାର ସେଠୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ଜେଏସଡବ୍ଲ୍ୟୁ ସିଏସ ଆର ମ୍ୟାନେଜର ଅଲେଖ ଦଲେଇ ଓ ଏବିଇଓ ନିରଞ୍ଜନ ରାଉଳ, ସିଆରସିସି ରାଜେଶ ବେହେରା, କ୍ଷଣପ୍ରଭା ମାର୍ଥା ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ସମୀର ରଣା ଓ ନିରଞ୍ଜନ ପୃଷ୍ଟି ସଞ୍ଚାଳନା କରିଥିଲେ। ଏଥିରେ ଖଡକୁରବାହାଲ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ପୋଲିସ ନୁହେଁ, ଅବକାରୀ ବିଭାଗ କରିଥିଲା ଚଢ଼ାଉ

ବଡ଼ଗାଁ,୨୪।୧୦(ଅଶୋକ ଷଡଙ୍ଗୀ)

**ଟିପ ଚିହ୍ନ ନେବା, ମୁହଁ ଘୋଡ଼ାଇ ଫଟୋ ଉଠାଇବା ଘଟଣା**

**ତଦନ୍ତ କଲେ ଆଇଆଇସି**

ସୁନ୍ଦରଗଡ଼ ଜିଲାର ଏକ ଥାନାରେ ଜଣେ ମହିଳା ପୋଲିସ ଅଧିକାରୀ ଗତ ୧୭ ତାରିଖରେ ମଦ ବିକ୍ରି କରୁଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ହେଲେ ମଦ ନ ମିଳିବାରୁ ଅଧିକାରୀ ଜଣଙ୍କ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଠାରୁ ସାଧା କାଗଜରେ ଜୋର ଜବରଦସ୍ତ ଟିପ ଚିହ୍ନ ନେବା ସହ ମୁହଁ ଘୋଡ଼ାଇ ଫଟୋ ଉଠାଇଥିବା ବ୍ୟକ୍ତି ଜଣଙ୍କ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଉକ୍ତ ଥାନା ଆଇଆଇସି ସଦଳବଳେ ବ୍ୟକ୍ତିଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ତାଙ୍କ ଘରେ କୌଣସି ପୋଲିସ ଅଧିକାରୀ ଚଢ଼ାଉ କରି ନ ଥିବା ବରଂ ଅବକାରୀ ବିଭାଗ ଚଢ଼ାଉ କରିଥିବା ସ୍ପଷ୍ଟ ହୋଇଛି। ଆଇଆଇସି ଫଟୋ ଦେଖାଇବା ପରେ ପୋଲିସ ଅଧିକାରୀ ଚଢ଼ାଉ କରି ନ ଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ଅଧିକାରୀ ଅବକାରୀ ବିଭାଗର ଜଣେ ମହିଳା କନେଷ୍ଟବଳଙ୍କ ଫଟୋ ଦେଖାଇବାରୁ ଘଟଣାର ସତ୍ୟତା ଜଣା ପଡ଼ିଥିଲା। ଏ ସମ୍ପର୍କରେ ଅବକାରୀ ଅଧିକାରୀଙ୍କୁ ପଚାରିବାରୁ, ସେ ୨୧ ତାରିଖରେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଥିବା ସୂଚନା ଦେଇଛନ୍ତି। ଏନେଇ ବ୍ୟକ୍ତି ଜଣଙ୍କୁ ପଚାରିବାରୁ, ଚଢ଼ାଉ କରିଥିବା ଅଧିକାରୀମାନେ ତାଙ୍କର ପରିଚୟ ଦେଇ ନ ଥିବାରୁ ମୁଁ ପୋଲିସ ହୋଇଥିବା ନିଶ୍ଚିତ ହୋଇଥିଲି। ଆଇଆଇସି ତଦନ୍ତ ପାଇଁ ଆସିବା ପରେ ମୁଁ ଅବକାରୀ ବିଭାଗ ବୋଲି ଜାଣିଲି। ତେବେ ବ୍ୟକ୍ତିଙ୍କ ନାମରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହେବାର ୪ରୁ୫ ଦିନ ପରେ ସେ କିଭଳି ଜାଣି ପାରିଲେ ନାହିଁ ଏବଂ ଘଟଣା ୧୭ ତାରିଖରେ ହୋଇଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ୨୧ ତାରିଖ ମାମଲା ରୁଜୁ ହୋଇଥିବାରୁ ଘଟଣାକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ବ୍ୟକ୍ତି ଜଣଙ୍କ ଘରେ ମଦ ବିକ୍ରି କରୁ ନ ଥିବା ପୁନର୍ବାର ଦୋହରାଇଛନ୍ତି।

# ହତ୍ୟା ଅଭିଯୁକ୍ତ ଗିରଫ

**ପରିତ୍ୟକ୍ତ ଘରୁ ମହିଳାଙ୍କ ମୃତଦେହ ଜବତ ଘଟଣା**

କୁତ୍ରା,୨୪।୧୦(ଦେବାଶିଷ ସାହୁ): କୁତ୍ରା ଥାନା ଗମାରଡିହି ଟାଟା କମ୍ପାନୀର ଏକ ପରିତ୍ୟକ୍ତ ଘରୁ ଗତ ୧୮ ତାରିଖ ସକାଳେ ସରୋଜିନୀ ଏକ୍କା ନାମକ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାର ତଦନ୍ତ କରୁଥିବା କୁତ୍ରା ପୋଲିସ ବ୍ୟବଚ୍ଛେଦ ରିପୋର୍ଟ ତଥା ପାରିପାର୍ଶ୍ୱିକ ସ୍ଥିତିକୁ ତଦନ୍ତ ପରିଧିକୁ ଆଣି ହତ୍ୟାକାଣ୍ଡର ଅଭିଯୁକ୍ତ କେର୍କେଟା ପଡାର ମାନସିଦ କେର୍କେଟା(୬୨)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମୃତା ମହିଳା ଜଣଙ୍କ ପ୍ରାୟ ଏକ ବର୍ଷ ହେବ ଉକ୍ତ ପରିତ୍ୟକ୍ତ ଘରେ ଏକୁଟିଆ ରହି ଆସୁଥିଲେ। ଶନିବାର ଘର ଭିତରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ କୁତ୍ରା ପୋଲିସକୁ ଖବର ଦେଇଥିଲେ।

# କଣ୍ଟିଆମୁରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ,୨୪।୧୦(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କଣ୍ଟିଆମୁରା ଖେଳ ପଡିଆରେ ଶୁକ୍ରବାରଠାରୁ ସ୍ଥାନୀୟ ଓମ୍ ସାଇରାମ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଯୁଧିଷ୍ଠିର ବାଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବରିଷ୍ଠ ଗ୍ରାମବାସୀ ଗୟା କିସାନ, ରତ୍ନାକର ସା, ଅଦୈତ କୁମାର ନାୟକ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଚାରପାଲି ଓ ମୁକୁନ୍ଦପୁର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି କିକ୍ ମାଧ୍ୟମରେ ଚାରପାଲି ଦଳ ବିଜୟୀ ହୋଇଥିଲା। ଆୟୋଜକ କ୍ଲବ ସଦସ୍ୟ ଯୁଗେଶ୍ୱର କିସାନ, ବାବଲୁ ଖଡିଆ, ବିଜୟ ଖଡିଆ ପ୍ରମୁଖ ଖେଳ ପରିଚାଳନା କରିବା ସହ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ଅତିଥିମାନେ ଖେଳାଳିଙ୍କ ସହିତ ସାକ୍ଷାତ କରୁଛନ୍ତି।

# ଜିଲା ପରିଷଦ ସଭାପତିଙ୍କ ସମୀକ୍ଷା ବୈଠକ

**ଯୋଗଦେଲେ କୋଇଡା ଖଣି ସେକ୍ଟରର ସମସ୍ତ ଖଣି କର୍ତ୍ତୃପକ୍ଷ**

ଟେନ୍‌ସା,୨୪।୧୦(ସମୀର କୁମାର ପାଢ଼ୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ଼ ଜିଲାର ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ କୋଇଡା ଅଞ୍ଚଳ ଗ୍ରସ୍ତ କରି କୋଇଡା ଖଣି ସେକ୍ଟରର ସମସ୍ତ ଖଣି କର୍ତ୍ତୃପକ୍ଷଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଟେନସା ବରସୁଆଁ ଲୌହଖଣି କ୍ଲବଠାରେ ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, କୋଇଡା ଜିଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ, ରାମ ଚନ୍ଦ୍ର ସାହୁ, ଜୁଲିଆନା କାନ୍ଦେର, ବୀର ବିଚିତ୍ର ସେନ ନାଏକ, କାଳିଆ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କୋଇଡା ଖଣି ଉପନିର୍ଦ୍ଦେଶକ ଅଶୀତ କୁମାର ବେହେରା ସଂଯୋଜନାରେ କୋଇଡା ସେକ୍ଟରରେ ଥିବା ବିଭିନ୍ନ ଖଣିରେ ସାମାଜିକ ଦାୟିତ୍ୱ ବୋଧ ମାଧ୍ୟମରେ କ'ଣ କରିଛନ୍ତି ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ବିଭିନ୍ନ ବିଦ୍ୟାଳୟରେ ସୁବିଧା ଅସୁବିଧା ରେ କ'ଣ କରାଯାଇ ପାରିବ, ବିଭିନ୍ନ ଖଣିର କର୍ତ୍ତୃପକ୍ଷମାନେ ନିଜ ନିଜର ଖଣି ତରଫରୁ କି କି ପଦକ୍ଷେପ ନେଇଛନ୍ତି ବକ୍ତବ୍ୟ ରଖିଥିଲେ। ଗତ ୩ ବର୍ଷ ମଧ୍ୟରେ କେଉଁ ଖଣି କର୍ତ୍ତୃପକ୍ଷ କ'ଣ କରିଛନ୍ତି ଲିଖିତ ଭାବେ କୋଇଡା ଖଣି ଉପନିର୍ଦ୍ଦେଶକ ଜରିଆରେ ତୁରନ୍ତ ଜଣାଇବାକୁ ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଲିଖିତ ଦେବା ପରେ ଗତ ଏକ ମାସ ମଧ୍ୟରେ ସମସ୍ତ ଖଣି ଅଞ୍ଚଳ ଗ୍ରସ୍ତ କରି ସମୀକ୍ଷା କରିବେ ବୋଲି ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ରୁଙ୍ଗୁଟା ଖଣି, ଜିନ୍ଦଲ ଖଣି, ଏମଜିଏମ ଖଣ, ଜେଏସଡବ୍ଲ୍ୟୁ ଖଣି, ଏନି ଖଣି, ପିଟିଏ ଖଣି, ଗୀତରାଣୀ ଖଣି, ଟାଟା ଷ୍ଟିଲ ଖଣି, ମିତଲ ଖଣି, ବେଦାନ୍ତ ଖଣି, ବରସୁଆଁ ଲୌହଖଣ, କରର୍ପ ଖଣି ଆଦି ଖଣିର କର୍ତ୍ତୃପକ୍ଷ ଯୋଗ ଦେଇଥିଲେ ।

# ଅଗ୍ରସେନ ସ୍ପଞ୍ଜ ଆଇରନର ଉତ୍ପାଦନ ବୃଦ୍ଧି ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣି

ରାଜଗାଙ୍ଗପୁର,୨୪।୧୦(ଅଶୋକ ପାଣି)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଚୁଙ୍ଗିମାଟି ପଞ୍ଚାୟତର ମାଣ୍ଡିଆ କୁଦରଠାରେ ଥିବା ଅଗ୍ରସେନ ସ୍ପଞ୍ଜ କାରଖାନାର ଉତ୍ପାଦନ ବୃଦ୍ଧି ପାଇ ଶୁକ୍ରବାର ରାଜ୍ୟ ପ୍ରଦୂଷଣ ବିଭାଗ ଦ୍ୱାରା ଚୁଙ୍ଗିମାଟି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ସୁନ୍ଦରଗଡ ଜିଲା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ସଭାପତିତ୍ୱ କରିଥିବାବେଳେ ଆଞ୍ଚଳିକ ପ୍ରଦୂଷଣ ବିଭାଗ ରାଉରକେଲାର ଅଧିକାରୀ ଅରୂପ କୁମାର ମଲ୍ଲିକ, ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଚୁଙ୍ଗିମାଟି ସରପଞ୍ଚ ଜଗଦୀଶ କିଣ୍ଡୋଙ୍କ ସହ ସ୍ଥାନୀୟ ନେତୃବୃନ୍ଦ ଲାଲମା ଲାକଡା, ଜିତୁ ଦାସ, ସମ୍ଭୁ ପ୍ରସାଦ ସାହୁ ତଥା ଚୁଙ୍ଗିମାଟିର କେତେଜଣ ମହିଳା ଓ ପୁରୁଷ ଏହି ସମ୍ପ୍ରସାରଣକୁ ସମର୍ଥନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାସହ ପ୍ରଦୂଷଣ ନ କରିବା ପାଇଁ ପଦକ୍ଷେପ ନେବା ଲାଗି ଦାବି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା କୁଲଙ୍ଗା ଅଞ୍ଚଳର କେତେଜଣ ବ୍ୟକ୍ତି ସଭା ସ୍ଥଳରେ ପହଞ୍ଚି ନିଜ ବକ୍ତବ୍ୟରେ ଏହି ସମ୍ପ୍ରସାରଣକୁ ବିରୋଧ କରିଥିଲେ। ଶେଷରେ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜନସାଧାରଣଙ୍କ ଦାବିର ଉତ୍ତର ରଖିବା ପାଇ କହିଥିଲେ। କମ୍ପାନୀର ନିର୍ଦ୍ଦେଶକ ମୁରାରିଲାଲ ଶର୍ମା ନିଜ ବକ୍ତବ୍ୟ ରଖି କାରଖାନା ସଂପ୍ରସାରଣ ହେଲେ କୌଣସି ପ୍ରଦୂଷଣ କରାଯିବ ନାହିଁ, ସାମାଜିକ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କମ୍ପାନୀ କରୁଥିଲା ଓ କରିବ ବୋଲି କହିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଏହି ସଭା ସମାପନ ହୋଇଥିବାରୁ ଅତିରିକ୍ତ ଜିଲାପାଳ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ଥାନାଧିକାରୀ ବିଜୟ ଦାସଙ୍କ ସହିତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଡନ୍‌ବସ୍କୋ ସ୍କୁଲର ବାର୍ଷିକ କ୍ରୀଡ଼ା



କୁଆଁରମୁଣ୍ଡା,୨୪।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ସରଣ୍ଡାମାଳରେ ଅବସ୍ଥିତ ଡନବସ୍କୋ ସ୍କୁଲର ଦିନିକିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଶାଖାର ବରିଷ୍ଠ ପରିଚାଳକ ମନୋଜ କୁମାର ଲାକ୍ରା, ସମ୍ମାନିତ ଅତିଥିଭାବେ ରାଉରକେଲା ସିଭିଲ ଟାଉନଶିପ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ବରିଷ୍ଠ ଶାଖା ପରିଚାଳକ ମନୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। କ୍ରୀଡା ପ୍ରତିଯୋଗିତା ବିଦ୍ୟାର୍ଥୀମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶରେ ବେଶ ସହାୟକ ହୋଇଥାଏ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରେଭରେନ ଫାଦର୍ ଭାଲେରିଆନ ଟପ୍ପୋ, ରେଭରେନ ଫାଦର୍ ସମୀର ତିର୍କୀ ଉପସ୍ଥିତ ରହି ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ସ୍କୁଲର ବିଦ୍ୟାର୍ଥୀମାନେ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କ୍ରୀଡା ପ୍ରତିଯୋଗିତାକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| କଟକ ବାଲିଚନ୍ଦ୍ରପୁର ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ, ପିତା: ସୁରେଶ ଚନ୍ଦ୍ର ଦାସ, ଠିକଣା- ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | ଶ୍ରୀଦତ୍ତ ଦାସ, ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଜିଏମ୍‌ୟୁ ଇତିହାସ ବିଭାଗ କରିବ ପ୍ରତ୍ନତାତ୍ତ୍ୱିକ ଖନନ

■ରେଢ଼ାଖୋଲରେ ଉନ୍ମୋଚିତ ହେବ ପ୍ରାଚୀନ ଅଜ୍ଞାତ ଇତିହାସ
■ଏଏସ୍‌ଆଇ ପକ୍ଷରୁ ଜିଏମ୍‌ୟୁ ଇତିହାସ ବିଭାଗକୁ ଖନନ ଅନୁମତି

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ପୁରୁଣାଗଡ଼ଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରିବ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଇତିହାସ ବିଭାଗ। ଏଥିପାଇଁ ଜିଏମ୍‌ୟୁ ଇତିହାସ ବିଭାଗକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଅନୁମିତ ପ୍ରଦାନ କରାଯାଇଛି। ଖନନ ହେଲେ ଅନେକ ପ୍ରାଚୀନ ସଭ୍ୟତା ତଥା ପ୍ରାଗ୍‌ଐତିହାସିକ ଉପକରଣ, ପ୍ରାଚୀନ ଜନବସତି ତଥା ମନ୍ଦିର ସ୍ଥାପତ୍ୟଖଣ୍ଡର ଗନ୍ତାଘର ଭାବେ ପରିଚିତ ରେଢ଼ାଖୋଲ ଅଞ୍ଚଳରେ ଅନେକ ଅଜ୍ଞାତ ଇତିହାସ ଉନ୍ମୋଚିତ ହେବ। କେନ୍ଦ୍ର ସରକାରଙ୍କ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଜିଏମ୍‌ୟୁ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଏବଂ ଡ. ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏଠାରେ ଖନନ ପାଇଁ ଅନୁମତିପତ୍ର ପ୍ରଦାନ କରାଯାଇଛି। ଅନୁମତିପତ୍ର ମିଳିବା ପରେ ରେଢ଼ାଖୋଲ ପୁରଣାଗଡ଼ରେ ସହଯୋଗୀଙ୍କ ସହିତ ପହଞ୍ଚି ଶୁକ୍ରବାର ଖନନସ୍ଥଳର ନିରୀକ୍ଷଣ କରିଛନ୍ତି ଜିଏମ୍‌ୟୁ ଇତିହାସ ବିଭାଗୀୟ ମୁଖ୍ୟ ଡ. ପ୍ରଧାନ।


ଜିଏମ୍‌ୟୁ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ସହଯୋଗୀମାନଙ୍କ ସହ ରେଢ଼ାଖୋଲ ପୁରୁଣାଗଡ଼ରେ ପହଞ୍ଚି ଖନନ ପାଇଁ ସ୍ଥାନ ନିରୀକ୍ଷଣ କରୁଛନ୍ତି।

ଏହାକୁ ନେଇ ଡ. ପ୍ରଧାନ କହିଛନ୍ତି, ପଶ୍ଚିମ ଓଡ଼ିଶା ତଥା ଅପର ମହାନଦୀ ଉପତ୍ୟକା ଅନ୍ତର୍ଗତ ରେଢ଼ାଖୋଲର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ସମୟରେ ସଂସ୍କୃତି ଓ ପ୍ରାଚୀନ ସଭ୍ୟତାର ଇତିହାସ ଲୁଚି ରହିଛି। ସେଥିମଧ୍ୟରେ ବିଶେଷକରି ପ୍ରାଗ୍ ଐତିହାସିକ ଉପକରଣ, ଶୈଳଚିତ୍ର, ବିଭିନ୍ନ ଶୀଳାଲିପି, ଜନବସତି, ବିଭିନ୍ନ ସ୍ଥାପତ୍ୟଖଣ୍ଡ ଆଦି ଭଗ୍ନାବଶେଷ ରହିଛି। ମାତ୍ର ଠିକ୍ ସର୍ବେକ୍ଷଣ ଓ ଖନନ ଅଭାବରୁ ଏସମ୍ପର୍କିତ ସମ୍ପୂର୍ଣ୍ଣ ଇତିହାସ ଲୋକଲୋଚନକୁ ଆସିପାରିନାହିଁ। ତେଣୁ ଜିଏମ୍‌ୟୁ ଇତିହାସ ବିଭାଗ ଏଭଳି ପ୍ରାଚୀନ ଐତିହାସିକ ତଥ୍ୟ ଉନ୍ମୋଚନ କରି ଏହାକୁ ଭାରତ ଇତିହାସରେ ସ୍ଥାନିତ କରିବା ଲକ୍ଷ୍ୟରେ ସେ ଗବେଷଣା ଜାରି ରଖିଛନ୍ତି ବୋଲି କହିଛନ୍ତି। ତାଙ୍କ ପ୍ରୟାସରେ ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଅଞ୍ଚଳରୁ ବହୁ ପ୍ରାଗ୍ ଐତିହାସିକ ସ୍ଥଳ, ମନ୍ଦିର ସ୍ଥାପତ୍ୟଖଣ୍ଡର ଭଗ୍ନାବଶେଷ ସାମ୍ନାକୁ ଆସି ପାରିଥିଲା। ବିଗତ ଦିନରେ ତାଙ୍କ ତତ୍ତ୍ୱାବଧାନରେ ଜିଏମ୍‌ୟୁ ଇତିହାସ ବିଭାଗର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଭୀମମଣ୍ଡଳୀରେ ଏକ ୫ଦିନିଆ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଏହି ଅଞ୍ଚଳର ଇତିହାସ, ସଂସ୍କୃତି, ପ୍ରତ୍ନତତ୍ତ୍ୱ ସଂସ୍କୃତି, ପ୍ରଥା, ପରମ୍ପରା ଆଦି ବିଷୟରେ ସବିଶେଷ ବିବରଣୀ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ତେଣୁ ରେଢ଼ାଖୋଲ ଇତିହାସର ପ୍ରାଚୀନତା, ସାଂସ୍କୃତିକ କ୍ରମବିକାଶ ଓ ପ୍ରାଚୀନ ନଗରୀକରଣର ସବିଶେଷ ତଥ୍ୟ ପ୍ରମାଣ ସହିତ ହାସଲ ପାଇଁ ଜିଏମ୍‌ୟୁ ଇତିହାସ ବିଭାଗ ପକ୍ଷରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାକୁ ରେଢ଼ାଖୋଲର ପୁରୁଣାଗଡ଼ଠାରେ ଖନନ ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ତର୍ଜମା ପୂର୍ବକ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ପକ୍ଷରୁ ଖନନ ପାଇଁ ଅନୁମତି ପ୍ରଦାନ କରାଯାଇଛି ବୋଲି ଡ. ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ଉକ୍ତ ଖନନ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କ ସହିତ ଗବେଷକ ଓ ଅନେକ ବିଶେଷଜ୍ଞ ମଧ୍ୟ ଯୋଗଦେବେ। ଗତ ୨୦୨୨ ମସିହାରେ ମଧ୍ୟ ତାଙ୍କର ପ୍ରତ୍ୟେକ୍ଷ ନିର୍ଦ୍ଦେଶନାରେ ବରଗଡ଼ ଜିଲା ବରପାଲି ସ୍ଥିତ ଅସୁରଗଡ଼ରେ ଖନନ ପ୍ରକ୍ରିୟାରେ ୨ହଜାର ବର୍ଷ ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିଥିଲା। ତେବେ ଛାତ୍ରୀଛାତ୍ର ଓ ଗବେଷକମାନେ କେବଳ ଇତିହାସର ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ଏଭଳି ଖନନ ଜନିତ ସର୍ବେକ୍ଷଣ ମାଧ୍ୟମରେ ନୂତନ ଇତିହାସକୁ ଉନ୍ମୋଚନ କରିବାରେ ବ୍ରତୀ ହେବା ଆବଶ୍ୟକ ବୋଲି ଡ. ପ୍ରଧାନ କହିଛନ୍ତି।

# ପିସିସି ସଭାପତିଙ୍କ ନାମରେ ଅଶ୍ଳୀଳ ମନ୍ତବ୍ୟ

## ସାଇବର ଥାନାରେ ଜିଲା କଂଗ୍ରେସର ଅଭିଯୋଗ

ସମ୍ବଲପୁର,୨୪।୧୦(ବି.ଶଙ୍କର)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନାମରେ କେତେଜଣ ବ୍ୟକ୍ତି ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ କ୍ଷେତରାଜପୁର ସାଇବର ଥାନାରେ ଅଭିଯୋଗ ହୋଇଛି। ଜିଲା କଂଗ୍ରେସ ସଭାପତି ଇଞ୍ଜିନିୟର ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସାଇବର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପ୍ରତିନିଧି ଦଳରେ ବରିଷ୍ଠ ଆଇନଜୀବି ନିରଞ୍ଜନ ତ୍ରିପାଠୀ ଓ ପୂର୍ବତନ ଜିଲା ସଭାପତି ଜୟଶଙ୍କର ମିଶ୍ର, ପିସିସି ସଭ୍ୟ ସୁବାସ ବିଶ୍ୱାଳ ଓ ପିସିସି ସମ୍ପାଦକ ଦିଲୀପ ଦୁରିଆ, ପିସିସି ଏସ୍‌ସି ସେଲର ତାପସ କୁମ୍ଭାର, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ନଗର ସଭାପତି ରବି ରାଉତ, ଜିତେନ ମହାନନ୍ଦ, ପିଙ୍କୁ ସିଂ, କୁନାଲ ରାୟ, ତିଲୋତ୍ତମା ଚୋଧୁରୀ, ଦିନବନ୍ଧୁ ପରିଡା, ବୁର୍ଲା ନଗର ସଭାପତି ଗିରିଜା ନାୟକ, ଜୟନ୍ତ ସାହୁ, ସଞ୍ଜିବ ଗର୍ଡିଆ, ନକୁଳ ବେହେରା, ମକରଧ୍ୱଜ ରଣବିଡା, ନନ୍ଦ ବାରିକ ପ୍ରମୁଖ ସାମିଲ ଥିଲେ ।

# ଏନ୍‌ଏସ୍‌ସିବି କଲେଜରେ ସାଇବର ସଚେତନତା ରାଲି

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ପୋଲିସ ଦ୍ୱାରା ଆରମ୍ଭ ହୋଇଥିବା ସାଇବର ସଚେତନତା ଅଭିଯାନ-୨୦୨୫ କ୍ରମରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ଶୁକ୍ରବାର 'କ୍ଲକ୍ କରିବା ପୂର୍ବରୁ ଭାବନ୍ତୁ' ଶୀର୍ଷକ ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ସାଇବର ସଚେତନତାଧର୍ମୀ ତଥା ସାଇବର ଅପରାଧର ମୁକାବିଲାର ବାର୍ତ୍ତାବାହାକ ପ୍ଲାକାର୍ଡ ଗୁଡ଼ିକୁ ହାତରେ ଧରି ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାବାଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧାପକ, ଏନସିସି ଓ ଏନ୍‌ଏସ୍‌ଏସ୍ କ୍ୟାଡେଟଙ୍କ ସହିତ ଉପସ୍ଥିତ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ୟୁପିଆଇ ଠକେଇ, ସେକ୍ସଟୋର୍ସନ, ଚିହ୍ନ ଓ ପରିଚୟ ଚୋରି ଆଦିର ସୁରକ୍ଷା ସହିତ ସାମାଜିକ ଗଣମାଧ୍ୟର ସୁରକ୍ଷିତ ଓ ସଦ୍‌ବ୍ୟବହାର ଉପରେ ଅନେକ ଉପାଦେୟ ପରାମର୍ଶ ଦିଆଯାଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଓ ବିଭିନ୍ନ ଥାନାର ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

## ସୂଚନା ଅଧିକାର କର୍ମୀଙ୍କ ନାଁରେ ମାମଲା ରୁଜୁ

କୁଚିଣ୍ଡା,୨୪।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା କୁଚିଣ୍ଡା ବ୍ଲକ ଅଧିନସ୍ଥ ଅର୍ଡାବାହାଲ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗ ହୋଇଛି। ନିଜକୁ ସୂଚନା ଅଧିକାର କର୍ମୀ ବୋଲାଉଥିବା ସମ୍ପୃକ୍ତ ଅଞ୍ଚଳର ସମୀର ନାୟକଙ୍କ ବିରୋଧରେ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁକରି ଗୁରୁବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ୧୬୪ ଧାରାରେ ମହିଳାଙ୍କ ବୟାନ ରେକର୍ଡ କରାଇଛି। ଏହାଛଡା ଶୁକ୍ରବାର ପୀଡିତାଙ୍କ କୁଚିଣ୍ଡା ମେଡ଼ିକାଲରେ ଡାକ୍ତରୀ ମାଇନା ହୋଇଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମହୁଲପାଲି ଆଇଆଇସି ସୁମିତ ଫିରୋଜ ଏକ୍କା କହିଛନ୍ତି।

ସୂଚନା ଅନୁଯାୟୀ, ଅର୍ଡାବାହାଲ ଗ୍ରାମର ଏହି ମହିଳା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଗତ ୨୦ରେ ସମୀର ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ମହିଳାଙ୍କ ପ୍ରତିରୋଧ ଯୋଗୁ ସମୀର ଏଥିରେ ଅସଫଳ ହେବାରୁ ସମ୍ପୃକ୍ତ ମହିଳାଙ୍କୁ ଏକ ଲୁହା ଛଡ଼ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ମହିଳାଙ୍କ ସମ୍ପର୍କୀୟା ଘଟଣାସ୍ଥଳରେ ପହଞ୍ଚି ସମୀରଙ୍କ କବଳରୁ ରକ୍ଷା କରିବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ମଧ୍ୟ ସମୀର ମାଡ ମାରିଥିବା ଥାନାରେ ଏତଲାରେ ଅଭିଯୋଗ ହୋଇଛି। ଏ ନେଇ ମହିଳା ଜଣକ ୨୦ରେ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଭାରତୀୟ ନ୍ୟାୟ ସଂହିତା ଧାରା ୭୬/୩୩୩/୨୯୬/୧୧୫(୨)/ ୩୫୧(୨)ରେ ଏକ ମାମଲା (ନଂ .୧୩୫/୨୦୨୫) ରୁଜୁକରି ଘଟଣାର ତଦନ୍ତ କରୁଛି। ଅନ୍ୟ ପକ୍ଷରେ ଲୁହା ଛଡ଼ ଆକ୍ରମଣରେ ମହିଳା ଜଣକ ଗୁରୁତର ହୋଇ କୁଚିଣ୍ଡା ଡାକ୍ତରଖାନାରେ ୩ଦିନଧରି ଚିକିତ୍ସିତ ହୋଇଥିଲେ। ସେ ସୁସ୍ଥ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆମ୍ ଆଦମୀ ପାର୍ଟିର ସ୍ମାରକପତ୍ର



ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ଆପ୍ କର୍ମକର୍ତ୍ତାମାନେ ଆସିଛନ୍ତି।

## ପଶ୍ଚିମ ଓଡ଼ିଶାର ୧୮୨୬ଟି ସରକାରୀ ବିଦ୍ୟାଳୟକୁ ବନ୍ଦ କରିବା ନିଷ୍ପତ୍ତିକୁ ବିରୋଧ

ସମ୍ବଲପୁର,୨୪।୧୦(ବି.ଶଙ୍କର)

ସମ୍ପ୍ରତି ଓଡ଼ିଶା ସରକାର ୫ହଜାର ୬ଶହ ୩୦ଟି ସରକାରୀ ବିଦ୍ୟାଳୟ ରାଜ୍ୟରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ପଶ୍ଚିମ ଓଡ଼ିଶାର ୧ହଜାର ୮ଶହ ୨୬ଟି ସରକାରୀ ବିଦ୍ୟାଳୟ ରହିଛି। ତେଣୁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଆମ୍ ଆଦମୀ ପାର୍ଟି(ଆପ୍) ବିରୋଧ କରିଛି। ପଶ୍ଚିମ ଓଡ଼ିଶାର କୌଣସି ସରକାରୀ ବିଦ୍ୟାଳୟକୁ ବନ୍ଦ କରା ନ ଯାଉ ବୋଲି ଆପ୍ ଦାବି କରିଛି। ଏନେଇ ଶୁକ୍ରବାର ଅପରାହ୍ନ ୧ଟା ୩୦ରେ ଦଳ ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ବେଆଇନ ବୋଲି ଆମ୍ ଆଦମୀ ପାର୍ଟିର ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି। ପଶ୍ଚିମ ଓଡ଼ିଶାରେ ଆଦିବାସୀ, ଦଳିତ, ପଛୁଆ ବର୍ଗ ଓ ଗରିବ ଶ୍ରେଣୀର ଲୋକଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ପଶ୍ଚିମ ଓଡ଼ିଶାରେ ସରକାରୀ ବିଦ୍ୟାଳୟ ବନ୍ଦ ହେଲେ ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେବେ ବୋଲି ରାଜ୍ୟ ସମ୍ପାଦକ ସାହୁ ଅଭିଯୋଗ କରିଛନ୍ତି। ଡବଲ ଇଞ୍ଜିନ ସରକାର ଶିକ୍ଷା ଓ ଆଦିବାସୀ ବିରୋଧି ବୋଲି ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିରୁ ଜଣାପଡୁଥିବା ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ କହିଛନ୍ତି। ନିର୍ବାଚନ ପୂର୍ବରୁ ବନ୍ଦ ବିଦ୍ୟାଳୟ ଖୋଲିବ ବୋଲି ଭାଜପା ପ୍ରଚାର କରୁଥିଲା । କିନ୍ତୁ କ୍ଷମତାକୁ ଆସିବା ପରେ ବିଦ୍ୟାଳୟ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ବରଗଡ ଜିଲା ସଭାପତି ଯଦୁମଣି ପଧାନ ସୂଚିତ କରିଥିଲେ। ଭାଜପା ସରକାରଙ୍କ ଶିକ୍ଷା ବିରୋଧି ନୀତିକୁ ସାମଗ୍ରିକ ଭାବେ ଆପ୍ ନିନ୍ଦା କରୁଥିବା ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆପ୍‌ର ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କ ସହ ଦଳର ଲାଲମଣି ଲୁଗୁନ, ସମ୍ବଲପୁର ମହାନଗର ସଭାପତି ପ୍ରଶାନ୍ତ ମହାରଣା, ଜୟକ୍ରିଷ୍ଣା ଛୁରିଆ, ଭୂପେନ ସାହୁ, ବୀର କିଶୋର ଭୋଇ ସାଗର, ମାରିୟମ ବାର୍ଲା, କୁଞ୍ଜ ରୋହିଦାସ, ମାଧବ ମହାକୁର, ସ୍ୱପ୍ନିଲ ମିଶ୍ର, ମିଲୁ ନାଗ, ଅସିତ ସାହୁ, ପଦ୍ମନାଭ ମେହେର, ମେହେଫୁଜ ଆଲମ, ଭୁପେନ, ସିଦ୍ଦିକି ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟଜନ୍ତୁ ସନ୍ତୁଳନ ରକ୍ଷା ସଚେତନତା କାର୍ଯ୍ୟକ୍ରମ

## ବନ୍ୟଜନ୍ତୁଙ୍କ ମଧୁର ସମ୍ପର୍କ ବିଷୟରେ ସଚେତନ ହୁଅ

ସମ୍ବଲପୁର,୨୪।୧୦(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ଏବଂ ରେଙ୍ଗାଲି ପରିବେଶ ଓ ଜଙ୍ଗଲ ବିଭାଗର ମିଳିତ ଆନୁକୂଲ୍ୟରେ ବନ୍ୟଜନ୍ତୁ ସୁରକ୍ଷା ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଘିଚାମୁରା ପଞ୍ଚାୟତର ବେଉଁରା ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଏସିଏଫ୍ ରଣେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ପରିବେଶ ଓ ବନ୍ୟଜନ୍ତୁଙ୍କ ମଧୁର ସମ୍ପର୍କ ବିଷୟରେ ସଚେତନ କରିଥିଲେ। ଏଥିସହ ପରିବେଶ ଯତ୍ନ ନେବା ପାଇଁ ଉପଦେଶ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ସୁନ୍ଦରଗଡ ୱାଇଲ୍ଡ ଲାଇଫ ୱାଡେନ୍ ଆଶୁତୋଷ ନାୟକ ସମ୍ମାନିତ ଅତିଥି ଥିଲେ। ସେ ଜନସାଧାରଣଙ୍କୁ ବନ୍ୟଜନ୍ତୁମାନଙ୍କର ଯତ୍ନ ଉପରେ ଆଲୋକପାତ କରିବା ସହିତ ବୃକ୍ଷରୋପଣ ଉପରେ ଅଗ୍ରାଧିକାର ଦେଇଥିଲେ । ଝାରସୁଗୁଡା ଜିଲାର ପୂର୍ବତନ ବିଇଓ ବେଣୁଧର ଚୌଧୁରୀ ହାତୀ ଓ ମନୁଷ୍ୟ ସମ୍ପର୍କ ଓ ବନ୍ୟପ୍ରାଣୀ କିପରି ସୁରକ୍ଷିତ ରହିବେ, ସେନେଇ ସଚେତନତା ସୃଷ୍ଟି କରିଥିଲେ। ଜାତୀୟ ପୁରସ୍କାର ବିଜେତା ତଥା ଡିଷ୍ଟ୍ରିକ୍ଟ ପ୍ଲାଣ୍ଟସାନ ମୋନିଟରିଂ କମିଟି ୱାଇଲ୍ଡ ଲାଇଫ ୱାଡେନ୍ ପ୍ରହଲ୍ଲାଦ ନାୟକ ମୁଖ୍ୟବକ୍ତା ଥିଲେ। ତାଙ୍କ ବକ୍ତବ୍ୟରେ ସେ କହିଥିଲେ, ବନ୍ୟଜନ୍ତୁ କିପରି ଜନବସତିଠାରୁ ଦୂରରେ ରହିବେ, ସେମାନଙ୍କ ପାଇଁ ଜଙ୍ଗଲରେ ପ୍ରଚୁର ପରିମାଣର ଗଛ ଓ ଖାଦ୍ୟ ଜାତୀୟ ଗଛ ଲଗା ଯାଇପାରିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହିତ ରେଙ୍ଗାଲି ଡିଭିଜନ ରେଞ୍ଜର ସୁଜାତା ପଟେଲ ଆଖପାଖ ଅଞ୍ଚଳରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ ଅତି ଅନାବଶ୍ୟକୀୟ ବୋଲି ଦୃଢ଼ତାର ସହ ସମସ୍ତଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ କାରଖାନାର ସିଏସ୍‌ଆର ଟିମ୍ ଓ ଏନ୍‌ଭାରମେଣ୍ଟ ଟିମ ସହଯୋଗ କରିଥିଲେ। ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।

# ଛକ ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ


ବରେଇପାଲିରେ ପୂର୍ତ୍ତବିଭାଗ କର୍ମଚାରୀଙ୍କ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ତଦାରଖ।

## ବରେଇପାଲି ଛକରେ ୧୭ ଦୋକାନ ଉଚ୍ଛେଦ

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅନ୍ତର୍ଗତ ଡେଙ୍ଗସର୍ଗୀରୁ ବରେଇପାଲିକୁ ସଂଯୋଗୀକରଣ ଛକରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାୟ ୧୭ଟି ଦୋକାନ ଗୃହ ଭଙ୍ଗା ଯାଇଥିବା ସୂଚନା ମିଳିଛି। ସହର ସୌନ୍ଦର୍ଯ୍ୟକରଣ ଯୋଜନାରେ ଏହି ଛକକୁ ପ୍ରଶସ୍ତ କରିବା ପାଇଁ ଏଠାରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶୁକ୍ରବାର ସକାଳ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିଲା। ଏହି ସମୟରେ ଏଠାରେ ସଦର ତହସିଲଦାର, ପୂର୍ତ୍ତ ବିଭାଗ ଓ ମହାନଗର ଅଧିକାରୀମାନେ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟର ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବରେଇପାଲି ଥାନା ପକ୍ଷରୁ ପୋଲିସ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିଲା। ଏହାପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଉଚ୍ଛେଦ ପାଇଁ ଉକ୍ତ ଦୋକନ ଗୁଡ଼ିକୁ ଚିହ୍ନଟ କରାଯାଇ ଦୋକାନ ମାଲିକମାନଙ୍କୁ ନୋଟିସ ମଧ୍ୟ ଦିଆଯାଇଥିଲା।

# ସମ୍ବଲପୁର ବିକାଶ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

## ରାଜ୍ୟସ୍ତରୀୟ କଳା ଉତ୍ସବ



ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ସ୍କୁଲର ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କଳା ଉତ୍ସବରେ ପୁରସ୍କାର ଗ୍ରହଣ କରୁଛନ୍ତି।

ସମ୍ବଲପୁର,୨୪।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦି କନ୍‌ସେପ୍ଟ ସ୍କୁଲର ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କଳା ଉତ୍ସବ -୨୦୨୫ରେ ସଫଳତା ହାସଲ କରିଛନ୍ତି। ସ୍କୁଲର ମୀନାକ୍ଷି ମହାନ୍ତି, ସାଇଶ୍ରିତା ପାଣିଗ୍ରାହୀ, ସୌମ୍ୟରଞ୍ଜନ ସାହୁ ଏବଂ ଓମ୍ ପ୍ରସାଦ ରାଜ୍ୟସ୍ତରୀୟ କଳା ଉତ୍ସବର ସମୂହ କଣ୍ଠ ସଙ୍ଗୀତ ଗାନ ପ୍ରତିଯୋଗିରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହା ପୂର୍ବରୁ ଛାତ୍ରୀଛାତ୍ରମାନେ ବ୍ଲକ୍ ସ୍ତରୀୟ କଳା ଉତ୍ସବ, ଜିଲା ସ୍ତରୀୟ କଳା ଉତ୍ସବ ଓ ଜୋନାଲ ସ୍ତରୀୟ କଳାଉତ୍ସବରେ ଭାଗ ନେଇ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ କଳା ଉତ୍ସବକୁ ମନୋନୀତ ହୋଇଥିଲେ। ଗତ ୨୨ ଓ ୨୩ରେ ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟଠାରେ ପ୍ରତିଯୋଗିତା ହୋଇଥିଲା। ଏନେଇ ଶୁକ୍ରବାର ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମେନ୍ ତଥା ମେନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଛାତ୍ରୀଛାତ୍ର, ସଙ୍ଗୀତ ଗୁରୁ ଲବ ଭୂୟାଁ ଓ ବାଦ୍ୟଯନ୍ତ୍ର ଗୁରୁ ନବକୁମାର ଦାସଙ୍କୁ ଏହି ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲର ଅଧ୍ୟକ୍ଷା ଡି. ଶାନ୍ତା, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସ୍ୱଳ୍ପ ସଞ୍ଚୟ ଜୀବନକୁ ଶୃଙ୍ଖଳିତ କରିଥାଏ

ଜିଲା ସ୍ୱଳ୍ପ ସଞ୍ଚୟ, ଆର୍ଥିକ ସେବା ବିଭାଗ ଆୟୋଜିତ ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର,୨୪।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ହୋଇଯାଇଛି। ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ସହ ନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆଜିର ଜୀବନରେ ସଞ୍ଚୟର ଅନେକ ଆବଶ୍ୟକତା ରହିଛି। ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଞ୍ଚୟ ଅନେକାଂଶରେ ଆବଶ୍ୟକତା ପୂରଣ କରିଥାଏ। ତେଣୁ ମିତବ୍ୟୟିତାକୁ ସୁପ୍ରବନ୍ଧନ କରିବା ସହ ସଞ୍ଚୟ ପ୍ରତି ଧ୍ୟାନ ଦେବା ଉଚିତ। ଏଥିସହ ସାଇବର ଠକେଇର ବ୍ୟାପକତା ବଢ଼ିଛି। ତେଣୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବା ଜରୁରୀ ବୋଲି ସହ ନିର୍ଦ୍ଦେଶକ ସେଠୀ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ସମ୍ବଲପୁର ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମିତବ୍ୟୟିତା, ସ୍ୱଳ୍ପ ସଞ୍ଚୟ ଓ ସାଇବର ଠକେଇ ସମ୍ପର୍କିତ ବକ୍ତୃତା ପ୍ରଦାନ କରିଥିଲେ। ବିଚାରକ ଭାବରେ ତ୍ରିଲୋଚନ ତ୍ରିପାଠୀ, ରାଜାରାମ ପାଢ଼ୀ ଓ ସୂର୍ଯ୍ୟ ପାଣିଗ୍ରାହୀ ଯୋଗ ଦେଇଥିଲେ। ଜୀବନ ଶୈଳୀ ଶୃଙ୍ଖଳିତ କରିବା ସହ ସୁରକ୍ଷିତ ଭବିଷ୍ୟତ ଗଢିବା ପାଇଁ ସଞ୍ଚୟ ପ୍ରତି ଆଗ୍ରହ କରିବା ଅତ୍ୟନ୍ତ ଜରୁରୀ ବୋଲି ଛାତ୍ରୀଛାତ୍ରଙ୍କୁ ବିଚାରକମାନେ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତାରେ ଶାସନସ୍ଥିତ ବିକାଶ ଦି କନସେପ୍ଟ ସ୍କୁଲର ଅମିନିତା ଶତପଥି ପ୍ରଥମ, ବୁଢ଼ାରଜା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରାକ୍ଷୀ ଶର୍ମା ଦ୍ୱିତୀୟ ଓ ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୋଫିଆ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ଅକ୍ଟୋବର ୩୦ ତାରିଖ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱ ମିତବ୍ୟୟିତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସହ ନିର୍ଦ୍ଦେଶକ ସେଠୀ ସୂଚନା ଦେଇଛନ୍ତି।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫**
ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ଚିତ୍ରଗୁପ୍ତଙ୍କ ପୂଜା ପାଳିତ

କ୍ଖଡ଼ିଆଳ,୨୪।୧୦ (ସୁଜିତ କୁମାର ପ୍ରଧାନ)- ନୂଆପଡ଼ା ଜିଲା ଖଡ଼ିଆଳ ରାମସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ଖଡ଼ିଆଳ କରଣ ସମାଜର କଲ୍ୟାଣ ସମିତି ପକ୍ଷରୁ ପ୍ରଭୁ ଚିତ୍ରଗୁପ୍ତ ଦେବଙ୍କ ପୂଜା ପାଳିତ ହୋଇଯାଇଛି। ଦୁଇଦିନ ଧରି ପାଳିତ ପୂଜାରେ କରଣ ସମାଜର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ପୂଜା କର୍ତ୍ତା ଭାବରେ ପ୍ରବୀଣ ରଞ୍ଜନ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ଦିଶା ପଟ୍ଟନାୟକ ଥିବା ବେଳେ ପୂଜକ ଭାବରେ ପ୍ରଫୁଲ୍ଲ ରଥ ଓ ଲକ୍ଷ୍ମୀକାନ୍ତ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ସଭାପତି ସତୀଶ ପଟ୍ଟନାୟକ, ସମ୍ପାଦକ ଜିତେନ୍ଦ୍ର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ଟିଙ୍କୁ ପଟ୍ଟନାୟକଙ୍କ ସମେତ କରଣ ସମାଜର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ। ରାତିରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ମହାବିଦ୍ୟାଳୟରେ ଆନ୍ତଃ ବିଭାଗୀୟ କ୍ରିକେଟ

**ଖଡ଼ିଆଳ,୨୪।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ବିଭାଗ ଉପସଭାପତି ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଶାରୀରିକ ଶିକ୍ଷା ବିଭାଗ ମୁଖ୍ୟ ଡ. ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମ ଦିନ ରସାୟନ ବିଜ୍ଞାନ ସହ ଗଣିତ ଶାସ୍ତ୍ର ବିଭାଗ, ଦ୍ୱିତୀୟ ପର୍ଯ୍ୟାୟରେ କମ୍ପ୍ୟୁଟର ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ରସାୟନ ବିଜ୍ଞାନ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉଦ୍ଭିଦ ବିଜ୍ଞାନ ବିଭାଗର ଖେଳାଳି ବିଜୟୀ ହୋଇଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ।

### ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

**କର୍ଲାମୁଣ୍ଡା,୨୪।୧୦ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ କୌଶିକ ବାବା ଡିଗ୍ରୀ କଲେଜର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟିକା ମନୋରମା ମହାନ୍ତି ମୁଖ୍ୟଅତିଥି, ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀର ମୁଖ୍ୟବକ୍ତା, ପରିଚାଳନା କମିଟି ସଭାପତି ବିବେକ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କଲେଜର ଗୌରବ ବୃଦ୍ଧିରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରବି ମାଝୀ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସମୀର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ସାହୁ, ଭୂପିନ୍ଦ୍ର ରଣା, କସ୍ତୁଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଶ୍ରୀ ଜଗନ୍ନାଥ ଚେତନା ପ୍ରତିଷ୍ଠାନର ବୈଠକ

**ଧର୍ମଗଡ, ୨୪।୧୦ (ଘାସିରାମ ଜଗତ):** ଧର୍ମଗଡ଼ର ଏକ ହୋଟେଲଠାରେ ଶ୍ରୀ ଜଗନ୍ନାଥ ଚେତନା ପ୍ରତିଷ୍ଠାନ ଓ ଗବେଷଣା କେନ୍ଦ୍ରର କଳାହାଣ୍ଡି ଓ ନୂଆପଡ଼ା ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ରାଜ୍ୟ ସଭାପତି ରାଧେଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ସଂଗଠନ ସଚିବ କରୁଣାକର ପ୍ରଧାନ ପ୍ରତିଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଡିସେମ୍ବର ୨୦ ଓ ୨୧ରେ ପୁରୀଠାରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଶିବିରରେ ଯୋଗଦେବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ବୈଠକରେ ନୂଆପଡ଼ା ଜିଲାର ପୂର୍ଣ୍ଣ ଚନ୍ଦ୍ର ମେହେର, ପ୍ରମୋଦ କୁମାର ଜୋଷୀ, ନବୀନ ଚନ୍ଦ୍ର ମେହେର, ତୁଳସୀ ରାମ ମେହେର, କଳାହାଣ୍ଡି ଜିଲାର ବଜେନ୍ଦ୍ର ପଟ୍ଟଯୋଶୀ, ବୀରକିଶୋର ପଣ୍ଡା, ହିମାଂଶୁ ଶେଖର ମୁଣ୍ଡ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ନିରଞ୍ଜନ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ପଟ୍ଟନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୭,୩୩୩ କରିନାହାନ୍ତି ଇ-କେୱାଇସି ଅପ୍‌ଡେଟ୍

ଭବାନୀପାଟଣା,୨୪।୧୦ (ଉତ୍ତମ କୁମାର ଦାଶ)




**କଳାହାଣ୍ଡି ଜିଲା**
- ଜୁନାଗଡ଼ ବ୍ଲକରେ ସର୍ବାଧିକ
- କରି ନ ଥିଲେ ନଭେମ୍ବରରୁ ବନ୍ଦ ହେବ ଚାଉଳ

ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ଅପ୍‌ଡେଟ ଶେଷ ତାରିଖ ଚଳିତ ମାସ ୩୧ ତାରିଖ ରହିଛି। ଏହାରି ଭିତରେ ଇ-କେୱାଇସି ନ କଲେ ଆସନ୍ତା ମାସରୁ ବନ୍ଦ ହେବ ଚାଉଳ। ବର୍ତ୍ତମାନ ଇ-କେୱାଇସି ନ କରି ପାଉଥିବା ଲୋକଙ୍କ ଚାଉଳ ବନ୍ଦ କରିଦିଆଯିବ। କେନ୍ଦ୍ର ସରକାର ଇ-କେୱାଇସି ବନ୍ଦ କରିଛନ୍ତି, ସମୟ ବଢ଼େଇଲେ ଆମେ ବଢ଼େଇବୁ। ବାଦ ପଡ଼ିଥିବା ହିତାଧିକାରୀ ଲିଖିତ ଭାବେ ଦେଲେ ବିଚାର କରାଯିବ ବୋଲି ଗତ ୧୪ ତାରିଖରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲାର ୧୩ ବ୍ଲକର ୧୩ ଲକ୍ଷ ୫୨ହଜାର ୩୯୭ ହିତାଧିକାରୀ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୨ଲକ୍ଷ ୭୫ହଜାର ୬୪ ଜଣ ଇ-କେୱାଇସି ଅପଡେଟ କରିଥିବା ଜଣାପଡିଛି। ଅବଶିଷ୍ଟ ୭୭ ହଜାର ୩୩୩ ଜଣ ଅପଡେଟ କରିନାହାନ୍ତି। ସେଥିମଧ୍ୟରୁ ଜୁନାଗଡ଼ ବ୍ଲକରେ ସର୍ବାଧିକ ୯୪୬୨ ଜଣ ସଦସ୍ୟ ଇ-କେୱାଇସି କରି ନାହାନ୍ତି ଯାହା ଆଶ୍ଚର୍ଯ୍ୟର ବିଷୟ। କାରଣ ଜିଲାର ଥୁଆମୂଳ ରାମପୁର, ଏମ୍ ରାମପୁର ଓ ଲାଞ୍ଜିଗଡ଼ ଭଳି ଦୁର୍ଗମ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ସତ୍ତ୍ୱେ ଅଧିକ ଲୋକ ଇ-କେୱାଇସି କରିଥିବା ବେଳେ ଜୁନାଗଡ଼ ଭଳି ଏକ ଉନ୍ନତ ଅଞ୍ଚଳରେ ପଛରେ ପଡିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହା ପ୍ରକୃତ ହିତାଧିକାରୀ ନାଁ ଭୁତ ହିତାଧିକାରୀ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବର୍ତ୍ତମାନ ବି ଜିଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପଡେଟ କରିବାରେ ଲାଗି ପଡିଛନ୍ତି। ଫଳରେ ଆସନ୍ତା ୬ ଦିନରେ ଆହୁରି ଅନେକ ଲୋକ ଏଥିରେ ଯୋଡିହେବେ। ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୪.୨୮ ଶତକଡା ଇ-କେୱାଇସି ଅପଡେଟ ହୋଇଥିବା ଜଣାପଡିଛି। ତେବେ ନେଟୱର୍କ ସମସ୍ୟା ଯୋଗୁ ଜିଲାର ଦୁର୍ଗମ ଅଞ୍ଚଳରେ ଲୋକେ ପାହାଡ କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପଡେଟ କରୁଛନ୍ତି। ଜିଲାର ଥୁଆମୂଳ ରାମପୁର, ଏମ୍ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ (ସେଣ୍ଟର) ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ସେଠାରେ ପାହାଡ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପଡେଟ କରାଯାଉଛି। ଏହି ସମୟରେ ହିତାଧିକାରୀଙ୍କ ରାଶନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗର ପ୍ରିଣ୍ଟ କିମ୍ବା ଆଇସ୍କାନ କରାଯାଉଛି। ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାଶନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି। ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ କରୁଛନ୍ତି। ଜିଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହିସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୫ ହଜାର ୫୪୭ ସଦସ୍ୟ ମଧ୍ୟରୁ ୬୭ହଜାର ୯୧୦ (୮୯.୮୯%) ହିତାଧିକାରୀ ଇ-କେୱାଇସି ଅପଡେଟ କରିଛନ୍ତି। ବର୍ତ୍ତମାନ ଦୁର୍ଗମ ଅଞ୍ଚଳର ଅନେକ ଲୋକ ଦାଦନ ଖଟି ଯାଇଥିବାବେଳେ ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ଆସୁ ନ ଥିବାରୁ ଇ-କେୱାଇସି ଅପଡେଟ ହୋଇ ପାରୁନାହିଁ। ତଥାପି ଅଧିକରୁ ଅଧିକ ଲୋକଙ୍କ କିପରି ଇ-କେୱାଇସି ଅପଡେଟ କରାଯାଇପାରିବ ସେ ନେଇ ଚେଷ୍ଟା ଚାଲିଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି।

## ନୂତନ ଶିବମନ୍ଦିର ପରିଚାଳନା କମିଟି ଗଠିତ



ବୈଠକରେ କମିଟି କର୍ମକର୍ତ୍ତା ଚୟନ କରାଯାଉଛି।

ରିଷିଡ଼ା,୨୪।୧୦(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ଗ୍ରାମର ନୂତନ ଶିବମନ୍ଦିର ପରିଚାଳନା କମିଟି ବୁଧବାର ଗଠିତ ହୋଇଛି। ଏହି ଅବସରରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମଙ୍ଗଳ ମାଝୀ, ଉପସଭାପତି ରାଜକୁମର ରଣା, ସମ୍ପାଦକ ବସନ୍ତ କୁମାର ସାହୁ, ସହ ସମ୍ପାଦକ ମନୋଜ ରଣା, କୋଷାଧ୍ୟକ୍ଷ ରାକେଶ କେଡ଼ିଆ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବରେ ବିଜୟ କୁମାର ପୁରୋହିତ, ମୁରଲୀଧର ରଣା, ମନୋଜ ଦାସ, ଭୁବନେ ରଣା, ଚୂଡ଼ାମଣି ବାଗ, ତ୍ରିନାଥ ରଣା, ସୁବୀନ୍ଦ୍ର ରଣା, ସନାତନ ନାଏକ, ଯୋଗୀନ୍ଦ୍ର ରଣା ପ୍ରମୁଖ ରହିଛନ୍ତି। ସେହିପରି ଚତୁର୍ଭୁଜ ରଣା, ଅକ୍ରୁର ଗହୀର, ତ୍ରିଗତ ଭୋଇ, ବିନୋଦ ଗହୀର, କ୍ଷେତ୍ରମଣି ରଣା ପ୍ରମୁଖ କମିଟି ସଦସ୍ୟ ଭାବରେ ଚୟନ ହୋଇଛନ୍ତି।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ସୁରଭି କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୋକସରା,୨୪।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ଚିଲିଗୁଡା ସର୍ବମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବିଆର୍‌ସିସି ତଥା ଏବିଇଓ ତୋଫାନ ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା ଓ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ଅବସରପ୍ରାପ୍ତ ଶିକ୍ଷକ ଭୁରିସ୍ରବା ଜାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲ ଓ ଶିକ୍ଷୟିତ୍ରୀ ଯଶୋଧାରା ବାଗ ସଂଯୋଜନା କରିଥିବା ବେଳେ ପ୍ରଥମ ଅଧିବେଶନରେ ପ୍ରଶାନ୍ତ ଶବର ଓ ଦ୍ୱିତୀୟ ଅଧୀବେଶନରେ ଶିକ୍ଷକ ସଞ୍ଜିବ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରୋଇ ହିଂସା ପ୍ରତିରୋଧ ପ୍ରଶିକ୍ଷଣ କର୍ମଶାଳା

**ଭବାନୀପାଟଣା,୨୪।୧୦ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଯୋଜନା ଓ ସମୀକ୍ଷା ବିଭାଗଙ୍କ ସଭାଗୃହରେ ଜିଲାସ୍ତରୀୟ ଘରୋଇ ହିଂସା ପ୍ରତିରୋଧ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଘରୋଇ ହିଂସା (ନିବାରଣ) ଅଧିନିୟମ ୨୦୦୫, ପୀଡିତାଙ୍କ ପାଇଁ ଉପଲବ୍ଧ ସହାୟତା, ପରାମର୍ଶ ପ୍ରକ୍ରିୟା, ସାମାଜିକ ସଚେତନତା ଆଦି ଉପରେ ଆଲୋଚନା ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଅଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଆଇଆଇସି ସାଇବର କ୍ରାଇମ ବିଜୟଲକ୍ଷ୍ମୀ ହିକକା, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜେଜେବି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ୱାନ ଷ୍ଟପ ସେଣ୍ଟରର ପ୍ରତିନିଧିମାନେ ଯୋଗଦେଇଥିଲେ। ଆରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ନିଶା ସମସ୍ତଙ୍କୁ ସ୍ୱାଗତ ଜଣାଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଜିଲା ସଂଯୋଜକ ଏଡ୍‌ଏଟ୍ ଆକ୍ସନ, ଦିବ୍ୟ ରଞ୍ଜନ ଜୋଷୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପାତାଳଗଙ୍ଗା ମହୋତ୍ସବ ପାଳନ ନେଇ ବୈଠକ

ବୋଡ଼େନ,୨୪।୧୦ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ହାଇସ୍କୁଲ ଖେଳ ପଡ଼ିଆ ଗୃହଠାରେ ପାତାଳଗଙ୍ଗା ମହୋତ୍ସବ କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ହେମଧର ମାଝୀ ସଭାପତିତ୍ୱ କରିଥିଲେ। ଅଞ୍ଚଳର ଲୋକକଳା, ସଂସ୍କୃତି ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ମହୋତ୍ସବ ବିଭିନ୍ନ କାରଣରୁ ହୋଇପାରୁ ନ ଥିଲା। ହେଲେ ଏବେ ଉତ୍ସବ ପାଳନ ନେଇ ସ୍ଥାନୀୟ ଯୁବଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି। ସେମାନଙ୍କ ଉଦ୍ୟମରେ ଆସନ୍ତା ଜାନୁଆରୀ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପାତାଳଗଙ୍ଗା ମହୋତ୍ସବ ପାଳନ କରାଯିବା ନେଇ କମିଟି ତରଫରୁ ଦିନ ଧାର୍ଯ୍ୟ କରାଯାଇଥିବା ସଭାପତି ସୂଚନା ଦେଇଥିଲେ। ମହୋତ୍ସବ ନେଇ କିଭଳି ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚିବ ତା'ଉପରେ ଆଲୋଚନା ହୋଇଥିଲା। ସଭାରେ ବୋଡ଼େନ ଅଞ୍ଚଳର ବହୁ ସଂଖ୍ୟାରେ ଯୁବକ ଯୋଗଦାନ କରିଥିଲେ।

## ଗଛରେ ପିଟିହୋଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା,୨୪।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବାଦିଲି ନିକଟରେ ଶୁକ୍ରବାର ଗଛରେ ପିଟିହୋଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭବାନୀପାଟଣା ସହର ଧୋବାପଡାର ଇନ୍ଦ୍ରଜିତ ସେଠୀ (୨୪)। ଇନ୍ଦ୍ରଜିତ ଜୁନାଗଡ଼ରୁ ଭବାନୀପାଟଣା ଯାଉଥିବାବେଳେ ବାଦିଲି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ପିଟି ହୋଇଯାଇଥିଲେ।

## ରାଜ୍ୟସ୍ତରୀୟ କଳା ଉତ୍ସବରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ




ବିକାଶ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଭବାନୀପାଟଣା,୨୪।୧୦(ଉତ୍ତମ କୁମାର ଦାଶ)

ଭୁବନେଶ୍ୱରଠାରେ ଗତ ୨ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ କଳାଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଦଶମ ଶ୍ରେଣୀ ଛାତ୍ର ଅଭିଜିତ ପାତ୍ର ଇନଷ୍ଟ୍ରୁମେଣ୍ଟାଲ ମ୍ୟୁଜିକରେ ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଗଳ୍ପ କଥନରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁପ୍ରଭାତି ପ୍ରଧାନ ଓ ସ୍ମୃତି ପ୍ରଜ୍ଞା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ନାଗେଶର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଖୁସି ବ୍ୟକ୍ତ କରି ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ଉପନିର୍ବାଚନ ପାଇଁ ମାଇକ୍ରୋ ଅବଜର୍ଭରଙ୍କୁ ତାଲିମ

ନୂଆପଡ଼ା,୨୪।୧୦ (ମକାରୁ ବେମାଲ)



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ନୂଆପଡ଼ା ଉପନିର୍ବାଚନ ପାଇଁ ମାଇକ୍ରୋ ଅବଜର୍ଭର (ସୂକ୍ଷ୍ମ ପର୍ଯ୍ୟବେକ୍ଷକ)ଙ୍କ ତାଲିମ ଶିବିର ଶୁକ୍ରବାର ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରି ମାଇକ୍ରୋ ଅବଜର୍ଭରଙ୍କ ଗୁରୁଦାୟିତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଡେପୁଟି କଲେକ୍ଟର ଶେଖ ନସିମ ନିର୍ବାଚନ ଅବଜର୍ଭରମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନା କରିଥିଲେ। ମତଦାନ ଆରମ୍ଭ ହେବାର ୯୦ ମିନିଟ ପୂର୍ବରୁ ମାଇକ୍ରୋ ପର୍ଯ୍ୟବେକ୍ଷକମାନେ ମତଦାନ କେନ୍ଦ୍ରରେ ପହଞ୍ଚିବେ । ସେମାନେ ମତଦାନ କେନ୍ଦ୍ରରେ ପ୍ରସ୍ତୁତି, ସର୍ବନିମ୍ନ ସୁବିଧାର ଉପଲବ୍ଧତା ଯାଞ୍ଚ କରି ପ୍ରମାଣପତ୍ର ଦେବେ। ସେମାନଙ୍କୁ ଇଭିଏମ୍, ଭିଭିପିଏଟି ସଠିକ ପରିଚାଳନା ଏବଂ ଆବଶ୍ୟକ କାଗଜାତ ପୂରଣ କରି ରଖିବାକୁ ତାଲିମ ଦିଆଯାଇଥିଲା। ଏହା ସହିତ ମାଇକ୍ରୋ ପର୍ଯ୍ୟବେକ୍ଷକମାନେ ୮୫ ବର୍ଷରୁ ଊର୍ଦ୍ଧ୍ୱ ମତଦାତା ଓ ଦିବ୍ୟାଙ୍ଗ ଭୋଟରମାନଙ୍କ ମତଦାନ ପ୍ରକ୍ରିୟାରେ ସହାୟତା କରିବେ। ଏହି ତାଲିମ ଶିବିରରେ ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସମେତ ସମସ୍ତ ମାଇକ୍ରୋ ଅବଜର୍ଭର ଅଧିକାରୀ ଯୋଗଦେଇଥିଲେ।

## ୧୪୫ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ

ଖଡ଼ିଆଳ,୨୪।୧୦ (ସୁଜିତ କୁମାର ପ୍ରଧାନ)



ଜବତ କଫ ସିରପ୍ ଓ ଗିରଫ ଅଭିଯୁକ୍ତ।

ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଶୁକ୍ରବାର କଫ ସିରପ୍ ଜବତ ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଡ଼ିଆଳ ଥାନା ଡୁଆଝର ଗ୍ରାମର ବିଷ୍ଣୁ ସତ୍‌ନାମୀ (୨୭)। ବିଭାଗୀୟ ସୂଚନା ଅନୁସାରେ ପୂର୍ବାହ୍ନରେ କୋମନା କୋର୍ଟ ଛକଠାରେ ବିଷ୍ଣୁ ବାଇକ୍ (ସିଜି୦୬ଜିଜେଡ୍-୦୪୬୩)ରେ ୧୪୫ ବୋତଲ କଫ ସିରପ୍ ଡୁଆଝର ଗ୍ରାମକୁ ଆଣି ଚଢା ଦରରେ ବିକିବାକୁ ଯୋଜନା କରୁଥିଲେ। ଏହା ଜାଣିପାରି ଅବକାରୀ ଓଆଇସି ଅଲେଖ ପୁଟେଲଙ୍କ ନେତୃତ୍ୱରେ କର୍ମଚାରୀ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଚଢାଉରେ ଏଏସ୍‌ଆଇ ଅମରନାଥ ବିଶୋଇ, ଧନରାଜ ଦଣ୍ଡସେନା, କନଷ୍ଟେବଲ ଗିରେନ୍ଦ୍ର କଟା, ମଧୁସୂଦନ ସିଂ, ପୁରୋହିତ ବଛା, ଭଗବାନ ହଂସ ପ୍ରମୁଖ ସାମିଲ ହୋଇଥିଲେ।

## ରାତ୍ରିକାଳୀନ କ୍ରିକେଟ: ବେଲଖଣ୍ଡି ଚାମ୍ପିୟନ

କର୍ଲାମୁଣ୍ଡା,୨୪।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅଗାଧୁପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୩୨ ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ କଳାହାଣ୍ଡି ଜିଲାର ବେଲଖଣ୍ଡି ଓ ବଲାଙ୍ଗୀର ଜିଲାର ମଲମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଲମୁଣ୍ଡାକୁ ପରାସ୍ତକରି ବେଲଖଣ୍ଡି ଦଳ ଚାମ୍ପିୟନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ମୁଖ୍ୟ ଅତିଥି ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ରିପୁ ଦମନ ସୌରଭ ମିଶ୍ର, ବିଜେଡି ବ୍ଲକ ସଭାପତି ଯଶୋବନ୍ତ ସାହୁ, ଛାତ୍ର ବିଜେଡି ଜିଲା ସଭାପତି ଅଜିତ କୁମାର ସାହୁ, କର୍ଲାମୁଣ୍ଡା ଭାଜପା ମଣ୍ଡଳ ସଭାପତି ଡୋଲାମଣି ଭୋଇ, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଗଣେଶ କୁମାର, ପୂର୍ବତନ ବିଜେଡି ବ୍ଲକ ସଭାପତି ଯୁଗଳ କିଶୋର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅମ୍ପାୟର ଭାବେ କୁନ୍ତ ସୁନା, ଭୂପିନ୍ଦର ରଣା, ଜୟରାଜ କୁମାର, ବିକାଶ ନନ୍ଦ, ଶେଷଦେବ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଦୁଇ ବାଇକ୍ ମଧ୍ୟରେ ଧକ୍କା: ୩ ଗୁରୁତର

ବଘିଆପଡ଼ା,(ଶ୍ରୀକାନ୍ତ ସାହୁ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡିଅନ୍ତର୍ଗତ ତାଳଗିରିଗ୍ରାମ ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ବୌଦ୍ଧ ଥାନା ଟିକରପଡା ପଞ୍ଚାୟତ ବିରିଗଡ ଗ୍ରାମର ଦିବାକର ଖଟୁଆ ବାଉଁଶୁଣୀ କଲେଜରେ ପାଠ ପଢୁଥିବା ନିଜ ଝିଅ ସହ ବାଇକ୍ ଯୋଗେ ନିଜ ଘରୁ ଜହ୍ନାପଙ୍କ ଆଡକୁ ଆସୁଥିବା ସମୟରେ ସାମ୍ନା ପଟୁ ଆସୁଥିବା କମିରା ଗ୍ରାମର ଜିତେନ୍ଦ୍ର ବାଘଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକ୍‌ର ୩ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ୩ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ବୁର୍ଲା ଭୀମ ସାରକୁ ସ୍ଥାନାନ୍ତର କରାଯାଇଛି ।

### ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ 'ଉତ୍କର୍ଷ–୨୦୨୫'

# ଭଲ ପାଠପଢ଼, ମାନବବାଦୀ ହୁଅ

ସୋନପୁର,୨୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଧୁବାମୁଣ୍ଡା ସ୍ଥିତ ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ଅଧିନରେ ଥିବା ସୁକାନ୍ତି ଏକାଡେମୀ ଓ ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉତ୍କର୍ଷ–୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ ମାନବବାଦୀ ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ । ଉତ୍ତମ ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ବ୍ୟବହାର, ଚରିତ୍ର ଗଠନ ଓ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ଛାତ୍ର ସମାଜ ଦେଶର ଭବିଷ୍ୟତ, ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସୁନାଗରିକ ଭାବେ ଗଢି ତୋଳିବା ଉଚିତ । ଏ ଦିଗରେ ଶିକ୍ଷାନୁଷ୍ଠାନ ଓ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ । ଛାତ୍ରୀଛାତ୍ର ପ୍ରାକ୍ତନ ରାଷ୍ଟ୍ରପତି ଡ. ଅବଦୁଲ କାଲାମଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଜିଲାପାଳ ଏହି ଅବସରରେ ପରାମର୍ଶ ଦେଇଥିଲେ । ସୁକାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ସମ୍ପାଦକ କମଳିନୀ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିବା ସହ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ସନ୍ତୋଷ କୁମାର ବାସ ଓ ସୁକାନ୍ତି ଏକାଡେମୀର ଅଧ୍ୟକ୍ଷ ଅମିତ କର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଜାତୀୟସ୍ତରରେ ଟାଏକୋଣ୍ଡା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ନବମ ଶ୍ରେଣୀର ଛାତ୍ରୀ ଆଦର୍ଶୀ ନାଏକ ଓ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପଞ୍ଚମ ଶ୍ରେଣୀର ଛାତ୍ର ଆଦିତ୍ୟ ନାରାୟଣ ଦାସଙ୍କୁ ସମ୍ମାନିତ କରାଯାଇଥିଲା । ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ପ୍ରୀତିଶ ନାୟକ, ସୁକାନ୍ତି ଏକାଡେମୀର ସଙ୍ଗୀତା ତ୍ରିପାଠୀ, ଆକୃତି ସାହୁ, ସାକ୍ଷୀ ରାଉତ ଓ ପ୍ରିନ୍ସ ଭୋଇଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ଭାବରେ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶୃଙ୍ଖଳିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା । ଦଶମ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୦ଜଣ ଛାତ୍ରୀଛାତ୍ରଙ୍କୁ ତଥା ଦ୍ୱାଦଶ ଶ୍ରେଣୀର ୩ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଚଳିତବର୍ଷ ଅନ୍ୟ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଗିତିସୁଦ୍ଧା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରିତିଶ ନାୟକ, ଅଙ୍କିତା ଦାଶ, ସ୍ମୃତି ସ୍ୱାଗତିକା ପର୍ଡିଆ ଓ ଆଦ୍ୟାନ୍ତ ଶେଖର ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ରମେଶ ମିଶ୍ର, ସ୍ୱାଗତ ସୌରଭ ସାହୁଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।


ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ତରଭାର ସ୍ନେହଲତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ତରଭା,୨୪।୧୦(ମାନଭଞ୍ଜନ ମିଶ୍ର)

ଜମ୍ମୁ କଟରା ସଡକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ସୁବର୍ଣ୍ଣପୁର ଜିଲା ତରଭାର ସ୍ନେହଲତା ମଟାରୀଙ୍କ ଜମ୍ମୁ ଡାକ୍ତରଖାନାରେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି । ତରଭାର ୨ପରିବାର ଜମ୍ମୁ ସ୍ଥିତ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ । ଗତ ୧୪ ତାରିଖ ଉଭୟ ପରିବାରର ୪ଜଣ ସଦସ୍ୟ ଉଭୟ ସ୍ୱାମୀ ସ୍ତ୍ରୀ ଏକ ଅଟୋ ଯୋଗେ ଦେବୀଙ୍କ ଦର୍ଶନ ସାରି ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା । ଜମ୍ମୁ କଟରା ଏକ୍ସପ୍ରେସ ରାସ୍ତାରେ ଅଟୋ ସହ ଏକ ବସ ଧକ୍କା ଦେଇଥିଲା । ଫଳରେ ୨ପରିବାର ମଧ୍ୟରୁ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ବିଚିତ୍ର ସାହୁ ଓ କବିତା ସାହୁ ଏବଂ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ପରିବାରର ଯୋଗେନ୍ଦ୍ର ମଟାରୀଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସ୍ନେହଲତା ମଟାରୀ ଜମ୍ମୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ଜମ୍ମୁ ଡାକ୍ତରଖାନାରେ ଗୁରୁବାର ମଧ୍ୟରାତ୍ରରେ ସ୍ନେହଲତାଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ମୃତଦେହ ଶନିବାର ଭୋର ବିମାନ ଯୋଗେ ଜମ୍ମୁରୁ ଦିଲ୍ଲୀ ଦେଇ ଭୁବନେଶ୍ୱର ପହଞ୍ଚିବ । ସେଠାରୁ ଜିଲା ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଶନିବାର ତରଭାରେ ପହଞ୍ଚିବାର ଅଛି । ମରଶରୀର ସହିତ ପୁଅ ଆଶୁତୋଷ, ବୋହୂ ଅଲିଭା, ଝିଅ ଚିନ୍ମୟୀ ଆସୁଛନ୍ତି । ଏ ଖବର ପ୍ରଚାରିତ ହେବା ପରେ ତରଭାରେ ଶୋକର ଛାୟା ଖେଳିଯାଇଛି ।


ଚିକିତ୍ସିତ ହେଉଥିବା ସମୟରେ ସ୍ନେହଲତା ମଟାରୀ ଓ ତାଙ୍କ ଆତ୍ମୀୟ ।

### ଜମ୍ମୁ କଟରା ସଡ଼କ ଦୁର୍ଘଟଣା

# ମା' ସମଲେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ମଞ୍ଚାସୀନ ଅତିଥି ।

ଘଣ୍ଟାପଡ଼ା,୨୪।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ହାଇସ୍କୁଲ ଖେଳପଡ଼ିଆରେ ମା' ସମଲେଶରୀ ସ୍କୋଟିଂ ଓ ସମଲେଶରୀ ୟୁଥ କ୍ଲବ ଦ୍ୱାରା ଆୟୋଜିତ ମା' ସମଲେଶରୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଦିନ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଗ୍ରୁପ ଏରୁ ୮ଟି ଦଳ ମଧ୍ୟରେ ମୋଟ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । କ୍ୱାଟର ଫାଇନାଲ କର୍ଲାମୁହାଣ ଓ ମାତାକୁପା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ସୁଟ ଆଉଟ ମାଧ୍ୟମରେ ମାତାକୁପା ୪–୩ ଗୋଲରେ କର୍ଲାମୁହାଣକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ସେହିପରି ଅନ୍ୟ କ୍ୱାଟର ଫାଇନାଲରେ ଘଣ୍ଟାପଡ଼ା ଏସଏସ ଦଳ ୨–୦ ଗୋଲରେ କମସରା ଏଫସି ଦଳକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି । ଉକ୍ତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା, ଘଣ୍ଟାପଡା ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି, ଭାଜପା ଘଣ୍ଟାପଡ଼ା ମଣ୍ଡଳ ସଭାପତି ଗୋପୀନାଥ କଅଁର, ପୂର୍ବତନ ଖେଳାଳି ରଷଭ ମାଝୀ, ତପନ ମହଲା ,ସୁଶାନ୍ତ ମାଝି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିବା ବେଳେ ବିରେନ୍ଦ୍ର ଦେହୁରୀ ଓ ଅଗସ୍ତି ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଘଣ୍ଟାପଡ଼ା ଓ ମାତାକୁପା ଦଳ ସେମିରେ

# ମୋଟରସାଇକେଲ ଡିକି ଭାଙ୍ଗି ୩ ଲକ୍ଷ ଲୁଟ୍ ଅଭିଯୋଗ

ବୌଦ୍ଧ,୨୪।୧୦(ଅଜିତ କୁମାର ବାରିକ): ବୌଦ୍ଧ ସହରର ଏନଏସି ଛକ ନିକଟରେ ଶୁକ୍ରବାର ଦିନ ମୋଟର ସାଇକେଲ ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ପଲାସ ଗ୍ରାମର ଭୁବନ ବିଶି ୟୁନିୟନ ବ୍ୟାଙ୍କରେ ୩ ଲକ୍ଷ ଟଙ୍କା ବାନ୍ଧିବାକୁ ଆସିଥିଲେ । ସେ ଏହି ଟଙ୍କା ତାଙ୍କ ମୋଟର ସାଇକେଲ ଡିକିରେ ରଖିଥିଲେ । କିଛି ଜିନିଷ କିଣିବା ପାଇଁ ଏନଏସି ଛକ ପାଖ ଏକ ଦୋକାନକୁ ଯାଇଥିଲେ । ଦୋକାନରୁ ଜିନିଷ କିଣି ଫେରିବା ବେଳେ ମୋଟରସାଇକେଲ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ନେଇ ପଳାଇଥିବା ନେଇ ବୌଦ୍ଧ ଥାନାରେ ବିଶି ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ବୌଦ୍ଧ ଥାନାରେ ନଂ ୪୧୫/୨୫ରେ ଏକ ମାମଲା ରୁଜୁ ହୋଇଛି । ଏନେଇ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରେ ଟଙ୍କା ଲୁଟ ହୋଇଥିବା ନେଇ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

# ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମାଡ଼

ବୌଦ୍ଧ,୨୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଶୁକ୍ରବାର ଦିନ କାର୍ଯ୍ୟାଳୟ ପରିସରରେ ମାଡ ମରାଯିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୂତ୍ରରୁ ଜଣାଯାଇଛି, ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲ ସକାଳ ୮ଟା ୩୦ ମିନିଟ ସମୟରେ ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଥିବା ବେଳେ ବୌଦ୍ଧ ଥାନା ଡାଙ୍ଗପଡା ଗ୍ରାମର ଏ. ବାଘ ନାମକ ଜଣେ ବ୍ୟକ୍ତି ପୂର୍ବରୁ ଆବେଦନ କରିଥିବା ଝିଅର ବିବାହ ସାର୍ଟିଫିକେଟ ପାଇଁ ଆସିଥିଲେ । ସାର୍ଟିଫିକେଟ ପାଇଲେ ଶ୍ରମ କାର୍ଯ୍ୟାଳୟରୁ ଅର୍ଥ ମିଳିବାର ଥିଲା । କିନ୍ତୁ ସାର୍ଟିଫିକେଟକୁ କେନ୍ଦ୍ର କରି ବାଘ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଏ ନେଇ ସାମଲ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଥାନାରେ ନଂ ୪୧୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଥାନାରେ ଅଭିଯୋଗ

# ଆଇନ ସମ୍ପର୍କରେ ସଚେତନ ହେଲେ ପାରାଲିଗାଲ ସ୍ୱେଚ୍ଛାସେବୀ



ତାଲିମ ଶିବିରରେ ମଞ୍ଚାସୀନ ବିଚାରପତି ଓ ଆଇନଜୀବୀ ବୃନ୍ଦ ।

ସୋନପୁର,୨୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ବିକଳ୍ପ ବିବାଦ କେନ୍ଦ୍ର ସମ୍ମିଳନୀ କକ୍ଷରେ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ସକାଶେ ଏକ ଦିନିକିଆ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ନିର୍ଦ୍ଦେଶକ୍ରମେ କଟକ କ୍ଲାପ ଅନୁଷ୍ଠାନ ଓ ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଦେଶରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନୋଟି ଆଇନ ଯଥା–ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନିଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପରିବାର ଅଦାଲତ ଜଜ୍ ପ୍ରଶାନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱ ବିଶ୍ୱତ କର, ଜିଲା ଆଇନସେବା ପ୍ରାଧିକରଣର ସଚିବ ଦେବାଶିଷ ଦାସ, ବରିଷ୍ଠ ଦେଓ୍ୱାନୀ ଜଜ୍ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେଷ୍ଣା ପଟ୍ଟନାୟକ, ପ୍ରୋବେସନ ଅଫିସର ରାହୁଲ କୁମାର ପାଠୀ, ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ କ୍ଲାପ୍‌ର କ୍ରିମିନାଲ ଜଷ୍ଟିସ ପ୍ରୋଟେକ୍ଟ ଡାଇରେକ୍ଟର ଡ. ସଦାନନ୍ଦ ଦାଶ, ଆଇନଜୀବୀ ଚନ୍ଦ୍ରଦେବ ପୁରୋହିତ, ବିଜୟଶ୍ରୀ ବାରିକ ପ୍ରମୁଖ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ଭୈରବୀ ଡିଗ୍ରୀ କଲେଜରେ ଚକ୍ଷୁ ପରୀକ୍ଷା ଶିବିର


ଚକ୍ଷୁ ପରୀକ୍ଷା କରାଯାଉଛି ।

ହରଭଙ୍ଗା,୨୪।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଯୁବ ରେଡକ୍ରସ ଓ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ସହଯୋଗରେ ଶୁକ୍ରବାର ଦିନ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୮୦ ଜଣ ଚକ୍ଷୁ ପରୀକ୍ଷା କରିଥିଲେ । ବିଦ୍ୟାଳୟର ଅଧ୍ୟାପକ ଲଳିତ କୁମାର ମେହେର, ଡ. ପ୍ରମୋଦ କୁମାର ମହାପାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ । ପଣ୍ଡାପାଲି ନେତ୍ର ଚିକିତ୍ସାଳୟର କର୍ମଚାରୀ ନବ କୁମାର ସାହୁ, ମହେଶ ବେହେରା, ହିମାଂଶୁ ପରିଡା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ । ଅଧ୍ୟାପକ ତଥା ଜିଲା ରେଡକ୍ରସ ଯୁବ ସଂଯୋଜକ ସୁରେଶ୍ୱର ଯୋଶୀ ପରିଚାଳନା କରିଥିଲେ ।


## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

**Bid Identification No. VI-11(02)/SERIFED/2025-26/1327/Dt.22.10.2025**

No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.

OIPR-31005/11/0021/2526 Sd./- Managing Director

## OFFICE OF THE NOTIFIED AREA COUNCIL, BANKI

No.2973 dt.22.10.2025

**E-PROCUREMENT NOTICE**

**Bid Identification No. : NAC-BAN-03/2025-26**

**No.C-1310** : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki
OIPR-13153/11/0007/2526

## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-1304

**E-Procurement Notice**

**Tender Call Notice No. 3915/DKLMPLTY / Date: 18.10.2025**

| | | |
|---|---|---|
| 1. | Name of the Work | : Individual Civil Construction work published the **www.tenderodisha.gov.in** website |
